ମୁମ୍ବାଇକୁ ହରାଇ ପ୍ଲେଅଫ୍‌ରେ ରାଜସ୍ଥାନ
ବାଦ୍ ପଡିଲେ ପଞ୍ଜାବ-କୋଲକାତା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika ™

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

E-mail : sambadkalikanews@gmail.com

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

• ବର୍ଷ–୩୩ • ସଂଖ୍ୟା–୧୧୪ • ୨୫ ମଇ ୨୦୨୬ ସୋମବାର • ଭୁବନେଶ୍ୱର • Vol -33 • Issue-114 • 25th May 2026, Monday • Bhubaneswar

RNI Regd.No. : 52640/94 Postal Regd.No. : BN-60/25-27



## ଖୋର୍ଦ୍ଧାରେ ଟ୍ରାଇମେଟ୍ରୋ ଗାର୍ମେଣ୍ଟସ ଓ ଆନାଡ୍ରୋନ୍ ସିଷ୍ଟମ୍ସ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

# ମହିଳା କର୍ମଜୀବୀଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ

ଭୁବନେଶ୍ୱର, ୨୪ା୫
ନ୍ୟୁଜ୍ ବ୍ୟୁରୋ



ଓଡ଼ିଶାରେ ଶିଳ୍ପାୟନର ପ୍ରସାର, ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ଏବଂ ଏଥିପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଖୋର୍ଦ୍ଧା ଜିଲ୍ଲାର ଦୁଇଟି ପ୍ରମୁଖ ଶିଳ୍ପ ସଂସ୍ଥା ପରିଦର୍ଶନ କରି ଏହା କହିଛନ୍ତି ।

ମୁଖ୍ୟମନ୍ତ୍ରୀ ପ୍ରଥମେ କାଳୀବେଟି ସ୍ଥିତ ଏପିକ ଗ୍ରୁପ୍ ର ଅତ୍ୟାଧୁନିକ ବସ୍ତ୍ର ଉତ୍ପାଦନ କାରଖାନା 'ଟ୍ରାଇମେଟ୍ରୋ ଗାର୍ମେଣ୍ଟସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ' ଏବଂ ପରବର୍ତ୍ତୀ ସମୟରେ ମୁଣ୍ଡାଆମ୍ବ ସ୍ଥିତ ପ୍ରତିରକ୍ଷା ଓ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ଅଗ୍ରଣୀ ସଂସ୍ଥା 'ଆନାଡ୍ରୋନ୍ ସିଷ୍ଟମ୍ସ' ପରିସର ପରିଦର୍ଶନ କରିବା ସହ ସେଠାରେ କାର୍ଯ୍ୟରତ ଟିମ୍ ଓ କର୍ମଚାରୀମାନଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି ।

ଏହି ପରିଦର୍ଶନ ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଟ୍ରାଇମେଟ୍ରୋ ଗାର୍ମେଣ୍ଟସ କାରଖାନାର କର୍ମଚାରୀମାନଙ୍କ ସହ ଅତି ନିବିଡ଼ ଭାବେ ଆଲୋଚନା କରି ସେମାନଙ୍କର କାର୍ଯ୍ୟ ପ୍ରଣାଳୀ ଓ କାର୍ଯ୍ୟ ପରିବେଶ ସମ୍ପର୍କରେ ପଚାରି ବୁଝିଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ନିଜ ଗହଣରେ ପାଇ କର୍ମଚାରୀମାନେ ଅତ୍ୟନ୍ତ ଆନନ୍ଦିତ ହେବା ସହ ନିଜର ଅନୁଭୂତି ବାଣ୍ଟି କହିଥିଲେ ଯେ, ରାଜ୍ୟ ସରକାରଙ୍କ ଶିଳ୍ପାନୁକୂଳ ଓ ନିଯୁକ୍ତିଭିତ୍ତିକ ପଦକ୍ଷେପ ଯୋଗୁଁ ସେମାନଙ୍କୁ ଆଉ ଜୀବିକା ଅନ୍ୱେଷଣରେ ବାହାର ରାଜ୍ୟକୁ ଯିବାକୁ ପଡୁନାହିଁ । ନିଜ ମାଟିରେ ରହି ସ୍ୱାବଲମ୍ବୀ ହେବାରେ ସେମାନେ ଗର୍ବ ଓ ଆତ୍ମସନ୍ତୋଷ ଅନୁଭବ କରୁଛନ୍ତି । ଏଭଳି ବସ୍ତ୍ର ଶିଳ୍ପଗୁଡ଼ିକ ରାଜ୍ୟରେ ବ୍ୟାପକ ରୋଜଗାର ସୃଷ୍ଟି କରିବା ସହ ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରୁଛି ବୋଲି ମୁଖ୍ୟମନ୍ତ୍ରୀଙ୍କୁ କର୍ମଚାରୀମାନେ କହିଛନ୍ତି ।

କର୍ମଚାରୀମାନଙ୍କ ସହ କଥା ହୋଇ ମୁଖ୍ୟମନ୍ତ୍ରୀ ଶିଳ୍ପାଞ୍ଚଳରେ ଶ୍ରମିକ ତଥା କର୍ମଚାରୀମାନଙ୍କ ପାଇଁ ଆନୁଷଙ୍ଗିକ ସୁବିଧା ସୁଯୋଗର ବିକାଶ ଉପରେ ସବିଶେଷ ଗୁରୁତ୍ୱାରୋପ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକର ପରିଚାଳନା କର୍ତ୍ତୃପକ୍ଷଙ୍କୁ ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବା ସହ ସ୍ଥାନୀୟ ନିଯୁକ୍ତିକୁ ସର୍ବାଧିକ ଅଗ୍ରାଧିକାର ଦେବାକୁ ପରାମର୍ଶ ଦେଇଥିଲେ । ବିଶେଷ କରି କାର୍ଯ୍ୟରତ ମହିଳା (ପୃଷ୍ଠା ୭ରେ)

## ମହାନଦୀ ମାନସମନ୍ଥନ

# ଫିଟିଲା ସମାଧାନର ବାଟ

ପୁରୀ/ଭୁବନେଶ୍ୱର, ୨୪ା୫
ନ୍ୟୁଜ୍ ବ୍ୟୁରୋ

ମହାନଦୀ ଉପରେ ଛତିଶଗଡ଼ ବନ୍ଧ ନିର୍ମାଣ କରିବା ଓ ଓଡ଼ିଶାର ବିଧିବଦ୍ଧ ବିରୋଧର ପ୍ରାୟ ୧୦ ବର୍ଷ ପରେ ଏବଂ ବିବାଦର ସମାଧାନ ନିମନ୍ତେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଟ୍ରିବୁନାଲ୍ ଗଠନର ୮ ବର୍ଷ ପରେ ମହାନଦୀ ଜଳକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ଚାଲିଥିବା ବିବାଦର ସମାଧାନ ପାଇଁ ଆଶା ଦେଖାଦେଇଛି । ପୁରୀରେ ଉଭୟ ରାଜ୍ୟର ବରିଷ୍ଠ ଅଧିକାରୀ ଓ ଆଇନ ପରାମର୍ଶଦାତାଙ୍କ ମାନସମନ୍ଥନ ପରେ ରାଜ୍ୟ ସରକାର 'ସମାଧାନ' ନେଇ ଆଶାବାଦୀ ହୋଇଛନ୍ତି ।

ପୁରୀରେ ଉଭୟ ରାଜ୍ୟର ଉଚ୍ଚସ୍ତରୀୟ ପ୍ରତିନିଧିମାନଙ୍କ ଉପସ୍ଥିତିରେ ହୋଇଥିବା ବୈଠକ ପରେ ମହାଧିବକ୍ତା ( ଆଡଭୋକେଟ ଜେନେରାଲ) ପୀତାମ୍ବର ଆଚାର୍ଯ୍ୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ 'ଆଶାବାଦୀ'ବୋଲି କହିଥିବା ବେଳେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଅନୁରୂପ ଭାବେ 'ସମାଧାନର ଆଶା ଉଜ୍ଜ୍ୱଳ' ବୋଲି କହିଛନ୍ତି ।

ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ବିଗତ କିଛି ବର୍ଷ ଧରି ମହାନଦୀ ପ୍ରସଙ୍ଗରେ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନା ପ୍ରାୟ ବନ୍ଦ ରହିଥିଲା । କିନ୍ତୁ ବର୍ତ୍ତମାନ ପ୍ରଶାସନିକ ଓ ବୈଷୟିକ ସ୍ତରରେ ଆଲୋଚନା ସଫଳ ଭାବେ ଆଗକୁ ବଢୁଛି । ସେ କହିଛନ୍ତି ଯେ, ମହାନଦୀର ଜଳ ଉଭୟ ରାଜ୍ୟର ଚାଷୀଙ୍କ ଅଧିକାର ଓ ସେଚନ କ୍ଷେତ୍ରରେ କୌଣସି ରାଜ୍ୟର ଚାଷୀ ଯେପରି କ୍ଷତିଗ୍ରସ୍ତ ନ ହେବେ, ସେଥିପାଇଁ ହିସାବ-କିତାବ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଟ୍ରିବ୍ୟୁନାଲଙ୍କ ପରାମର୍ଶକ୍ରମେ ଓଡ଼ିଶା ସରକାରଙ୍କ ପକ୍ଷରୁ ଏକ ଉଚ୍ଚସ୍ତରୀୟ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି । ଛତିଶଗଡ଼ ସରକାର ମଧ୍ୟ ଶୀଘ୍ର ଏଭଳି କମିଟି ଗଠନ କରିବେ । ଏହାପରେ ଉଭୟ ରାଜ୍ୟ ମଧ୍ୟରେ ମନ୍ତ୍ରୀସ୍ତରୀୟ ଆଲୋଚନା ମାଧ୍ୟମରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।

ଶ୍ରୀ ପୂଜାରୀ ଦୃଢ଼ ଆଶା ପ୍ରକାଶ କରି କହିଛନ୍ତି ଯେ, ପ୍ରାୟ ୨୫ ବର୍ଷ ଧରି ଚାଲିଥିବା ଏହି ବିବାଦର ସମାଧାନ ଏବେ ଆଲୋଚନା ମାଧ୍ୟମରେ ସମ୍ଭବ ହେବ ଏବଂ ଓଡ଼ିଶାର ସ୍ୱାର୍ଥ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିବ ।



ଅପରପକ୍ଷରେ, ରବିବାର ପୁରୀ ଠାରେ ଅନୁଷ୍ଠିତ ବୈଠକରେ ଓଡ଼ିଶାର ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଛତିଶଗଡ଼ର ଏଜି ବିବେକ ଶର୍ମାଙ୍କ ସହ ଉଭୟ ରାଜ୍ୟର ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ଓ ବୈଷୟିକ ଦଳ ଉପସ୍ଥିତ ଥିଲେ ।

ବୈଠକ ପରେ ଏକ୍ସ ମାଧ୍ୟମରେ ପ୍ରତିକ୍ରିୟା ଦେଇ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ମହାନଦୀ ଜଳ ବିବାଦର ସମାଧାନ ଦିଗରେ ବୈଠକରେ ଅନେକ ମୂଳ ପ୍ରସଙ୍ଗ ଉପରେ ସନ୍ତୋଷଜନକ ଆଲୋଚନା ହୋଇଛି । ଉଭୟ ରାଜ୍ୟର ଲୋକଙ୍କ ବୃହତ ସ୍ୱାର୍ଥକୁ ଆଖି ଆଗରେ ରଖି ବନ୍ଧୁତ୍ୱପୂର୍ଣ୍ଣ ସମାଧାନ ପାଇଁ ସମସ୍ତେ ସକାରାତ୍ମକ ଉଦ୍ୟମ କରିଥିବା ସେ କହିଛନ୍ତି । ସେ କହିଛନ୍ତି, (ପୃଷ୍ଠା ୭ରେ)

## ୩୧ରେ ବିଏଡ୍, ଜୁନ୍ ୩ରେ ବିଏଚ୍ଏଡ୍ ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର, ୨୪ା୫
ନ୍ୟୁଜ୍ ବ୍ୟୁରୋ

ଦୁଇବର୍ଷିଆ ବିଏଡ୍ ପାଠ୍ୟକ୍ରମ ପାଇଁ ଆସନ୍ତା ୩୧ରେ ପ୍ରବେଶିକା ପରୀକ୍ଷା ହେବ । ଜୁନ୍ ୩ରେ ବିଏଚ୍ଏଡ୍ (ହିନ୍ଦୀ) ଓ ଏମ୍ଏଡ୍ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ଏନେଇ ରାଜ୍ୟ ପ୍ରବରଣ ମଣ୍ଡଳୀ (ଷ୍ଟେଟ୍ ସିଲେକ୍ସନ ବୋର୍ଡ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ମେ' ୩୧ ପୂର୍ବାହ୍ନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ବି.ଏଡ୍ ପ୍ରବେଶିକା ପରୀକ୍ଷା ହେବ । ଜୁନ୍ ୩ ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ବିଏଚ୍ଏଡ୍ (ହିନ୍ଦୀ) ଏବଂ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଏମ୍ଏଡ୍ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ହେବ । ଏନେଇ ଛାତ୍ରଛାତ୍ରୀଙ୍କୁ ସୂଚିତ କରାଯାଇଛି । ଆସନ୍ତା ୨୭ ପୂର୍ବାହ୍ନ ୧୧ଟାରୁ ବିଏଡ୍, ବିଏଚ୍ଏଡ୍ ଓ ଏମ୍ଏଡ୍ ପାଠ୍ୟକ୍ରମର ପ୍ରବେଶିକା ପରୀକ୍ଷା ପାଇଁ ପ୍ରବେଶ ପତ୍ର(ଆଡମିଟ୍ କାର୍ଡ) ଉପଲବ୍ଧ ହେବ । ଛାତ୍ରଛାତ୍ରୀ ଏସ୍ଏସ୍‌ବିର ୱେବ୍‌ସାଇଟକୁ ଯାଇ ନିଜର ପ୍ରବେଶପତ୍ର ଡାଉନଲୋଡ୍ କରିପାରିବେ । ଜୁନ୍ ୪ରେ ଏସ୍ଏସ୍‌ବି ୱେବସାଇଟରେ ପ୍ରବେଶିକା ପରୀକ୍ଷାର ପ୍ରୋଭିଜିନାଲ (ପୃଷ୍ଠା ୭ରେ)

# ପାକ୍ ରେଳରେ ଭୟଙ୍କର ବିସ୍ଫୋରଣ : ୨୪ ମୃତ, ୫୦ ଆହତ

ପାକିସ୍ତାନ, ୨୪ା୫

ରବିବାର ପାକିସ୍ତାନର ଅଶାନ୍ତ ଦକ୍ଷିଣ-ପଶ୍ଚିମ ପ୍ରାନ୍ତ ବେଲୁଚିସ୍ତାନର କ୍ୱେଟାର ଚମନ ରେଳ ଫାଟକ ନିକଟରେ ଏକ ଭୟଙ୍କର ବିସ୍ଫୋରଣ ଘଟିଛି ।

ଏହି ବିସ୍ଫୋରଣରେ ୨୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫୦ରୁ ଅଧିକ ଆହତ ହୋଇଛନ୍ତି । ତେବେ ଏହି ଆକ୍ରମଣକୁ କର୍ତ୍ତୃପକ୍ଷ ଏକ ଲକ୍ଷ୍ୟଭେଦୀ ଆକ୍ରମଣ ବୋଲି ବର୍ଣ୍ଣନା କରିଛନ୍ତି । କାରଣ ବିସ୍ଫୋରଣ ସମୟରେ ସାମରିକ କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ନେଇ ପେଶାୱର ଅଭିମୁଖେ ଏକ ରେଳଗାଡ଼ି ଜାଫର ଏକ୍ସପ୍ରେସ୍ ଯାଉଥିଲା । ଆଗାମୀ ଇଦ୍ ଛୁଟି ପାଇଁ ସେମାନେ ଯାତ୍ରା କରୁଥିଲେ । ଅଧିକାରୀଙ୍କ ଅନୁସାରେ, ଚମନ ଫାଟକରେ



ଏକ ବିସ୍ଫୋରକ ଭର୍ତ୍ତି ଗାଡ଼ି ସିଗନାଲ ନମାନି ଫାଟକ ମଧ୍ୟକୁ ପ୍ରବେଶ କରିଥିଲା ଏବଂ ଗୋଟିଏ ବଗିକୁ ଧକ୍କା ଦେବା ଯୋଗୁଁ ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣର ତୀବ୍ରତା ଯୋଗୁଁ ଅନେକ ବଗି ଲାଇନଚ୍ୟୁତ ହୋଇଥିଲା । ଅନେକ ବଗି ମଧ୍ୟ ଓଲଟି ଯାଇଥିଲା ।

ଏହି ଘଟଣା ପରେ କ୍ୱେଟାର ସରକାରୀ ହସ୍ପିଟାଲଗୁଡ଼ିକରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଡାକ୍ତର ଏବଂ ଡାକ୍ତରୀ କର୍ମଚାରୀଙ୍କୁ ଡକାଯାଇଥିଲା ।

# ତେଲ ସଞ୍ଚୟ କରିବାକୁ କହିଲା ପିଏମ୍‌ଓ

ନୂଆଦିଲ୍ଲୀ, ୨୪ା୫

ମଧ୍ୟପ୍ରାଚ୍ୟ ଯୁଦ୍ଧ ଦେଶର ଆମଦାନି ବିଲ୍‌କୁ ଅସହ୍ୟ ସ୍ତରରେ ପହଞ୍ଚାଇବା ପରେ କେନ୍ଦ୍ର ସରକାର ବେଶ୍ ଚିନ୍ତିତ ହୋଇପଡ଼ିଛନ୍ତି । କିଭଳି ତେଲ ଓ ବିଦେଶୀ ମୁଦ୍ରା ସଞ୍ଚୟ ହୋଇପାରିବ ତାହାର ବାଟ ଦେଖାଇବା ଲାଗି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ତରଫରୁ ଚାରିଟି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟକୁ କୁହାଯାଇଛି । ତେଲ ସଞ୍ଚୟ ସମ୍ପର୍କିତ ପ୍ରସ୍ତାବ ପଠାଇବାକୁ ସଡ଼କ ପରିବହନ ଓ ରାଜପଥ, ଶକ୍ତି, ଭାରି ଶିଳ୍ପ ଏବଂ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟକୁ ପିଏମ୍‌ଓ କହିଛି । ଯେଉଁ ସବୁ ଉପାୟରେ ତେଲ ଓ ବିଦେଶୀ ମୁଦ୍ରା ସଞ୍ଚୟ ହୋଇପାରିବ ତାହା ଜଣାଇବାକୁ ଏହି ମନ୍ତ୍ରଣାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ।



ଯେତେ ଶୀଘ୍ର ଏହି କାମ ହେବ ତାହା ଦେଶ ପାଇଁ ସେତେ ଭଲ ହେବ ବୋଲି କୁହାଯାଇଛି । ଇଲେକ୍ଟ୍ରିକ ଯାନ (ଇଭି)ର ଗ୍ରହଣୀୟତା ବଢ଼ାଇବା ଓ ଫ୍ଲେକ୍ସ-ଫୁଏଲ୍ ଗାଡ଼ିଗୁଡ଼ିକର ଦାମ୍ କମ୍ କରିବା ପ୍ରସ୍ତାବ ଉପରେ ବିଚାର କରାଯାଉଛି ।

ଫ୍ଲେକ୍ସ ଫୁଏଲ୍ ଗାଡ଼ିରେ ଏବେ ଆକାର ଅନୁଯାୟୀ ୧୮ରୁ ୪୦ ପ୍ରତିଶତ ଜିଏସ୍‌ଟି ଆଦାୟ କରାଯାଉଛି । ସେହି ହାରକୁ ୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବା ଉପରେ ବିଚାରବିମର୍ଶ ଚାଲିଛି । ଏହା ବ୍ୟତୀତ କମ୍ ଦାମ୍ ବିଶିଷ୍ଟ ତଥା ଅଧିକ ମାଇଲେଜ୍ ଦେଉଥିବା ଛୋଟ ଗାଡ଼ି କିଭଳି ଅଧିକ ବିକ୍ରି ହୋଇପାରିବ, ସେବିଷୟରେ ମଧ୍ୟ ଚିନ୍ତା କରାଯାଉଛି । ଏହି ପ୍ରସ୍ତାବଗୁଡ଼ିକ ବିଷୟରେ ଜିଏସଟି ପରିଷଦର ଆସନ୍ତ ବୈଠକରେ ଆଲୋଚନା କରାଯିବ ।

ସରକାର ଛୋଟ କାର, ହାଇବ୍ରିଡ୍ କାର, ଇଲେକ୍ଟ୍ରିକକାର୍ ଓ ଫ୍ଲେକ୍ସ ଫୁଏଲ୍ ଇଞ୍ଜିନ ଥିବା କାର୍ ଆଦି ସବୁ ପ୍ରକାର ଅଧିକ ମାଇଲେଜ୍ ଓ କମ୍ ତେଲ ଖର୍ଚ୍ଚ ହେଉଥିବା ଗାଡ଼ିର ଗ୍ରହଣୀୟତା ବଢ଼ାଇବାକୁ ଚାହୁଁଛନ୍ତି । ଗାଡ଼ିରେ ତେଲ କମ୍ ଖର୍ଚ୍ଚ ହେଲେ ଆମଦାନି ମଧ୍ୟ କମ୍ ହୋଇପାରିବ ବୋଲି ସରକାର ଭାବୁଛନ୍ତି । ନିକଟରେ ସଡ଼କ (ପୃଷ୍ଠା ୭ରେ)

# ହର୍ମୁଜ ଦେଇ ଭାରତକୁ ଆସିଲା ପ୍ରଥମ ଏଲ୍ଏନଜି ଜାହାଜ

ନୂଆଦିଲ୍ଲୀ, ୨୪ା୫

ଯୁଦ୍ଧ ପରେ ପ୍ରଥମ ଥର ପାଇଁ ମଧ୍ୟପ୍ରାଚ୍ୟରୁ ଭାରତ ଅଭିମୁଖେ ଏକ ଏଲ୍ଏନ୍‌ଜି (ତରଳୀକୃତ ପ୍ରାକୃତିକ ଗ୍ୟାସ୍) ଜାହାଜ ଆସିଛି । ଏହା ନିରାପଦ ଭାବେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରି ଭାରତର ପଶ୍ଚିମ ଉପକୂଳ ଅଭିମୁଖେ ଅଗ୍ରସର ହୋଇଛି । ବ୍ଲୁମବର୍ଗର ଜାହାଜ ଟ୍ରାକିଂ ତଥ୍ୟରୁ ଜଣାଯାଇଛି ଯେ ଆଡନକ୍ ଲଜିଷ୍ଟିକ୍ସ ଆଣ୍ଡ ସର୍ଭିସେସର ଅଲ୍ ହମରା ନାମକ ଜାହାଜ ନିକଟରେ ଚିହ୍ନଟ ହୋଇଥିଲା । ସେଥିରେ ମାଲ ବୋଝେଇ




ହୋଇଥିଲା ଏବଂ ତାହା ଭାରତ ଅଭିମୁଖେ ଆସୁଥିଲା । ଏହି ଜାହାଜ ଗତମାସ ପ୍ରାୟ ୧୯ ତାରିଖରୁ ସିଗ୍ନାଲ ଦେବା ବନ୍ଦ କରିଦେଇଥିଲା । କିନ୍ତୁ ସେହି ସମୟରେ ତାହା ଖାଲି ଥିଲା ଏବଂ ହର୍ମୁଜର ପୂର୍ବ ପ୍ରବେଶ ପଥ ନିକଟରେ ରହିଥିଲା । (ପୃଷ୍ଠା ୭ରେ)

# ପ୍ରବଳ ଖରାରେ ଶ୍ରମିକଙ୍କୁ କାମରେ ଲଗାଅନି: ପୂର୍ତ୍ତ ବିଭାଗର ତାଗିଦ

ଭୁବନେଶ୍ୱର, ୨୪ା୫
ନ୍ୟୁଜ୍ ବ୍ୟୁରୋ

ଦିନର ସର୍ବାଧିକ ତାପମାତ୍ର ୪୦ ଡିଗ୍ରୀ ଟପିଛି । ଦିନରେ ଦାଉଦାଉ ତାତି । ରାଜ୍ୟ ସରକାର ବହୁ ପୂର୍ବରୁ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୧୧ଟାରୁ ୩ଟା ଯାଏଁ ଶ୍ରମିକଙ୍କୁ କାମରେ ନିୟୋଜିତ ନକରିବାକୁ ନିର୍ଦ୍ଦେଶ ଦେବା ସହ ଏନେଇ ଆବଶ୍ୟକ ସୁରକ୍ଷା ଓ ସ୍ୱାସ୍ଥ୍ୟଗତ ପରାମର୍ଶ ଜାରି କରିଥିଲେ । କିନ୍ତୁ ଏହି ନିର୍ଦ୍ଦେଶର ଖୋଲା ଉଲ୍ଲଂଘନ ଘଟୁଥିବା ଅଭିଯୋଗ ହେବା ଓ ଏକାଧିକ ଅଂଶୁଘାତ ମୃତ୍ୟୁଘଟିବା ପରେ ପୁଣି ପୂର୍ତ୍ତ ବିଭାଗ ଚେତାବନୀ ଜାରି କରିଛି ।



ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ ନ କରିବାକୁ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ପୂର୍ତ୍ତ ବିଭାଗର ଇଆଇସି ସମସ୍ତ ଜୋନର ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ଏହି ମର୍ମରେ ପତ୍ର ଲେଖିଛନ୍ତି ।

ବିଭାଗ ପକ୍ଷରୁ ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଗ୍ରୀଷ୍ମପ୍ରବାହ ପରିପ୍ରେକ୍ଷୀରେ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ ଖରାରେ କାର୍ଯ୍ୟ ନ କରାଇବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି । କିନ୍ତୁ କିଛି ସ୍ଥାନରେ ଏହି ସମୟରେ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ଗଣମାଧ୍ୟମ ସୂତ୍ରରୁ ସରକାରଙ୍କ ଦୃଷ୍ଟିକୁ ଆସିଛି । ଏଣୁ ଠିକା ସଂସ୍ଥାମାନେ ପ୍ରତିବନ୍ଧିତ ସମୟରେ କାର୍ଯ୍ୟ ବନ୍ଦ କରିବା ସହ ଶ୍ରମିକମାନଙ୍କ ପାଇଁ ଛାୟାର ବ୍ୟବସ୍ଥା (ରେଷ୍ଟ ସେଡ୍) ସହ ପାନୀୟ ଜଳ ଓ ଫାଷ୍ଟଏଡ୍ (ପୃଷ୍ଠା ୭ରେ)

## ପୋଖରୀରେ ବୁଡି ଦୁଇ ଛାତ୍ର ମୃତ

ବ୍ରହ୍ମପୁର, ୨୪ା୫
ନ୍ୟୁଜ୍ ବ୍ୟୁରୋ

ବ୍ରହ୍ମପୁର ସହର ଅଙ୍କୁଲି ନୂଆସାହି ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତାରୁ ପାଣିରେ ବୁଡ଼ି ଯାଇ ୨ ଜଣ ନାବାଳକ ଛାତ୍ରଙ୍କ ମୃତ୍ୟୁ ହୋଇଛି । ସେମାନେ ହେଲେ ଆଯୋଧ୍ୟାନଗର ୨ୟ ଲାଇନର ବିଶ୍ୱଜିତ ପଣ୍ଡା(୧୬) ଓ ଖୋଡାସିଂର ଅଭିଜିତ ମାରାଣ୍ଡି(୧୬) । ରବିବାର ଉଭୟ ଏହି ପୋଖରୀକୁ ପହଁରା ଶିଖିବାକୁ ଆସିଥିଲେ । ଗଭୀର ପାଣିରେ ଉଭୟ ବୁଡ଼ି ଯାଇଥିଲେ । ଏହା ଦେଖି ପୋଖରୀ ନିକଟରେ ଥିବା ଲୋକମାନେ ଅଗ୍ନିଶମ (ପୃଷ୍ଠା ୭ରେ)

## ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୫,୯୦୬ (+୦) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୪,୫୮୦ (+୦) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୧,୯୨୯ (+୦) |

## ରୁପା ଦର

| | |
|---|---|
| ରୂପା – ପ୍ରତି ଗ୍ରାମ | ୨୮୫ (+୦) |

## ଏକାଳ ପଖାଳ



ତେଲ ଗ୍ୟାସ୍ ଖାଲି ନୁହେଁ
ସବୁ ଦର ଯାଏ ବଢି
ନିଇତି ଖାଇବା ଜିନିଷ ଓ ତେଲ
ପରିବା ବି ଆଣେ ତଡି
ଫଳ ଦିଏ ମୁହଁ ମୋଡି
ଲଗାପିନ୍ଧା ଦ୍ରବ୍ୟ ଲାଇନିରେ ଏବେ
ଦେଲେଣି ବିକଟ ରଡି ।

# ଇବୋଲାକୁ ଅନ୍ତର୍ଜାତୀୟ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ ଘୋଷଣା କଲା 'ହୁ'



ନୂଆଦିଲ୍ଲୀ, ୨୪ା୫

କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ (ଡିଆରସି) ଏବଂ ଉଗାଣ୍ଡାରେ ଇବୋଲା ରୋଗର ରିପୋର୍ଟ ହୋଇଥିବା ପ୍ରକୋପକୁ ଦୃଷ୍ଟିରେ ରଖି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ), ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ନିୟମ (ଆଇଏଚଆର), ୨୦୦୫ ଅନୁଯାୟୀ, ୧୭ ମଇ ୨୦୨୬ ରେ ପରିସ୍ଥିତିକୁ ଅନ୍ତର୍ଜାତୀୟ ଚିନ୍ତାର ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ (ପିଏଚଇଆଇସି) ଭାବରେ ନିରୁପିତ କରିଛି ।

ଆଫ୍ରିକା ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧ କେନ୍ଦ୍ର (ଆଫ୍ରିକା ସିଡିସି) ମଧ୍ୟ କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ ଏବଂ ଉଗାଣ୍ଡାକୁ ପ୍ରଭାବିତ କରୁଥିବା ବୁଣ୍ଡିବୁଗୟୋ ଷ୍ଟ୍ରେନ ଇବୋଲା ଭାଇରସ ରୋଗର ଚାଲିଥିବା ପ୍ରକୋପକୁ ମହାଦେଶୀୟ ସୁରକ୍ଷାର ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ (ପିଏଚଇସିଏସ୍) ଭାବରେ ଆନୁଷ୍ଠାନିକ ଭାବରେ ଘୋଷଣା କରିଛି ।

ଏହା ବ୍ୟତୀତ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆଇଏଚଆର ଜରୁରୀକାଳୀନ କମିଟି ୨୨ ମଇ ୨୦୨୬ ରେ ପ୍ରବେଶ ସ୍ଥାନଗୁଡ଼ିକରେ ରୋଗ ନିରୀକ୍ଷଣକୁ ମଜଭୁତ କରିବା ପାଇଁ ଅସ୍ଥାୟୀ ସୁପାରିଶ ଜାରି କରିଥିଲା ଯାହା ଦ୍ୱାରା 'ବୁଣ୍ଡିବୁଗିଓ (ପୃଷ୍ଠା ୭ରେ)

# ରାଜ୍ୟରେ ଆଉ ୫ ଦିନ ପର୍ଯ୍ୟନ୍ତ ହିଟ୍ ୱେଭ୍ : ଆଇଏମଡି

ଭୁବନେଶ୍ୱର, ୨୪ା୫
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ତାତି ଓ ଗୁଳୁଗୁଳି ନେଇ ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ପ୍ରତିକ୍ରିୟା ରଖିଛନ୍ତି । ରାଜ୍ୟରେ ଆଉ ୫ ଦିନ ପର୍ଯ୍ୟନ୍ତ ହିଟ୍ ୱେଭ୍ ଜାରି ରହିବ ବୋଲି ସେ କହିଛନ୍ତି ।

ତାପମାତ୍ରା ୪୦ଡିଗ୍ରୀ ଥିଲେ ବି ୪୫ ଡିଗ୍ରୀ ପରି ଅନୁଭୂତ ହେବ । ଉପକୂଳବର୍ତ୍ତୀ ଜିଲ୍ଲାରେ ଅନୁଭୂତ ତାପମାତ୍ରା ଅଧିକ ରହିବ । ସମସ୍ତ ଉପକୂଳବର୍ତ୍ତୀ ଜିଲ୍ଲାରେ ଗୁଳୁଗୁଳି ଅଧିକ, ତେଣୁ ଅନୁଭୂତ ତାତି ଅଧିକ ବୋଲି ସେ କହିଛନ୍ତି ।

ଏଥର କିଛି ବି ନୂଆ ନୁହେଁ, ଆମେ ଅତୀତରେ ଏହା ଅନୁଭବ କରିଛୁ । କୌଣସି ଠାରେ ଏଲ୍ ନିନୋ ଘୋଷଣା ହୋଇ ନାହିଁ ବୋଲି ଆଇଏମଡି ଡିଜି କହିଛନ୍ତି ।

ମନସୁନ୍ ଆସିଲେ ଏଲ୍ ନିନୋ ସକ୍ରିୟ ହୋଇଥାଏ । ଓଡ଼ିଶାକୁ ମନସୁନ୍ ଛୁଇଁବା ନେଇ କୌଣସି ପୂର୍ବାନୁମାନ ହୋଇନି ବୋଲି ସେ କହିଛନ୍ତି ।

ତାତିର ଥାର୍ଡ ଡିଗ୍ରୀରେ ନିର୍ଯାତିତ ପଶ୍ଚିମ ଓଡ଼ିଶା । ସୂର୍ଯ୍ୟଙ୍କ କୋପରେ ସିଝୁଛି ଗାଁଠୁ ସହର । ଗତ ୫ ଦିନ ଧରି ପଶ୍ଚିମ ଓଡ଼ିଶାର କୌଣସି ସହରରେ ପାରଦ ୪୦ ଡିଗ୍ରୀ ତଳକୁ ଖସୁନି ।

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୫ ମଇ ୨୦୨୬ ସୋମବାର




# ବରିଷ୍ଠ ନାଗରିକ ମହାସଂଘକୁ ସମାଜସେବୀ ଧୀରେନ୍ଦ୍ର ସାହୁଙ୍କ ଆମ୍ବୁଲାନ୍ସ ଦାନ

**ଭଦ୍ରକ,, ନ୍ୟୁଜ୍ ବ୍ୟୁରୋ**

ସମାଜସେବୀ ତିହିଡି ଅଂଚଳର ଧୀରେନ୍ଦ୍ର କୁମାର ସାହୁ (ବାବି) ଆଜି ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବା ଉଦ୍ଦେଶ୍ୟରେ ଏକ ଆମ୍ବୁଲାନ୍ସ ଉତ୍ସର୍ଗ କରିଥିଲେ। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ଡଃ ଦିଲୀପ ରାଉତରାଏ ଆମ୍ବୁଲାନ୍ସ ସେବା ଉଦ୍‌ଘାଟନ କରିଛନ୍ତି। ବାବି ବାବୁଙ୍କ ଏହି ମହତ୍ ଉଦ୍ଦେଶ୍ୟକୁ ଜିଲାପାଳ ପ୍ରସଂଶା କରିବା ସହ ଆମ୍ବୁଲାନ୍ସ ସେବାର ସୁବିନିଯୋଗ କାମନା କରିଥିଲେ। ଏହି ଅବସରରେ ଜିଲାପାଳ ଡଃ ରାଉତରାଏ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟପକ୍ଷରେ ସମାଜସେବୀ ଶ୍ରୀ ସାହୁ କହିଲେ ଯେ ପିତାମାତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ମୋର ସମାଜସେବା ପ୍ରତି ଆଗ୍ରହ ପ୍ରକାଶ ପାଇଛି। ବରିଷ୍ଠ ନାଗରିକମାନଙ୍କ ଆଶୀର୍ବାଦ ମୋ ପ୍ରତି ରହିଲେ ଆହୁରି ଆଗକୁ ବଢିଚାଲିବି ବୋଲି ସେ କହିଥିଲେ। ଏହାବ୍ୟତୀତ ଆସନ୍ତା ଦିନରେ ଜିଲାର ୭ଟି ବ୍ଲକ୍‌କୁ ଏଭଳି ଆମ୍ବୁଲାନ୍ସ ସେବା ଯୋଗାଇଦେବାକୁ ମୁଁ ନିଷ୍ପତି ନେଇଛି।

# ସାନ କାଇଁଚପୁର ଗ୍ରାମରେ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ



**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନ କାଇଁଚପୁର ଗ୍ରାମରେ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ ଅତି ଉତ୍ସାହର ସହିତ ଅନୁଷ୍ଠିତ ହୋଇଯାଇଛି । କିଟ୍, କିସ୍, କିମ୍ସ ଓ କଳିଙ୍ଗ ଟିଭିର ପ୍ରତିଷ୍ଠାତା ଡ଼. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଗତ ୨୦୧୩ ମସିହାରୁ ପ୍ରତିଷ୍ଠା ହୋଇଥିବା ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ ୧୩ ବର୍ଷ ଧରି ବିଭିନ୍ନ ଥିମ ଅନୁସାରେ କାର୍ଯ୍ୟ କରୁଥିବା ବେଳେ ଚଳିତ ବର୍ଷ ସେରଟୁ ସାଇନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର କୀଟ ୟୁନିଭରସିଟିର ଡେପୁଟି ଡେଭଲପମେଣ୍ଟ ଛାୟାକାନ୍ତ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୀଟ ୟୁନିଭରସିଟିର କର୍ମଚାରୀ ହେମନ୍ତ କୁମାର ବେହେରାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ପରିଷଦର ୧୫ ନମ୍ବର ଜୋନ ସଭ୍ୟ ସନାତନ ବେହେରା, ସମାଜସେବୀ ପୁର୍ନେନ୍ଦୁ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସାନ କାଇଁଚପୁର ଗ୍ରାମର ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହିତ ଭଲିବଲ ଓ ନେଟ ପ୍ରଦାନ କରିଥିଲେ। ପରେ ଖେଳାଳୀମାନଙ୍କୁ ନେଇ ଭଲିବଲ ଖେଳ ଆୟୋଜନ କରାଯାଇଥିଲା। ଏହା ସହିତ ପ୍ରତିଷ୍ଠାତା ଡ. ସାମନ୍ତଙ୍କ ଏଭଳି ପଦକ୍ଷେପକୁ ଅତିଥି ଓ ଖେଳାଳୀ ମାନେ ଭୁରି ଭୁରି ପ୍ରଶଂସା କରିଥିଲେ । ଏହି ଭଲିବଲ ଟୁର୍ଣ୍ଣାମେଣ୍ଟରେ କୁନା ବେହେରା, ତ୍ରିପତି ରେଡ୍ଡୀଙ୍କ ସମେତ ବହୁ ଖେଳାଳୀ ମାନେ ସାମିଲ ଥିଲେ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି.୯୨ମାମଲା ପଞ୍ଜୀକୃତ



**ଜଗତସିଂହପୁର , ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିର ରେ ଜିଲ୍ଲାପାଳ ଜେ ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୯୨ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୭ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୫ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୭ ଟି, ଆବାସ ଯୋଜନା ସମ୍ପର୍କୀୟ ୭ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୯ ଟି, ଭତ୍ତା ପାଇବା ପାଇଁ ୭ ଟି, ପୋଲିସ ସହାୟତା ପାଇବା ପାଇଁ ୭ଟି ଏବଂ ଅନ୍ୟାନ୍ୟ ୧୮ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୨ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବ୍ଲକ୍ ଉନ୍ନୟନ ଅଧିକାରୀ, ଜଗତସିଂହପୁର, ଆଶୁତୋଷ ମିଶ୍ର, ତହସିଲଦାର, ଜଗତସିଂହପୁର, ଅଜୟ କୁମାର ମହାନ୍ତି, ଜିଲ୍ଲା ସ୍ତରୀୟ ଅଧିକାରୀ, ନିର୍ବାହୀ ଅଧିକାରୀ ପୌର ପରିଷଦ, ଜଗତସିଂହପୁର, ସନ୍ଦିପ ସିଂ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ ।

# ଜନ ଜାତୀୟ ଗାରିମା ଉତ୍ସବ-୨୦୨୬ର ଶୁଭାରମ୍ଭ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଲପଦର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ଜନ ଜାତୀୟ ଗାରିମା ଉତ୍ସବ-୨୦୨୬ର ଶୁଭାରମ୍ଭ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମାଝୀ ପ୍ରଥମ ଦିନରେ 'ଜନ ଭାଗିଦାରୀ, ସବସେ ଦୂର, ସବସେ ପେହଲେ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଉତ୍ସବ ମାଧ୍ୟମରେ ସୁବର୍ଣ୍ଣପୁର ଜିଲ୍ଲାର ୩ଟି ଅନୁସୂଚିତ ଜନଜାତି ଗ୍ରାମର ସାମଗ୍ରିକ ବିକାଶ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ। ବୀରମହାରାଜପୁରର କୁଞ୍ଜାପାଲି, ବିନିକା ବ୍ଲକର ଆଖିଦାଦର ଏବଂ ଉଲୁଣ୍ଡା ବ୍ଲକର ବ୍ରାହ୍ମଣୀପାଲି ଗ୍ରାମକୁ ଏହି ଉତ୍ସବ ପାଇଁ ଚୟନ କରାଯାଇଛି। ଆସନ୍ତା ୨୫.୦୫.୨୦୨୬ ପର୍ଯ୍ୟନ୍ତ ଉତ୍ସବ ପାଳନ କରାଯିବ। ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଏହି ତିନୋଟି ଗ୍ରାମରେ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର, ତହସିଲଦାର ସୁଶ୍ରୀ ସୁଚିସ୍ମିତା ପାଣିଗ୍ରାହୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ହାଂସଦା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂହ ପରିଚାଳନା କରିଥିବାବେଳେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସଂଯୁକ୍ତା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାର ସମସ୍ତ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବଲାଙ୍ଗୀରରେ ହୀରାକୁଦ ଭଳି ସ୍ଥିତି: ନଦୀବନ୍ଧ ତଳେ ଜଳ ସଙ୍କଟ

**ବଲାଙ୍ଗୀର, ନ୍ୟୁଜ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲାରେ ହୀରାକୁଦ ଭଳି ସ୍ଥିତି ସୃଷ୍ଟି ହୋଇଛି। ହୀରାକୁଦ ନଦୀବନ୍ଧ ତଳେ ଥିବା ଗାଁଗୁଡ଼ିକ ଯେମିତି ପାଣି ପାଇଁ ଛଟପଟ ହେଉଛନ୍ତି, ସମାନ ଦୃଶ୍ୟ ଦେଖିବାକୁ ମିଳିଛି ଏଠାରେ। ହୀରାକୁଦ ନଦୀବନ୍ଧରୁ ମାତ୍ର ୫ ଶହ ମିଟର ଦୂରରେ ରହିଛି ବଲବସପୁର ଗାଁ। ହୀରାକୁଦ ନଦୀବନ୍ଧ ତଳେ ଥିଲେ ହେଁ ବର୍ଷତମାମ ପାଣି ସମସ୍ୟା ଲାଗିରହିଛି। ପିଇବା ପାଣିଠାରୁ ଆରମ୍ଭ କରି ଜଳସେଚନ ପାଇଁ ସେଠାରେ ପାଣି ନାହିଁ। ଭୂତଳ ଜଳ ମଧ୍ୟ ଚାହିଦା ମେଣ୍ଟାଇ ପାରୁନାହିଁ। ସମାନ ଘଟଣା ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲ୍ଲାର ଜୀବନରେଖା ଲୋୟର ସୁକତେଲ୍ ନଦୀବନ୍ଧ ତଳେ ଥିବା ମାଗୁରବେଡ଼ା ପଞ୍ଚାୟତରେ। ପଞ୍ଚାୟତର ପଥରଖଣ୍ଡି, ମାଗୁରବେଡ଼ା ଏବଂ କୁଟୁମଡ଼ୋଲା ଗାଁକୁ ପାନୀୟ ଜଳସଂକଟ ଗ୍ରାସିଛି। ପଥରଖଣ୍ଡି ଗାଁ ନଦୀବନ୍ଧର ତଳମୁଣ୍ଡକୁ ମାତ୍ର ୨ କିଲୋମିଟର ଦୂରରେ। ହେଲେ ଗାଁକୁ ପାଣି ନାହିଁ। ତିନି ୱାର୍ଡ ବିଶିଷ୍ଟ ଏହି ଗାଁର ଜନସଂଖ୍ୟା ପାଖାପାଖି ୩ ହଜାର। ଗାଁକୁ ଗୋଟିଏ ଟ୍ୟାଙ୍କର ଯୋଗେ ଜଳଯୋଗାଣ ଚାଲିଛି। କେଉଁ ଦିନ ଟ୍ୟାଙ୍କର ଆସୁଛି, ତ କେଉଁ ଦିନ ଦେଖାନାହିଁ। ଟ୍ୟାଙ୍କର ଆସିଲେ ଗାଁର ୩୦ ପ୍ରତିଶତ ଲୋକଙ୍କୁ କେବଳ ପିଇବା ପାଇଁ ଗରାଏ ଲେଖାଏଁ ମିଳୁଛି। ଗ୍ରାମବାସୀ ପାଳି କରି ଟ୍ୟାଙ୍କର ପାଣି ସଂଗ୍ରହ କରୁଥିବା ବିକଳ ଚିତ୍ର ସାମନାକୁ ଆସିଛି। ବନ୍ଧ ନିର୍ମାଣ ପୂର୍ବରୁ ଗାଁ ନିକଟକୁ ସୁକତେଲ ନଦୀର ପାଣି ସୁଅ ଲାଗୁଥିଲା। ଫଳରେ ଲୋକେ ସବୁ କାମ ପାଇଁ ନଦୀ ଉପରେ ନିର୍ଭର କରି ରହିଯାଉଥିଲେ। ପୂର୍ବରୁ ନଦୀରେ ପର୍ଯ୍ୟାପ୍ତ ପାଣି ଆସୁଥିବାରୁ ଲୋକେ ଚାଷବାସ ଏବଂ ମାଛ ମାରି ଜୀବିକା



ନିର୍ବାହ କରୁଥିଲେ। ହେଲେ ନଦୀବନ୍ଧ ନିର୍ମାଣ ପରେ ଆଉ ପାଣି ଧାର ତଳମୁଣ୍ଡକୁ ରହୁନାହିଁ। ଏପରିକି ଭୂତଳ ଜଳସ୍ତର ମଧ୍ୟ ହ୍ରାସ ପାଇ ଚାଲିଛି। ଗଭୀର ନଳକୂଳ ଖୋଳିଲେ ମଧ୍ୟ ପାଣି ବାହାରୁନଥିବା ସ୍ଥାନୀୟ ବାସିନ୍ଦା ନିରଞ୍ଜନ ପ୍ରଧାନ କହିଛନ୍ତି। ଗାଁରେ ୬-୭ଟି ନଳକୂପ ରହିଛି। ସେଥିରୁ କିଛି ଖରାପ ଥିବାବେଳେ ଅନ୍ୟଗୁଡ଼ିକର ପାଣି ବ୍ୟବହାର ଅନୁପଯୋଗୀ। ତେଣୁ ଗ୍ରାମବାସୀ ଏବେ ସ୍ଥାୟୀ ଜଳଯୋଗାଣ ବ୍ୟବସ୍ଥା କରିବାକୁ ଜୋରଦାର ଦାବି କଲେଣି। ନଦୀବନ୍ଧ ତଳମୁଣ୍ଡରେ ଭୂତଳ ଜଳସ୍ତର କମିବା ଚାଷୀମାନଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି। କାରଣ, ଆସନ୍ତା ଖରିଫ ଋତୁରେ ଲୋୟର ସୁକତେଲ୍ ଡ୍ୟାମ୍‌ରୁ ୪୦ ହଜାର ହେକ୍ଟର ଜମିକୁ ପାଣି ଯୋଗାଣ ପାଇଁ ପ୍ରସ୍ତୁତି ଚାଲିଛି। ଏଥିରେ ଲୋଇସିଂହା ବ୍ଲକ୍‌ର ୧୦,୭୨୧ ହେକ୍ଟର ଜମିକୁ ପାଣି ମାଡ଼ିବ। ତେବେ ଲୋଇସିଂହା ବ୍ଲକ୍ ଅନ୍ତର୍ଗତ ମାଗୁରବେଡ଼ା ପଞ୍ଚାୟତର ଲୋକେ ଜଳସେଚନ ପାଇଁ ପାଣି ପାଇବେ ନା ନାହିଁ, ତାକୁ ନେଇ ଆଶଙ୍କାରେ ରହିଛନ୍ତି। ନଦୀବନ୍ଧରୁ ସିଧା ଜଳସେଚନ ସୁବିଧା ନ ହେଲେ ମାଗୁରବେଡ଼ା ପଞ୍ଚାୟତର ଚାଷ ସମ୍ପୂର୍ଣ୍ଣ ଲୋପ ପାଇଯିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ

# ନାଗରିକମାନଙ୍କୁ ଜୁଲାଇ ପହିଲା ସୁଦ୍ଧା ୧୮ବର୍ଷ ହେଉଥିଲେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବାକୁ ଜିଲ୍ଲାପାଳଙ୍କ ପରାମର୍ଶ

**ବାଲେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ବାଲେଶ୍ୱର ନୂତନ ଜିଲ୍ଲାପାଳ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ସମସ୍ତ ପ୍ରମୁଖ ରାଜନୈତିକ ଦଳର ପ୍ରତିନିଧି ଏବଂ ନିର୍ବାଚନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ବୈଠକରେ ଚଳିତ ବର୍ଷ ଜୁଲାଇ ୧, ୨୦୨୬ କୁ କୁଆଲିଫାଇଂ ତାରିଖ ଭାବେ ଗ୍ରହଣ କରାଯାଇ ଭୋଟର ତାଲିକାରେ ନୂତନ ନାମ ସାମିଲ, ସଂଶୋଧନ ଏବଂ ମୃତ ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଯେଉଁ ନାଗରିକମାନଙ୍କୁ ୧ ଜୁଲାଇ ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ହେଉଥିବ, ସେମାନେ ନିଜର ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ବୈଠକରେ ଉପସ୍ଥିତ ଥିବା ସମସ୍ତ ରାଜନୈତିକ ଦଳର ପ୍ରତିନିଧି ମାନେ ଏହି ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ



ଅନୁରୋଧ କରାଯାଇଛି। ଏକ ସ୍ୱଚ୍ଛ, ନିର୍ଭୁଲ୍ ଏବଂ ସମୃଦ୍ଧ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ ପ୍ରତ୍ୟେକ ରାଜନୈତିକ ଦଳ ନିଜ ନିଜ ସ୍ତରରେ ବୁଥ୍ ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି, ଯେପରି ସ୍ଥାନୀୟ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ସହ ମିଶି କାର୍ଯ୍ୟ ସହଜ ହୋଇପାରିବ। ଶେଷରେ ବାଲେଶ୍ୱର ଜିଲ୍ଲାର ଗଣତନ୍ତ୍ରକୁ ଅଧିକ ମଜବୁତ କରିବା ପାଇଁ ଏବଂ କୌଣସି ଯୋଗ୍ୟ ଭୋଟର ଯେପରି ନିଜର ଅଧିକାରରୁ ବଞ୍ଚିତ ନ ହେବେ, ସେଥିପାଇଁ ସମସ୍ତ ରାଜନୈତିକ ଦଳ ଏବଂ ସାଧାରଣ ଜନତାଙ୍କ ସକ୍ରିୟ ସହଭାଗିତା କାମନା କରାଯାଇଛି। ଏହି ବୈଠକରେ ଜିଲ୍ଲାର ସମସ୍ତ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ନିର୍ବାଚନ ସେଲ୍‌ର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ରସୁଲପୁରରେ ୯୪ ଅଭିଯୋଗ ପଞ୍ଜୀକୃତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ରସୁଲପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୯୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୩ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୮ ଗୋଟି, ରେଡକ୍ରସ ସହାୟତା ପାଣ୍ଠିରୁ ୦୩ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୧ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରସୁଲପୁର ସତ୍ୟାନନ୍ଦ ଦାଶ, ତହସିଲଦାର, ରସୁଲପୁର ସିଦ୍ଧାର୍ଥ କୁମାର ବେହେରା ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଉଠାଜଳସେଚନ ନିଗମ ଠିକାଦାର ସଂଘର ଡିଭିଜନାଲ୍ ବୈଠକ

# ଠିକା କାମ ସମୟରେ ବିଭିନ୍ନ କାର୍ଯ୍ୟରେ ଅସୁବିଧା ସମ୍ପର୍କରେ ଆଲୋଚନା



**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଓଡ଼ିଶା ଉଠା ଜଳସେଚନ ନିଗମ ଠିକାଦାର ସଂଘ ଜଳେଶ୍ୱର ଡିଭିଜନାଲ ଶାଖାର ଏକ ଜରୁରୀ ବୈଠକ ମଞ୍ଜୁପ୍ଲାଜା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସଂଘର ଡିଭିଜନାଲ ସଭାପତି ଘନଶ୍ୟାମ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଗୌରୀଶଙ୍କର ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ନିକଟରେ ଜଳେଶ୍ୱର ଉଠା ଜଳସେଚନ ନିଗମ ଜଳେଶ୍ୱର ଡିଭିଜନ ଅଫିସର ଅବସର ଗ୍ରହଣ କରିଥିବା ନିର୍ବାହୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ଦେ ଓ ବିଭାଗୀୟ ବୈଦୁତିକ ଯନ୍ତ୍ରୀ ସନ୍ତୋଷ କୁମାର ଦାସଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟ ସଂଘରୁ ପର୍ଯ୍ୟବେକ୍ଷକ ଭାବେ ବୈଠକରେ ସାମିଲ ହୋଇଥିବା ଉପସଭାପତି ହୈମବତୀ ନନ୍ଦନ ଚକ୍ରବର୍ତ୍ତୀ, ସଞ୍ଜୟ କୁମାର ମିଶ୍ର, ତାରିଣୀ ପ୍ରସାଦ ଦାସ, ଉମାକାନ୍ତ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ ପ୍ରଦାନ କରାଯାଇଥିଲା। ବୈଠକରେ ଠିକାଦାର ସତ୍ୟଜିତ ବେହେରା, ଭଜହରି ପରିଡ଼ା, ଜଗନ୍ନାଥ ଦାସ, ପ୍ରବୀର କୁମାର ପ୍ରଧାନ, ଦେବାଶିଷ ମାହାନା, ଗିରିଜା ଶଙ୍କର ପ୍ରଧାନ, ପ୍ରଦୀପ ପ୍ରଧାନ, ବାଣେଶ୍ୱର ଦେ,ଦେବବ୍ରତ ଦାସ,ଦିବ୍ୟସୁନ୍ଦର ପରିଡା, ପ୍ରବୀର କୁମାର ପ୍ରଧାନ, ଦିଲ୍ଲୀପ କୁମାର ରାଉଳ, ପ୍ରିୟବ୍ରତ ମହାପାତ୍ର, ଅଜୟ କୁମାର ଦାସ, ଅନନ୍ତ ପାତ୍ର, ଡାକ୍ତର ଟୁଡୁ, ଜାମିନୀକାନ୍ତ ରାଉତ, ଲକ୍ଷ୍ମୀନାରାୟଣ ପାତ୍ର, ଗଗନ ବାରିକ, ମୁକ୍ତିପଦ ସାହୁ, ଅକୁ ବେହେରା, ଜନ୍ମେଜୟ ବେହେରା, ଜଗନ୍ନାଥ ଭୂୟାଁ,ରାଜେଶ ମହାନ୍ତି, ରାଜୀବ କର,କାର୍ତ୍ତିକ ପ୍ରଧାନ, ପ୍ରଦୀପ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ସଂଘର ସାଙ୍ଗଠନିକ ଶକ୍ତିକୁ ସୁଦୃଢ଼ କରିବା ଓ ଠିକା କାମ ସମୟରେ ବିଭିନ୍ନ କାର୍ଯ୍ୟରେ ଅସୁବିଧା ସମ୍ପର୍କରେ ଆଲୋଚନା କରିବା ସହିତ ଆମ ଭିତରେ ଭୁଲ୍ ଠିକ୍‌ର ସମାଧାନ କରିବା ଏବଂ ଅଫିସରଙ୍କୁ ସହଯୋଗ କରି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ଜଣେ ଜଣେ ମତ ପ୍ରକାଶ କରିଥିଲେ।

## ବୀରମହାରାଜପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି

# ୬୨ଟି ଦରଖାସ୍ତ ଗ୍ରହଣ, ୧୮ମାମଲା ତତ୍କାଳ ସମାଧାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବହଲପଦର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ ଓ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ଶ୍ରୀ ନାରାୟଣ ନାଏକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୬୨ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ, ସେଥି ମଧ୍ୟରୁ ୪୨ଟି ବ୍ୟକ୍ତିଗତ ଓ ୨୦ଟି ସାମୁହିକ ଦରଖାସ୍ତ ଥିଲା। ଶୁଣାଣି ସମୟରେ ୧୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟାନ୍ୟ ସମସ୍ତ ଦରଖାସ୍ତଗୁଡିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ



ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଛି।ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ଶ୍ରୀ ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ ଶ୍ରୀ ସୁରେନ୍ଦ୍ର ମେହେର, ତହସିଲଦାର ସୁଶ୍ରୀ ସୁଚିସ୍ମିତା ପାଣିଗ୍ରାହୀ, ବହଲପଦର ସରପଞ୍ଚ ଶ୍ରୀମତୀ ନିରୁପମା ସେଠି ପ୍ରମୁଖ ମଞ୍ଚାସିନ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୀରମହାରାଜପୁର ଶ୍ରୀ ରାଜୀବ ହାଂସଦା ଦ୍ୱାରା ଆୟୋଜିତ ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜଣ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀମତୀ ଉଷାରଣୀ ଦାସ, ସହାୟକ କଲେକ୍ଟର (ଅଭିଯୋଗ) ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ

## ଓଡ଼ିଶା ବଜେଟ୍ ୨୦୨୬-୨୦୨୭ ଶୀର୍ଷକ ଆଲୋଚନାଚକ୍ର

# ବଜେଟ୍‌ରେ ଥିବା ଜନହିତକର ଯୋଜନା ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବ

**ରାଉରକେଲା , ନ୍ୟୁଜ୍ ବ୍ୟୁରୋ**

ରାଉରକେଲା ସହରର ବିଭିନ୍ନ ମହାବିଦ୍ୟାଳୟରେ କାର୍ଯ୍ୟରତ ଭିନ୍ନ ଭିନ୍ନ ବର୍ଗର ଅଧ୍ୟାପକଙ୍କୁ ନେଇ ଗଠିତ ମଞ୍ଚ-ମନ୍ଥନ ଆନୁକୂଲ୍ୟରେ ଓଡ଼ିଶା ବଜେଟ୍ ୨୦୨୬-୨୦୨୭ ଶୀର୍ଷକ ଏକ ବୌଦ୍ଧିକ ବିମର୍ଷ ସେକ୍ଟର-୪ ସ୍ଥିତ ରାଉରକେଲା ମହାବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କ ମାର୍ଗଦର୍ଶନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶ୍ରୀ ତନ୍ତୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶ୍ରୀ ତନ୍ତୀ ତାଙ୍କ ବକ୍ତବ୍ୟରେ ଓଡ଼ିଶା ବଜେଟ୍‌କୁ ନେଇ ଅଧ୍ୟାପକଙ୍କୁ ନେଇ ଗଠିତ ମଞ୍ଚ-ମନ୍ଥନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଏହା ମାଧ୍ୟମରେ ଓଡ଼ିଶା ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମାଜର ବିଭିନ୍ନ




ବର୍ଗର ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବ ବୋଲି କହିଥିଲେ। ଏହା ସହିତ ରାଜ୍ୟ ସରକାରଙ୍କ ଦ୍ୱାରା ଅନ୍ତୋଦୟ ଅର୍ଥାତ୍ ସମାଜର ଶେଷ ଧାଡ଼ିର ଶେଷତମ ବ୍ୟକ୍ତି ନିକଟରେ ସରକାରୀ ଯୋଜନାର ସୁଫଳ ପହଞ୍ଚିବା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ମନ୍ଥନର ସଭାପତି ଶ୍ରୀନାଥ ଜେନାଙ୍କ ସଂଯୋଜନା ଓ ପୌରହିତ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ରାଉରକେଲା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନା, ନୀଳଶୈଳ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଗଜେନ୍ଦ୍ର ନାଥ ଦାଶ, ହୃଷିକେଶ ରାୟ କନିଷ୍ଠ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରଜନୀକାନ୍ତ ମିଶ୍ର, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ମାୟାଧର ବାରିକ ପ୍ରମୁଖ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଓଡ଼ିଶା ବଜେଟ୍‌ର ବିଭିନ୍ନ ଦିଗ ଓ ପ୍ରସଙ୍ଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବିଷୟ ବିଶେଷଜ୍ଞ ମାନେ ସେମାନଙ୍କ ବକ୍ତବ୍ୟରେ କହିଲେ ଯେ ଅର୍ଥନୀତି ବୃଦ୍ଧି ପାଇଁ ବଜେଟ ହେଉଛି ଶକ୍ତିଶାଳୀ ଅସ୍ତ୍ର। ଏହା ସହ ମୌଳିକ ସୁବିଧା ଯଥା ଜଳ, ବିଦ୍ୟୁତ, ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି, ଜଗନ୍ନାଥ ସଂସ୍କୃତିର ବିକାଶ, ଆଦିବାସୀ ସଂସ୍କୃତି, ଜନଜାତି ଙ୍କ ମଧ୍ୟରେ ଥିବା ପାରମ୍ପରିକ ଜ୍ଞାନ କୌଶଳ ର ବିକାଶ, ସମୃଦ୍ଧ କୃଷକ ଯୋଜନା ସହ ପୂର୍ବ ସରକାରଙ୍କ ଅମଳ ଠାରୁ ଚଳିତ ସରକାର ତା'ଠାରୁ ବହୁଗୁଣରେ ଅଧିକ କାର୍ଯ୍ୟକ୍ରମ,୮୩୫ ସ୍କୁଲ ସ୍ଥାପନ ଓ ଆସନ୍ତା ୨୦୨୯ ମସିହା ସୁଦ୍ଧା ୨୦୦ ସ୍କୁଲ ପ୍ରତିଷ୍ଠା ପାଇଁ ଅର୍ଥ ବ୍ୟବସ୍ଥା, ସମୃଦ୍ଧି ଅଙ୍ଗନବାଡି ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା, ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ, ଅନୁସୂଚିତ ତଥା ଜନଜାତିର ଗ୍ରାଜୁଏସନ ପାସ ପରେ ୧ ଲକ୍ଷ ଟଙ୍କା ଆର୍ଥିକ ସହାୟତା ତଥା ରାଜ୍ୟର ଆର୍ଥିକ ଅଭିବୃଦ୍ଧି ପାଇଁ ଯେଉଁ ବଜେଟ ହୋଇଛି ତାହା କିପରି ଲୋକାଭିମୁଖୀ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହିତ ବକ୍ତାମାନେ ରାଉରକେଲା ତଥା ସୁନ୍ଦରଗଡ଼ ଜିଲ୍ଲାର ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗକୁ ନେଇ ବିଧାୟକ ଶ୍ରୀ ତନ୍ତୀ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଅନୁରୋଧ କରିଥିଲେ। ଏହି ଅବସରରେ କିଛି ବୁଦ୍ଧିଜୀବି ସର୍ବଶ୍ରୀ ନଳିନୀକାନ୍ତ ଧର, ଡ଼ଃ ସୁମନ ଦତ୍ତ, ସତ୍ୟନାରାୟଣ ଦାଶ, ଗୋଦାବରୀଶ ଶତପଥୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମନ୍ଥନ ମଞ୍ଚର ସାଧାରଣ ସମ୍ପାଦକ ଡ. ବିଶ୍ୱନାଥ ପରିଜା ଏବଂ ଅନ୍ୟ କର୍ମକର୍ତ୍ତାଙ୍କ ସମେତ ରାଉରକେଲା ମହାବିଦ୍ୟାଳୟର ଅଧ୍ୟାପକ କରୁଣାକର ପାଟ୍ଟଶାଣୀ, ଛାତ୍ରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ସହରର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକଙ୍କ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନର ପ୍ରତିନିଧିମାନେ ଯୋଗଦେଇଥିଲେ।





# ଏମ୍‌କେସିଜିରେ ଥାଲାସେମିଆ-ସିକଲସେଲ୍ ରୋଗୀ ହନ୍ତସନ୍ତ

## ବ୍ରହ୍ମପୁରରେ ରୋଗ ଚିହ୍ନଟ : କଟକରେ ଚିକିତ୍ସା

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌କୁ ଆସୁଥିବା ଦକ୍ଷିଣ ଓଡ଼ିଶାର ଥାଲାସେମିଆ ଓ ସିକିଲ୍‌ସେଲ୍ ରୋଗୀ ଉନ୍ନତ ଚିକିତ୍ସା ପାଇପାରୁନାହାନ୍ତି । ଏମ୍‌କେସିଜିରେ ଜଟିଳ ରୋଗ ଚିହ୍ନଟ ହେବା ପରେ ଚିକିତ୍ସା ପାଇଁ କଟକ ଏସ୍‌ସିବିକୁ ଯିବାକୁ ପଡୁଛି । ଯାହା ଦକ୍ଷିଣ ଓଡ଼ିଶାର ରୋଗୀଙ୍କ ପାଇଁ ଖର୍ଚ୍ଚାନ୍ତ ଏବଂ ସମୟସାପେକ୍ଷ ହୋଇପଡୁଛି । ସେହିକ୍ରମରେ ଏମ୍‌କେସିଜିରେ ଏକ ଉତ୍ସର୍ଗୀକୃତ ଥାଲାସେମିଆ-ସିକିଲସେଲ୍ ଚିକିତ୍ସା କେନ୍ଦ୍ର ଖୋଲିବାକୁ ବିଭିନ୍ନ ସ୍ତରରେ ଦାବି ହେଉଛି । ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ ଓ ରାୟଗଡ଼ା ଭଳି ଜିଲ୍ଲାରେ ଥିବା ଶହ ଶହ ଥାଲାସେମିଆ ଓ ସିକିଲସେଲ୍ ରୋଗୀଙ୍କ ଚିକିତ୍ସା ପାଇଁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡ଼ିକାଲ୍‌ରେ ବର୍ତ୍ତମାନ ଏକ ଡ଼େ-କେୟାର ୱାର୍ଡ଼ ରହିଛି । ସେଠାରେ ଥାଲାସେମିଆ ଓ ସିକିଲସେଲର ସ୍କ୍ରିନିଂ, କାଉନ୍‌ସେଲିଂ, ରକ୍ତ ଦେବା ଭଳି ଦୈନନ୍ଦିନ ଚିକିତ୍ସା ପାଇଁ ସୁବିଧା ରହିଛି । ଏହିସବୁ ରୋଗୀଙ୍କ ରକ୍ତ ପରୀକ୍ଷା କରି ସେମାନଙ୍କ ଶରୀରରେ ସୃଷ୍ଟି ହୋଇଥିବା ଜଟିଳତା ବିଷୟରେ ଜାଣିବାକୁ ଏମ୍‌କେସିଜିରେ ପରୀକ୍ଷା ନିରୀକ୍ଷା କରାଯିବାର ବ୍ୟବସ୍ଥା ରହିଛି । ଏମ୍‌କେସିଜିର ଆରର୍ଡ଼ିସି ଏବଂ ବାୟୋକେମିଷ୍ଟ୍ରି ବିଭାଗରେ ଏହି ରୋଗୀଙ୍କ ସିକିଲିଙ୍ଗ, ଏଚ୍‌ପିଏଲ୍‌ସି, ଡ଼ିଏନ୍‌ଏ, ମଲିକୁଲାର ଜେନେଟେକ୍ସ ଭଳି ପରୀକ୍ଷା ହୋଇପାରୁଛି । ହେଲେ ପରୀକ୍ଷା ପରେ ରୋଗ ଚିହ୍ନଟ ହେଲେ ଏମ୍‌କେସିଜିରେ ଉନ୍ନତ ଚିକିତ୍ସା ବ୍ୟବସ୍ଥା ନଥିବାରୁ ରୋଗୀଙ୍କୁ କଟକ ରେଫର କରିଦିଆଯାଉଛି । ତେଣୁ ଏମ୍‌କେସିଜିରେ ଉତ୍ସର୍ଗୀକୃତ ଥାଲାସେମିଆ ଓ ସିକିଲସେଲ୍ ଚିକିତ୍ସା କେନ୍ଦ୍ର ସ୍ଥାପନ କରିବାକୁ ଏମ୍‌କେସିଜି ପକ୍ଷରୁ ମଧ୍ୟ ଉଦ୍ୟମ ଆରମ୍ଭ କରାଯାଇଛି । ଏହି ସ୍ୱତନ୍ତ୍ର କେନ୍ଦ୍ର ସ୍ଥାପନ ହେଲେ ଥାଲାସେମିଆ ଓ ସିକିଲ୍‌ସେଲ୍ ରୋଗୀଙ୍କୁ ୨୪ ଘଂଟିଆ ଜରୁରୀକାଳୀନ ସେବା ମିଳିପାରିବ । ଆଇସିୟୁ ଏବଂ ଯନ୍ତ୍ରଣା ନିବାରକ ଚିକିତ୍ସା ସୁବିଧା ମିଳିପାରିବ । ବର୍ତ୍ତମାନ ରୋଗୀଙ୍କୁ ସାଧାରଣ ଶିଶୁ ରୋଗ ବିଶେଷଜ୍ଞ କିମ୍ବା ମେଡ଼ିସିନ୍ ଡ଼ାକ୍ତର ଚିକିତ୍ସା କରୁଥିବା ବେଳେ ଏଠାରେ ହେମାଟେଲଜିଷ୍ଟ୍ ତଥା ରକ୍ତ ରୋଗ ବିଶେଷଜ୍ଞ ଏବଂ ପିଡ଼ିଏଆଟ୍ରିକ୍ ହେମାଟୋଲୋଜିଷ୍ଟମାନେ ସ୍ଥାୟୀ ଭାବେ ରହିବେ । ଯାହା ଦ୍ୱାରା ଜଟିଳ ରୋଗର ସଠିକ୍ ପରିଚାଳନା ହୋଇପାରିବ । ସେହିପରି ଏମ୍‌କେସିଜିରେ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ୍ ସୁବିଧା ଉପଲବ୍ଧ ହୋଇପାରିବ । ସମସ୍ତ ସେବା ଗୋଟିଏ ଛାତ ତଳେ ମିଳିବ ଏବଂ ଦକ୍ଷିଣ ଓଡ଼ିଶାରେ ଏହି ମାରାତ୍ମକ ରୋଗର ବଂଶଗତ ପ୍ରଭାବକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି କୁହାଯାଇଛି । ତେବେ ଏମ୍‌କେସିଜିର ଏହି ପ୍ରସ୍ତାବକୁ ରାଜ୍ୟ ସରକାର କେବେ କାର୍ଯ୍ୟକାରୀ କରୁଛନ୍ତି ତାହା ଆଗାମୀ ଦିନରେ ଜଣାପଡ଼ିବ ।

## ପାଣି ପାଇଁ ଡହଳ ବିକଳ ଲୋକେ : ବାଲିଚୁଆ ହିଁ ସାହା ଭରସା



**ବରଗଡ, ନ୍ୟୁଜ ବ୍ୟୁରୋ**

ତୀବ୍ର ଖରା ଓ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବରେ ଗାଇସିଲେଟ ବ୍ଲକ ବୁରୋମୁଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜୁଗିମଠ ଗ୍ରାମରେ ପିଇବା ପାଣିର ଘୋର ସମସ୍ୟା ଦେଖାଦେଇଛି । ଗ୍ରାମର ଅଧିକାଂଶ ନଳକୂପରୁ ପାଣି ବାହାରୁ ନଥିବା ବେଳେ ପାଇପ୍ ଜଳଯୋଗାଣ ବ୍ୟବସ୍ଥା ମଧ୍ୟ ଠପ୍ ହୋଇଯାଇଛି । ଫଳରେ ପିଇବା ପାଣି ପାଇଁ ଗ୍ରାମବାସୀ ଏବେ ପ୍ରାୟ ୧ କି.ମି ଦୂର ଅଙ୍ଗନଦି ଠାରେ ବାଲିଚୁଆଁ ଉପରେ ନିର୍ଭରଶୀଳ ହୋଇପଡ଼ିଛନ୍ତି । ଦିନରାତି ବାଲିଚୁଆଁ ନିକଟରେ ଲୋକଙ୍କ ଭିଡ଼ ଲାଗିରହୁଛି । ଛୋଟ ଛୋଟ ପିଲାଠାରୁ ଆରମ୍ଭ କରି ମହିଳା ଓ ବୃଦ୍ଧମାନେ ମୁଣ୍ଡରେ କଳସୀ, ବାଲ୍ଟି ଓ ଡ୍ରମ୍ ଧରି ପାଣି ସଂଗ୍ରହ ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଦୀର୍ଘଦିନ ହେଲା ପାଣି ସମସ୍ୟା ଲାଗିରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସ୍ଥାୟୀ ସମାଧାନ ପାଇଁ କୌଣସି ଠୋସ୍ ପଦକ୍ଷେପ ନିଆଯାଇନାହିଁ । ପାଇପ୍ ଜଳଯୋଗାଣ ବ୍ୟବସ୍ଥା ମଧ୍ୟ କେବଳ ନାମକୁ ମାତ୍ର ରହିଯାଇଛି । ଖରାଦିନେ ପାଣି ହେଉନି ବୋଲି ଜୁଗିମଠ ଗ୍ରାମକୁ ପାଣି ଆସୁନି ବୋଲି ପ୍ରଶାସନ ମାନକରୁଛି । ଏପରି ସ୍ଥିତିରେ ବାଲିଚୁଆଁରୁ ମିଳୁଥିବା ଅଳ୍ପ ପାଣି ହିଁ ଲୋକଙ୍କ ପାଇଁ ଜୀବନର ଏକମାତ୍ର ଭରସା ପାଲଟିଛି । ସବୁଠାରୁ ବଡ଼ କଥା ହେଲା, ବାଲିଚୁଆଁର ପାଣି ସମ୍ପୂର୍ଣ୍ଣ ପରିଷ୍କାର ନ ଥିବାରୁ ବିଭିନ୍ନ ଜଳଜନିତ ରୋଗ ବ୍ୟାପିବା ଆଶଙ୍କା ମଧ୍ୟ ଦେଖାଦେଇଛି । ତଥାପି ଉପାୟ ନଥିବାରୁ ଲୋକମାନେ ସେହି ପାଣିକୁ ପିଇବା ଓ ଘରୋଇ କାମରେ ବ୍ୟବହାର କରୁଛନ୍ତି । ଅନେକ ସମୟରେ ପାଣି ସଂଗ୍ରହକୁ କେନ୍ଦ୍ର କରି ଲୋକଙ୍କ ମଧ୍ୟରେ ବଚସା ମଧ୍ୟ ହେଉଥିବା ଦେଖାଯାଉଛି । ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ନିର୍ବାଚନ ସମୟରେ ନେତାମାନେ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବର୍ତ୍ତମାନ ପାଣି ସମସ୍ୟା ପ୍ରତି କେହି ଧ୍ୟାନ ଦେଉନାହାନ୍ତି । ଏହି ଘଟଣା ଅଞ୍ଚଳରେ ପାଣି ସମସ୍ୟାର ପ୍ରକୃତ ଚିତ୍ରକୁ ସାମ୍ନାକୁ ଆଣିଛି । ଶୀଘ୍ର ନିୟମିତ ପାଇପ୍ ଜଳଯୋଗାଣ ବ୍ୟବସ୍ଥା କରାନଗଲେ ଆଗାମୀ ଦିନରେ ସମସ୍ୟା ଆହୁରି ଭୟାବହ ରୂପ ନେବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି ।

## ୯୬% ନମ୍ବର ରଖି କଲେଜର ଗୌରବ ଆଣିଛନ୍ତି ଛାତ୍ରଛାତ୍ରୀ




**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲାର ବ୍ୟାସନଗର ପୌରପରିଷଦ ୧ନଂ ୱାର୍ଡ ଯୋଡାବର ଗ୍ରାମ ନିକଟରେ ଥିବା କଳିଙ୍ଗ ଜାଭିୟର୍ସ ହାୟର ସେକେଣ୍ଡାରୀ କଲେଜ ସାଇନ୍ସ ଏଣ୍ଡ କମର୍ସ କଲେଜର ଛାତ୍ରଛାତ୍ରୀମାନେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସର୍ବୋଚ୍ଚ ୯୬ ଶତକଡା ନମ୍ବର ରଖି ଜିଲ୍ଲାରେ ବାଜିମାତ କରିଛନ୍ତି । ତେବେ ଛାତ୍ରଛାତ୍ରୀମାନେ ଏହି କଲେଜ ଆସିବା ପୂର୍ବରୁ ଷାଠିଏରୁ କମ ମାର୍କ ରଖୁଥିଲେ କିନ୍ତୁ କଳିଙ୍ଗ ଯାଭିୟର କଲେଜରେ ପଢ଼ିବାରୁ ୯୦ରୁ ୯୬ ଶତକଡା ନମ୍ବର ରଖି ପାରିଛନ୍ତି ଏବଂ ସ୍କୁଲକୁ ଗର୍ବିତ କରିଛନ୍ତି ବୋଲି କହଛନ୍ତି ଛାତ୍ରଛାତ୍ରୀମାନେ । ଛାତ୍ରଛାତ୍ରୀମାନେ ଏହି ସଫଳତାର ଶ୍ରେୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ବାପା ମାଙ୍କୁ ଦେଇଛନ୍ତି । ଅନ୍ୟପଟେ ସଫଳତା ହାସିଲ କରିଥିବା ଛାତ୍ରଛାତ୍ରୀଙ୍କ ବାପା ମା'ମାନେ କଳିଙ୍ଗ ଜାଭିୟର୍ସ କଲେଜର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଧନ୍ୟବାଦ ଦେବାସହିତ ବିଦ୍ୟାଳୟର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ସେପଟେ କଲେଜ ତରଫରୁ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମେଡାଲ ଦେଇ ଅତିଥି ମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିବା ବେଳେ କଲେଜର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି କ୍ଷତେବେ ଆଜି ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟ ଅଧ୍ୟକ୍ଷ ଜଗବନ୍ଧୁ ମଲ୍ଲିକ, ସେଣ୍ଟ ଜାଭିୟର ସ୍କୁଲର ଅଧ୍ୟକ୍ଷ ହେମନ୍ତ କୁମାର ସେଠି ଓ କିଟ୍‌ର ଅଧ୍ୟକ୍ଷ ବିରଜା ପ୍ରସାଦ ଦାସ ପ୍ରମୁଖ ଅତିଥିମାନେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହିତ ତାଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଖାଲି ଏତିକି ନୁହେଁ କଳିଙ୍ଗ ଜାଭିୟର୍ସ କଲେଜର ସେକ୍ରେଟାରୀ ରାଜୀବ କୁମାର ମହାନ୍ତି ସମସ୍ତ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ବେଶ ପ୍ରଶଂସା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡିଭାଇନ ହାୟର ସେକେଣ୍ଡାରୀ ସ୍କୁଲର ଉଲ୍ଲେଖନୀୟ ସଫଳତା

**ବାରିପଦା, ନ୍ୟୁଜ ବ୍ୟୁରୋ**




ବାରିପଦାସ୍ଥିତ ଡିଭାଇନ ହାୟର ସେକେଣ୍ଡାରୀ ସ୍କୁଲ ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ ହୋଇଥିବା ଯୁକ୍ତ ୨ ପରୀକ୍ଷାରେ ସମସ୍ତ ଛାତ୍ର-ଛାତ୍ରୀ ବେଶ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି । ପ୍ରଥମ ବ୍ୟାଚରେ ୪୨ ଜଣ ଛାତ୍ର-ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ବେଶ୍ କୃତିତ୍ୱର ସହ ଖୁବ୍ ଭଲ ନମ୍ବର ରଖିଛନ୍ତି ଯାହାକି ଏକ ଇତିହାସ ସୃଷ୍ଟି କରିଛି ମୟୂରଭଞ୍ଜ ଜିଲ୍ଲାରେ । ଛାତ୍ର-ଛାତ୍ରୀମାନଙ୍କ ମଧ୍ୟରୁ ୯୦%ରୁ ଅଧିକ ନମ୍ବର ରଖିଥିବା ୧୫ଜଣ ଛାତ୍ର-ଛାତ୍ରୀମାନଙ୍କ ମଧ୍ୟରୁ ଆକାଶ ପ୍ରଧାନ ୯୬.୩୩%, ଶୁଭମ ସ୍ୱସ୍ତିକ କର ୯୫.୫୦%, ମୋହିତ କୁମାର ହେମ୍ବ୍ରମ ୯୩.୫୦%, ସୋନାଲୀ ବେହେରା ୯୩.୩୩%,ଗଜେନ୍ଦ୍ର ସିଂ ୯୩.୧୭%, ନିଲିଶା ଜେନା ୯୩%, ସୁନୟନା ପାତ୍ର ୯୨.୮୩%, ଜସ୍ମିତ ମହାନ୍ତ ୯୨.୬୭%, ଲକ୍ଷ୍ମୀପ୍ରିୟା ରଣା ୯୨.୫୦%, ଚନ୍ଦନ ମହାନ୍ତ ୯୨%, ପ୍ରଣବ କୁମାର ଶ ୯୧.୬୧%, ତନ୍ମୟରଣା ୯୧.୩୩%, ଗଣେଶ ଚନ୍ଦ୍ର ମହାନ୍ତ ୯୦.୮୩%, ରମ୍ୟ ରଞ୍ଜନ ପାତ୍ର ୯୦.୫୦% ଏବଂ ଜିଜ୍ଞାଶୁ ଦଳେଇ ୯୦% ନମ୍ବର ରଖି ଅନୁଷ୍ଠାନ ପାଇଁ ଆଣିଛନ୍ତି ଅନେକ ଗୌରବ । ଉଲ୍ଲେଖ ଯୋଗ୍ୟଯେ ଅନ୍ୟ ସମସ୍ତ ଛାତ୍ର-ଛାତ୍ରୀଙ୍କ ମଧ୍ୟରୁ ୮୫%ରୁ ଅଧିକ ନମ୍ବର ରଖିଛନ୍ତି ୧୬ ଜଣ, ୮୦ %ରୁ ଅଧିକ ନମ୍ବର ରଖିଛନ୍ତି ୦୬ ଜଣ ଏବଂ ୪ ଜଣ ୭୦% ରୁ ଅଧିକ ନମ୍ବର ରଖି ଗୌରବାନ୍ୱିତ କରିଛନ୍ତି ଅନୁଷ୍ଠାନକୁ । ଡିଭାଇନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍‌ର ପ୍ରତିଷ୍ଠାତା ପୂର୍ଣଚନ୍ଦ୍ର ବୁଗୁଡେଇ ଛାତ୍ର-ଛାତ୍ରୀଙ୍କୁ ପରିଶ୍ରମୀ ହେବ ପାଇଁ ପରାମର୍ଶ ଦେଇଥିବା ବେଳେ ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ଛାତ୍ର-ଛାତ୍ରୀଙ୍କର ଏହି ସଫଳତାରେ ନିଜର ଖୁସି ବ୍ୟକ୍ତ କରିବା ସହ ସେମାନଙ୍କର ସମୁଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ପ୍ର. ଦିବ୍ୟଶଙ୍କର ପାଲ ଛାତ୍ର-ଛାତ୍ରୀଙ୍କର କଠିନ ପରିଶ୍ରମ ଦ୍ୱାରା ପାଇଥିବା କୃତିତ୍ୱକୁ ପ୍ରଶଂସା କରିବା ସହ ସେମାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅଭିଭାବକ ଓ ଅଭିଭାବିକା ମାନେ ସମସ୍ତ ଅଧ୍ୟାପକ-ଅଧ୍ୟାପିକା ମାନଙ୍କର ଉଚ୍ଚମାନର ପ୍ରୟୋଗାତ୍ମକ ତଥା ଅତ୍ୟାଧୁନିକ ଶିକ୍ଷାଦାନର ପ୍ରଣାଳୀକୁ ଉଚ୍ଚ ପ୍ରଶଂସା କରିଥିଲେ । ବିଶେଷ ଭାବରେ ଆୟାଜିତ ହୋଇଥିବା ସମ୍ବର୍ଦ୍ଧନା ଉତ୍ସବରେ ସମସ୍ତ ଛାତ୍ର-ଛାତ୍ରୀଙ୍କୁ ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ସମର୍ଦ୍ଧିତ କରିବା ସହ ତାଙ୍କ ସହ ଆସିଥିବା ଅଭିଭାବକ ତଥା ଅଭିଭାବିକା ମାନଙ୍କୁ ମଧ୍ୟ ବିଶେଷ ଭାବେ ସମ୍ମାନିତ କରଯାଇଥିଲା । ଶେଷରେ ସମସ୍ତଙ୍କ ପ୍ରଚେଷ୍ଟାକୁ ନିର୍ଦ୍ଦେଶକ ଭୂରି ଭୂରି ପ୍ରଶଂସା କରିଥିଲେ ।

## କବାଟ ତାଡି ୧୦ ଲକ୍ଷ ଟଙ୍କାର ସୁନା ଗହଣା ଓ ସାମଗ୍ରୀ ଲୁଟ୍

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚୋରି ଦିନକୁ ଦିନ ବଢିବାରେ ଲାଗିଛି । ଚୋରୀରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ବେପରୁଆ ଭାବେ ବୁଲି ତାଙ୍କ ନାମରେ ଅଭିଯୋଗ କରୁଥିବା ଅଭିଯୋଗ କାରୀଙ୍କୁ ଧମକ ଦେଉଛନ୍ତି । କେନ୍ଦ୍ରାପଡା ଜିଲ୍ଲା ଜମ୍ବୁ ସାମୁଦ୍ରିକ ଥାନା ଅଞ୍ଚଳରେ ମୃତ୍ୟୁଞ୍ଜୟ ବୈଷ୍ଣବଙ୍କ ଘରୁ କେହି ନଥିବା ସମୟରେ କବାଟ ତାଡି ପ୍ରାୟ ୧୦ ଲକ୍ଷ ଟଙ୍କାର ସୁନା ଗହଣା, ମୂଲ୍ୟବାନ ଜିନିଷପତ୍ର ଚୋରି କରି ନେଇଛନ୍ତି । ଏହି ଚୋରିରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ଥାନାରେ ଡକାଇ ଥଣ୍ଡା ପେଉଥିବାବେଳେ ଅଭିଯୋଗକାରୀଙ୍କୁ ଅଭିଯୁକ୍ତଙ୍କ ଆଗରେ ଜେରା କରାଯାଉଥିବା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ ହୋଇଛି । ଏ ବିଷୟରେ ଥାନା ଅଧିକାରୀ ଫୋରେନ୍‌ସିକ୍ ଟିମ୍ ଘଟଣା ପରିଦର୍ଶନ କରି ସବୁ ଜିନିଷ ପତ୍ର ଚୋରି ହୋଇଥିବା ଦେଖି ନୀରବଦ୍ରଷ୍ଟା ସାଜିଛନ୍ତି । ଚୋରି ହେବାର ଦୀର୍ଘ ଦୁଇ ମାସ ବିତିଯାଇଥିବା ବେଳେ ଥାନା ଅଧିକାରୀ ଏପର୍ଯ୍ୟନ୍ତ କୌଣସି ଅଭିଯୁକ୍ତକୁ ଗିରଫ କରିନାହାଁନ୍ତି । ଚୋରି ହୋଇଥିବା ଘର ମାଲିକ ଥାନାକୁ ଦୌଡି ଦୌଡି ନୟାନ୍ତ ହୋଇସାରିଲେଣି । ଏହି ଚୋରୀରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କୁ ଓଲଟା ଧମକ ଦେଉଛନ୍ତି । ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ପାଇଁ ଅଭିଯୋଗକାରୀ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଦାବି କରିଛନ୍ତି ।



## ଅଠରଟି ଗଳ୍ପ ସଂକଳନ ଓ ଆଠଟି ଉପନ୍ୟାସର "ଗଳ୍ପ ଗଞ୍ଜାମ ସମ୍ମାନ-୨୦୨୬"ର ନାମ ଘୋଷଣା

**ରମ୍ଭା, ନ୍ୟୁଜ ବ୍ୟୁରୋ**

ରାଜ୍ୟର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ, ବ୍ରହ୍ମପୁର ତରଫରୁ ବର୍ଷ ୨୦୨୬ ନିମନ୍ତେ "ଗଳ୍ପ ଗଞ୍ଜାମ ସମ୍ମାନ" ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଅଛି ।

ଟ୍ରଷ୍ଟର ପ୍ରତିଷ୍ଠାତା ସମ୍ପାଦକ ଭାଗୀରଥି ବେହେରାଙ୍କ ତରଫରୁ ପ୍ରାପ୍ତ ଖବର ଅନୁସାରେ ଅଠରଟି ଗଳ୍ପ ସଂକଳନ ଓ ଆଠଟି ଉପନ୍ୟାସର ରଚୟିତା ମୟୂରଭଞ୍ଜ ଜିଲ୍ଲାର ବିଶିଷ୍ଟ ଲେଖିକା ଡ଼ଃ କବିତା ବାରିକ ୨୦୨୬ ବର୍ଷ ନିମନ୍ତେ 'କଥାକାର ସମ୍ମାନ' ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଭଦ୍ରକରୁ ଗାଳ୍ପିକ ମେଜର ମନୋରଂଜନ ମହାନ୍ତି ଓ କେନ୍ଦୁଝରରୁ ଗାଳ୍ପିକା ସନ୍ତୋଷିନୀ ଗିରି 'ଯୁବ ଗାଳ୍ପିକ ସମ୍ମାନ'ରେ ସମ୍ମାନୀତ ହେବାକୁ ଘୋଷଣା ହୋଇଅଛି । ଏହା ସହ ଗଞ୍ଜାମର ଜିଲ୍ଲାର ଗାଳ୍ପିକା ସରୋଜିନୀ ସାହୁ ତାଙ୍କରି ଗଳ୍ପ ପୁସ୍ତକ 'ଏକାନ୍ତ ପୃଥିବୀ ଅସ୍ତମିତ ଅନୁରାଗ' ନିମନ୍ତେ 'ଗଳ୍ପ ପୁସ୍ତକ ସମ୍ମାନ'ରେ ସମ୍ମାନିତ ହେବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଗଞ୍ଜାମ ଜିଲ୍ଲାରୁ ଗାଳ୍ପିକ ତ୍ରିନାଥ ବେହେରା, ଅନୁଗୁଳରୁ ଗାଳ୍ପିକା ଭୁବନେଶ୍ୱରୀ ମିଶ୍ର, କୋରାପୁଟରୁ ଡ଼ଃ ସବିତା ଶତପଥୀ, କେନ୍ଦ୍ରାପଡାରୁ ଗାଳ୍ପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ, ଭୁବନେଶ୍ୱରରୁ ଗାଳ୍ପିକ ଦାମୋଦର ପାତ୍ର ଓ ମାଲକାନଗିରିରୁ ଗାଳ୍ପିକ ପ୍ରଦୀପ ସରକାର 'ଗଳ୍ପ ପ୍ରତିଭା ସମ୍ମାନ' ରେ ସମ୍ମାନିତ ହେବାକୁ ଚୟନୀତ ହୋଇଛନ୍ତି ।



ଗଳ୍ପ ଗଞ୍ଜାମ ୨୦୨୬ର ସମ୍ପାଦକ ଧର୍ମାନନ୍ଦ ମହାରଣା, ସଭାପତି ଡ଼ା ରାଜେନ୍ଦ୍ର କୁମାର ବେହେରା, ଉପ ସଭାପତି ଭାଗୀରଥି ପଣ୍ଡା, ଉପଦେଷ୍ଟା ଗଦାଧର ପାତ୍ର, ଉପଦେଷ୍ଟା ଇଁ ନଳିନୀକାନ୍ତ ନାୟକ, ଉପଦେଷ୍ଟା ସୁଧାଂଶୁ ଶେଖର ସାହୁ, ସଂପାଦିକା ଜୟନ୍ତୀ ବେହେରା, ସହ ସମ୍ପାଦକ ତ୍ରିଲୋଚନ ଦାସ, ଗାଳ୍ପିକ ଗୋପୀନାଥ ଦାଶ ଆଦି ବିଚାରକ ଗଣ ସମ୍ମାନିତ ହେବାକୁ ଥିବା ଗାଳ୍ପିକ ଗାଳ୍ପିକାଙ୍କୁ ଆନୁଷ୍ଠାନିକ ଭାବେ ଶୁଭେଚ୍ଛା ଜଣାଇବା ସହ ଆସନ୍ତା ଜୁନ ମାସ ୨୬ ତାରିଖ ରବିବାର ଦିନ ଆଡମ୍ବରପୂର୍ଣ୍ଣ ଗଳ୍ପ 'ଗଞ୍ଜାମ ଉତ୍ସବ ୨୦୨୬' ଆୟୋଜନ ହେବ ବୋଲି ନିର୍ଦ୍ଦିଷ୍ଟ କରିଛନ୍ତି । ଏହି ଉତ୍ସବରେ ସମ୍ମାନିତ ବ୍ୟକ୍ତିଙ୍କୁ ମାନପତ୍ର, ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରାଯିବ । ତାହା ସହ ବାର୍ଷିକ ଗଳ୍ପ ସଂକଳନ 'ଗଳ୍ପ ଗଞ୍ଜାମ ୨୦୨୬' ଉନ୍ମୋଚନ ହେବ ।

## ସ୍ୱଧାର ନିଶା ମୁକ୍ତି କେନ୍ଦ୍ରରେ ଅନ୍ତେବାସୀଙ୍କ ସନ୍ଦେହ ଜନକ ମୃତ୍ୟୁ

### ମାଡ଼ ମାରି ଓ ଭୁଲ ଇଞ୍ଜେକସନ ଦେଇ ମାରିଦେଇଥିବା ଅଭିଯୋଗରେ ୨ ଅଟକ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଜଗତସିଂହପୁର ସଦର ଥାନା ଚର୍ଚ୍ଚିକା ବଜାର ଠାରେ ଥିବା ସ୍ୱଧାର ନିଶା ମୁକ୍ତି କେନ୍ଦ୍ରରେ ଅନ୍ତେବାସୀ ଅନିରୁଦ୍ଧ ଲେଙ୍କା (୫୭) ଙ୍କ ସନ୍ଦେହ ଜନକ ମୃତ୍ୟୁ ହୋଇଛି । ମୃତ ଅନ୍ତେବାସୀ ହେଉଛନ୍ତି ତିର୍ତ୍ତୋଲ ଥାନା କୋଳର ପଞ୍ଚାୟତ ତାର୍ତ୍ତୋଲ ନାଗପୁର (ବାଲିପଡ଼ା) ଗାଁର ଧ୍ରୁବ ଚରଣ ଲେଙ୍କାଙ୍କ ପୁଅ ଅନିରୁଦ୍ଧ ଲେଙ୍କା । ଅତ୍ୟଧିକ ଶାରୀରିକ ନିର୍ଯାତନା ଦେଇ ତାଙ୍କୁ ମାରିଦେଇଥିବାର ପରିବାର ଲୋକ ଅଭିଯୋଗ କରି ଜଗତସିଂହପୁର ସଦର ଥାନାରେ ଏତାଲା ଦେବାପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସହ ଉକ୍ତ ନିଶା ମୁକ୍ତି କେନ୍ଦ୍ରର ମାଲିକ ସବୁଜ କୁମାର ସାହୁଙ୍କୁ ସଦର ଥାନାରେ ଅଟକ ରଖି ପଚରା ଉଚରା କରୁଛି । ମୃତକଙ୍କ ପୁଅ ଅବିନାଶ ଲେଙ୍କାଙ୍କ ଅଭିଯୋଗ ଅନୁସାରେ ତାଙ୍କ ବାପା ଅନିରୁଦ୍ଧ ଲେଙ୍କା ଅଧିକ ନିଶା ସେବନ କରିବାରୁ ପରିବାର ଲୋକେ ଚାପରେ ରହୁଥିଲେ । ତାଙ୍କୁ ନିଶାରୁ ନିବୃତ ରଖିବାକୁ ପରିବାର ଲୋକେ ସଦର ଚର୍ଚ୍ଚିକା ବଜାର ନିକଟରେ ଥିବା ସ୍ୱଧାର ନିଶା ମୁକ୍ତି କେନ୍ଦ୍ର ସହିତ ଯୋଗାଯୋଗ କରିଥିଲେ । ଗତ ୧୯ ତାରିଖ ଦିନ ରାତି ୯.୩୦ ସମୟରେ ସ୍ୱଧାର କେନ୍ଦ୍ରର କିଛି କାର୍ଯ୍ୟକର୍ତ୍ତା ଅନିରୁଦ୍ଧଙ୍କ ଘରକୁ ଯାଇ ନେଇ ଆସିଥିଲେ । ସେଠାରେ ତାଙ୍କ ବାପା ରହିବା ପରେ ଗତକାଲି ୨୨/୦୫/୨୬ ରାତିରେ ସ୍ୱଧାର ନିଶା ମୁକ୍ତି କେନ୍ଦ୍ର ପକ୍ଷରୁ ଅନିରୁଦ୍ଧଙ୍କ ଘରକୁ ତାଙ୍କ ଦେହ ଖରାପ ଅଛି ଓ ମେଡିକାଲ ନେଇ ଯାଉଛୁ ବୋଲି ଫୋନ ଯାଇଥିଲା । ମାତ୍ର ପୁଣି ରାତି ୨ଟା ସମୟରେ ଅନିରୁଦ୍ଧଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କୁ ଜଣାଇଥିଲେ । ପରିବାର ଲୋକେ ଜଗତସିଂହପୁର ମେଡିକାଲରେ ଆସି ପହଂଚି ଅନିରୁଦ୍ଧଙ୍କ ମୃତ୍ୟୁ ହୋଇଥିବା ଦେଖିଥିଲେ । ଅନିରୁଦ୍ଧଙ୍କ ଦେହରେ କ୍ଷତ ଚିହ୍ନ ରହିଥିବା ପରିବାର ଲୋକେ ଡାକ୍ତରଙ୍କ ଠାରୁ ଜାଣିବାକୁ ପାଇଥିଲେ । ସ୍ୱଧାର ନିଶା ମୁକ୍ତି ଗୃହରେ ମାଡ଼ ମାରି ତାଙ୍କୁ ମାରି ଦେଇଥିବା ଜଗତସିଂହପୁର ଥାନାରେ ପୁଅ ଅବିନାଶ ଏତଲା କରିଥିଲେ । ଏପରିକି ଗତକାଲି ରାତିରେ ବାପାଙ୍କ ହାତ ଗୋଡ଼ ବାନ୍ଧି ମାଡ଼ ମରାଯିବା ସହ ଭୁଲ ଇଂଜେକସନ ଦିଆଯାଇଥିବାରୁ ତାଙ୍କର ମୃତ୍ୟୁ ହୋଇଛି ବୋଲି ମୃତକଙ୍କ ପୁଅ ଅବିନାଶ ଅଭିଯୋଗ କରିଛନ୍ତି । ପୋଲିସ ଏତଲା ପାଇଁ ସମ୍ପୃକ୍ତ ସ୍ୱଧାର ନିଶା ମୁକ୍ତି କେନ୍ଦ୍ରକୁ ଯାଇ ତଦନ୍ତ କରି ସ୍ୱଧାର କେନ୍ଦ୍ରର ମାଲିକ ସବୁଜ କୁମାର ସାହୁ ଓ ବିବାଭ ରଂଜନ ମହାନ୍ତିଙ୍କୁ ଥାନାକୁ ଆଣି ପଚରା ଉଚରା କରିବା ସହିତ ଅଟକ ରଖିଥିଲେ । କେଶ ନମ୍ବର ୪୩୩/୨୬ରେ ମାମଲା ରୁଜୁ କରି ଅଧିଲ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୂଚନା ଦେଇଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୨ ଲ ରାହୁ ବୃଶୁ | ୧୨ମ | ଶ ୧୧ ୧୦ରା |
| ୩ | ୧୨ / ୬ | ୯ |
| ୪କେ ୫ | ୬ | ୮ ୭ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୨୫।୦୫।୨୦୨୬, ଜ୍ୟେଷ୍ଠ (ମଳ) ଦି୧୧ନ, ସୋମବାର**
**ସୂର୍ଯ୍ୟୋଦୟ- ଘ ୫।୦୯।୪୩ ଚନ୍ଦ୍ରୋଦୟ- ଦିଘ ୧୨।୦।୧୮**
**ଦଶମୀ-** ଅହୋରାତ୍ର । ଉତ୍ତରା ଫାଲ୍ଗୁନୀ ନକ୍ଷତ୍ର ରାଘ ୪।୧୧ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ଦିଘ ୯।୧୧ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର । ଦିଘ ୯।୧୧ ଗତେ ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର । ଦିଘ ୯।୧୧ ଗତେ ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୨ ଗତେ ଦିଘ ୧୦।୨୭ ମଧ୍ୟେ ।


**ମେଷ:** କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ନୂତନ ଦ୍ରବ୍ୟମାନ କ୍ରୟ କରିପାରନ୍ତି । ଆୟରେ ଉନ୍ନତି ଦେଖାଦେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ ।


**ବୃଷ:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଅସହଯୋଗ ଦେଖାଦେବ । ଶରୀର ସୁସ୍ଥ ରହିବ । ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ ।


**ମିଥୁନ:** ବ୍ୟବସାୟିକ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ । କୁଭୋଜନ କରି ଉଦର ପୀଡ଼ା ଦେଖାଦେଇପାରେ । ସାମାଜିକ କ୍ଷେତ୍ରରେ ସମ୍ମାନ ହାନୀ ଘଟିପାରେ । ବ୍ୟୟ ଅଧିକ ହେବ । ଘରେ ଅଶାନ୍ତି ଦେଖାଦେବ ।


**କର୍କଟ:** ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ କଳହ ଦେଖାଦେବ । କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ । ଠକାମିର ଶୀକାର ହୋଇପାରନ୍ତି । ଅଯଥାରେ ଭ୍ରମଣ ଯୋଗ ।


**ସିଂହ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ଶତ୍ରୁ ଉପରେ ବିଜୟ ହାସଲ କରିବେ । ଆୟର ପରିମାଣ ବଢ଼ିବ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବ ।


**କନ୍ୟା:** ବ୍ୟବସାୟରେ କ୍ଷତି ଦେଖାଦେଇପାରେ । ଅଯଥାରେ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଅସନ୍ତୋଷ ଦେଖାଦେବ । ବନ୍ଧୁଙ୍କ ସହ ମତାନ୍ତର ଓ କଳହ ଦେଖାଦେବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ ।


**ତୁଳା:** ନୂତନ କାର୍ଯ୍ୟ ଆରମ୍ଭ ହୋଇପାରେ । ବନ୍ଧୁ ମିଳନ ସହ ଆମୋଦ ପ୍ରମୋଦ ମଧ୍ୟରେ ଦିନଟି ବିତିବ । ଦେହ ଭଲ ରହିବ । ଆୟର ପରିମାଣ ଅଧିକ ହେବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।


**ବିଛା:** ଦାମ୍ପତ୍ୟ ଜୀବନରେ ଅସନ୍ତୋଷ ଦେଖାଦେବ । ଅଳସୁଆ ହେବେ । ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହୋଇପାରେ । ମନ ଅସ୍ଥିର ରହିବ ।


**ଧନୁ:** ଚାକିରୀ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ । ଶରୀର ସୁସ୍ଥ ରହିବ । ଘରେ ସୁଖ ଲାଭ ହେବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଦୂରକୁ ଯାତ୍ରା କରିପାରନ୍ତି ।


**ମକର:** ସାମାଜିକ ସ୍ତରରେ ସମ୍ମାନ ବୃଦ୍ଧି ହେବ । କାର୍ଯ୍ୟ କ୍ଷେତ୍ରରେ ସଫଳତା ପ୍ରାପ୍ତ ହବ । ଆୟ ଓ ବ୍ୟୟର ମାତ୍ରା ସମାନ ରହିବ । ଘରେ ସୁଖ ଲାଭ ହେବ । ଲୋକ ସମ୍ପର୍କ ବୃଦ୍ଧି ପାଇବ ।


**କୁମ୍ଭ:** ଅତ୍ୟଧିକ ବ୍ୟୟ କରିପାରନ୍ତି । ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ । ମାନସିକ ଅଶାନ୍ତି ଦେଖାଦେବ । ଘରେ ପିଲାଙ୍କୁ ନେଇ ଚିନ୍ତିତ ରହିବେ । ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ମିଳିବ ।


**ମୀନ:** ଶତ୍ରୁଙ୍କ ପରିମାଣ ବଢ଼ିବ । ଦେହ ଓ ମନ ଭଲ ରହିବ । ଘରେ ସୁଖ ଲାଭ ହେବ । ରୋଜଗାରର ପରିମାଣ ବଢ଼ିବ । ନୂତନ କାର୍ଯ୍ୟ ଆରମ୍ଭ ହୋଇପାରେ । ବନ୍ଧୁଙ୍କ ସହ ଭେଟ ହୋଇପାରେ ।




ରମ୍ଭା : ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ୧୬ନଂ ଜାତୀୟ ରାଜପଥରେ ଏକ ଓଭର ବ୍ରିଜ ପାର୍ଶ୍ୱରେ ନିଘୋଡ଼ ନିଦ୍ରାରେ ପ୍ଲାଷ୍ଟିକ ବୋତଲ ଗୋଟାଳି । (ଫଟୋ : ସମ୍ବାଦ କଳିକା)

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# କୋଲକାତାରେ ୟୁଏସ୍ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ

ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ତାଙ୍କର ପ୍ରଥମ ସରକାରୀ ଭାରତ ଗସ୍ତରେ ଶନିବାର କୋଲକାତାରେ ପହଞ୍ଚିଛନ୍ତି । ଭାରତରେ ନବନିଯୁକ୍ତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ଉଚ୍ଚସ୍ତରୀୟ ଗସ୍ତ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଭାରତ ଆମେରିକା ସମ୍ପର୍କ ସୁଧୁରିବ କି ? ଅଟକିଥିବା ଟ୍ରେଡ୍ ଡିଲ୍ ହେବ କି ? ଶୁଳ୍କ ପାଇଁ ସୃଷ୍ଟି ଉତ୍ତେଜନା ଶାନ୍ତ ପଡିବ କି ? ଆମେରିକା ବୈଦେଶିକମ ମନ୍ତ୍ରୀ ମାର୍କୋ ରୁବିଓ ପ୍ରଥମ ସରକରୀ ଭାରତ ଗସ୍ତ କରି କୋଲକାତାରେ ପହଞ୍ଚିଛନ୍ତି । ଭାରତରେ ନବନିଯୁକ୍ତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ଏହି ଉଚ୍ଚସ୍ତରୀୟ ଗସ୍ତ ବିଷୟରେ ସୂଚନା ଦେଇଛନ୍ତି । ରୁବିଓଙ୍କ ଭାରତ ଗସ୍ତକୁ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଉନ୍ନତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଉଛି । ଏହ ଗସ୍ତ ଗତ ବର୍ଷ ମଧ୍ୟରେ ଦୁଇ ଦେଶ ସମ୍ପର୍କରେ ସୃଷ୍ଟି ହୋଇଥିବା ତିକ୍ତତାକୁ ଦୂର କରିବ ବୋଲି ଆଶା କରାଯାଉଛି । ଏହା ବ୍ୟତୀତ, ଏହି ଗସ୍ତ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ରଣନୀତି ଦୃଷ୍ଟିକୋଣରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ କାରଣ ଏହି ସମୟରେ କ୍ୱାଡ୍ ବୈଦେଶିକ ମନ୍ତ୍ରୀଙ୍କ ବହୁ ପ୍ରତୀକ୍ଷିତ ବୈଠକ ମଧ୍ୟ ଅନୁଷ୍ଠିତ ହେବ । ଏହା କ୍ୱାର୍ଡର ଭବିଷ୍ୟତ ସମ୍ପର୍କରେ ଚାଲିଥିଲା କଳ୍ପନାଜଳ୍ପନାର ମଧ୍ୟ ଅନ୍ତ କରିବ । ଉତ୍ତେଜନା ବଢାଇଥିଲା ଶୁଳ୍କ । ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ କାର୍ଯ୍ୟକାଳରେ ଭାରତ-ଆମେରିକା ସମ୍ପର୍କରେ ଯେଉଁ ଅବନତି ଆରମ୍ଭ ହୋଇଥିଲା, ତାହା ଟ୍ରମ୍ପଙ୍କ ଶାସନ କାଳରେ ମଧ୍ୟ ଥମିନାହିଁ ବୋଲି କୂଟନୈତିକ ବିଶେଷଜ୍ଞମାନେ ମତ ଦିଅନ୍ତି । ରାଷ୍ଟ୍ରପତି ଟ୍ରମ୍ପ ଅପରେସନ୍ ସମୟରେ ଯୁଦ୍ଧ ବନ୍ଦ କରିବାର ଶ୍ରେୟ ଦାବି କଲେ । ଭାରତ ଘରୋଇ ରାଜନୈତିକ ମୋର୍ଚ୍ଚାରେ ଅସୁବିଧାର ସମ୍ମୁଖୀନ ହେଲା । ଭାରତ ଉପରେ ଲାଗୁ ହୋଇଥିବା ୫୦ ପ୍ରତିଶତ ଶୁଳ୍କ ଉତ୍ତେଜନାକୁ ଆହୁରି ତୀବ୍ର କରିଥିଲା । ଆତଙ୍କବାଦ ସମେତ ଅନେକ ପ୍ରସଙ୍ଗରେ ଆଲୋଚନା ହେବ - ସୂତ୍ର ଅନୁସାରେ ଭାରତ ଏହି ବୈଠକକୁ କେବଳ ତୈଳ କ୍ରୟ ପର୍ଯ୍ୟନ୍ତ ସୀମିତ ରଖିବା ସପକ୍ଷରେ ନାହିଁ । ଏହା ଏକ ସକ୍ରିୟ କ୍ୱାଡ୍ ବୈଠକ, ସୀମାପାର ଆତଙ୍କବାଦ ଉପରେ ଆମେରିକା ସହିତ ସହଯୋଗ, ଜିଇ ଇଞ୍ଜିନ ଭଳି ପ୍ରତିରକ୍ଷା ଉପକରଣ ଶୀଘ୍ର ଯୋଗାଁ ଏବଂ ଏକ ଲାଭଦାୟକ ବାଣିଜ୍ୟ ଚୁକ୍ତିନାମାକୁ ଶୀଘ୍ର ଚୂଡାନ୍ତ କରିବା ପାଇଁ ମଧ୍ୟ ଆହ୍ୱାନ କରିବ । ଅତୀତକୁ ଭୁଲି ନୂଆ ଆରମ୍ଭ କରିବା- ସୂତ୍ର ଅନୁଯାୟୀ ରୁବିଓଙ୍କ ଗସ୍ତ ଅତୀତକୁ ଭୁଲି ଏକ ନୂଆ ଆରମ୍ଭ ହେବ । ଭାରତ ଯିବା ପୂର୍ବରୁ ରୁବିଓ କହିଥିଲେ ଯେ, ସେ ଭାରତର ସମସ୍ତ ଶକ୍ତି ଅବଶ୍ୟକତା ପୂରଣ କରିବାକୁ ପ୍ରସ୍ତୁତ । ସେ ଅଶୋଧିତ ତେଲ ବିଷୟରେ କହିଥିଲେ । ସେ ଏପରି ମଧ୍ୟ କହିଥିଲେ ଯେ, ଆମେରିକା ଭାରତ ଯେତେ ତେଲ ଚାହୁଁଛି ସେତିକି ଯୋଗାଇବ । ଯଦି ଏହି ବିଷୟରେ ଏକ ଚୁକ୍ତି ହୁଏ, ତେବେ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ମଧ୍ୟ ଆଗାମୀ ଦିନରେ ଭାରତ ଗସ୍ତ କରିପାରିବେ । ଆମେରିକା ଭାରତକୁ କେବଳ ଭେନେଜୁଏଲାର ତେଲ ଦେବ । ତଥାପି ବୈଦେଶିକ ମନ୍ତ୍ରଣାଳୟର ସୂତ୍ର କହିଛି ଯେ ତେଲ କ୍ରୟ କେଉଁ ମୂଲ୍ୟରେ ଉପଲବ୍ଧ ତାହା ଉପରେ ନିର୍ଭର କରିବ । ଯଦି ରୁଷ ପରି କମ ମୂଲ୍ୟରେ ତେଲ ଉପଲବ୍ଧ ହୁଏ, ତେବେ ଏହା ଭାରତର ସ୍ୱାର୍ଥରେ ହେବ ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଜଗତ ମୋର ପ୍ରଭୁ ମୁଁ ହେଉଛି ସେବକ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଏ ଜଗତ ହେଉଛି ମୋର ପ୍ରାଣ । ଏ ଜଗତ ମୋର ଜୀବନ । ଏ ଜଗତ ହିଁ ମୋର ପ୍ରଭୁ । ମୁଁ ତାଙ୍କର ସେବକ । ମୁଁ ନୁହେଁ ଠାକୁର ମୁଁ ନୁହେଁ ଈଶ୍ୱର, ମୁଁ ହେଲି ପ୍ରଭୁର ଶ୍ରୀ ପଦ୍ମ କିଙ୍କର । ତେଣୁ ଜଗତକୁ ଯିଏ ଭଲପାଏ ମୁଁ ତାକୁ ଭଲପାଏ । ଜଗତକୁ ଯିଏ ପ୍ରେମ କରେ ମୁଁ ତାକୁ ପ୍ରେମ କରେ, ଜଗତହିଁ ଜଗନ୍ନାଥ,ଜଗତରୁ ମିଳିଛି ଗୀତା, ଭାଗବତ, ରାମାୟଣ, ପୁରାଣ, ବେଦ, ଶାସ୍ତ୍ର, ସଂହିତା, ମାତା, ପିତା, ଗୁରୁ, ତେଣୁ ଜଗତରୁ ମୁଁ ଭିନ୍ନ ନୁହେଁ । ତେଣୁ ଅଭିନ୍ନତା ହିଁ ଗତି ମୁକ୍ତିର ପଥ । ଯେ ଜଗତକୁ ମୋତେ ଭିନ୍ନତା ଦେଖେ ସେ ହିଁ ପାପୀ, ସେହିଁ ମୁର୍ଖ, ତେଣୁ କଥାରେ ଅଛି-

ମୁର୍ଖକୁ ଦେଲେ ଉପଦେଶ
ଲାଗିବ ବ୍ରହ୍ମ ହତ୍ୟା ଦୋଷ ।

ତେଣୁ ସବୁବେଳେ କୁହେ ତୁମେ ଭକ୍ତ ଯଦି ଭକ୍ତି ମାର୍ଗରେ ଶରଣରେ ରୁହ,ତୁମେ ଯଦି ଶିଷ୍ୟ ହେଉଛ ହୁଅ ମନାନାହିଁ ତେଣୁ ଶ୍ରୀଗୁରୁ ପଦ୍ମପାଦରେ ଲୟ ରଖିବା ଶ୍ରୀଗୁରୁ ଙ୍କୁ ଅନୁସରଣ କରିବା ଶିଷ୍ୟର ଧର୍ମ । ବ୍ରହ୍ମର ପ୍ରତ୍ୟେକ ବାକ୍ୟକୁ ପାଳନ କରିବା ହିଁ ଜୀବର ଧର୍ମ । ତେଣୁ ମୁଁ ପାଳନ କରୁଛି ପ୍ରଭୁର କର୍ମକୁ କଥାରେ ଅଛି ଜିବ ବ୍ରହ୍ମୈବ କେବଳଂ ,ଅନ୍ୟଥା ମାୟା,ଭାବ ପ୍ରେମର ବସୁନ୍ଧରାକୁ କଦର୍ଯ୍ୟ କରନାହିଁ । କାରଣ ବ୍ରହ୍ମକୁ ବାଧା ହେବ । ତେଣୁ ମୋତେ ପ୍ରଭୁ କହିବା ପୂର୍ବରୁ ମୋତେ ଠିକରେ ବୁଝିଛତ ?ଯଦି ଛଳନା କରୁଥାଅ ପଶ୍ଚାତାପ ନିଶ୍ଚୟ ହେବ । ତେଣୁ ବୁଝି ବିଚାରି କର୍ମ କଲେ ପ୍ରମାଦ ନ ପଡଇ ଭଲେ । ହରି ଓଁ ।

### ଦୀକ୍ଷାର ଅର୍ଥ କଣ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଦୀକ୍ଷା ନେଉଛନ୍ତି ସମସ୍ତେ,କିନ୍ତୁ ଦୀକ୍ଷାର ଅର୍ଥ କଣ ?ଯେ ଦେଉଛନ୍ତି ସେମାନେ ବୁଝୁ ନାହାନ୍ତି ଯେ ନେଉଛନ୍ତି ସେମାନେ ତାର ଉପଯୁକ୍ତ ଅର୍ଥକୁ ବୁଝୁନାହାନ୍ତି । କାରଣ ଜଗତରୁ ଈଶ୍ୱରଙ୍କୁ ବୁଝିବା ,ଜାଣିବା,ଈଶ୍ୱରଙ୍କ ସମ୍ବନ୍ଧରେ ଜ୍ଞାନ ଜାଣି ତତ୍ତ୍ୱକୁ ବୁଝିବା ହେଉଛି ଦୀକ୍ଷା । ଗୁରୁ ଶିଷ୍ୟ ଭିତରେ ସମନ୍ୱୟ,ଭକ୍ତ ଭଗବାନଙ୍କ ମଧ୍ୟରେ ତାତ୍ତ୍ୱିକ ଭାବକୁ ଦୃଢରୁ ଦୃଢତର କରି ଜଗତରେ ଶ୍ରୀ ଗୁରୁଙ୍କୁ ବୁଝିବା ହେଉଛି ଦୀକ୍ଷା । ପ୍ରତ୍ୟେକ ଅଣୁ,ପରମାଣୁରେ ଭଗବାନଙ୍କ ସତ୍ତାକୁ ଅନୁଭବ କରିବା ହେଉଛି ଦୀକ୍ଷା । ତେଣୁ କଥା ଛଳରେ କୁହେ ଚାଷ କରି ବସି ବାଇଗଣ,ଖୁସି ହେବେ ଯାଇ ନାରାୟଣ ।ଏହି ଦ୍ୱାଦଶାଙ୍ଗୁଳ ବାୟୁକୁ ଲକ୍ଷ କର,ଧାନ କର,ଏବଂ ଚଣ୍ଡାଳୁ ବ୍ରହ୍ମ ପର୍ଯ୍ୟନ୍ତ ସମସ୍ତଙ୍କ ଠାରେ ଶ୍ରୀ ଗୁରୁଙ୍କ ସତାକୁ ଉପଲବ୍ଧ କରିବା ହିଁ ଧର୍ମ । ତେଣୁ ଶାସ୍ତ୍ରରେ ଅଛି ଜିବ ବ୍ରହ୍ମୈବ କେବଳଂ,ବ୍ରହ୍ମର ପ୍ରତ୍ୟେକ ବାକ୍ୟକୁ ପାଳନ କରିବା ହିଁ ଜିବର ଧର୍ମ । ସନାତନ ଧର୍ମକୁ ଠିକ୍ ଭାବରେ ବୁଝିବା ହିଁ ଧର୍ମ ବା ଦୀକ୍ଷା,ନଦୀ ଯେତେବେଳେ ସମୁଦ୍ରରେ ମିଶିଯାଏ ସେତେବେଳେ ଆଉ ଦୈତ୍ୟ ଭାବ ଆଉ ନଥାଏ । ସେ ତୁ,ମୁଁ ହୋଇ ଆଉ ରହେ ନାହିଁ । କେବଳ ଈଶ୍ୱର ହିଁ ଈଶ୍ୱର । ସମୁଦ୍ର ହିଁ ସମୁଦ୍ର ଆଉ ନଦୀର ଯେପରି ସତ୍ତା ନଥାଏ । ସେହିପରି ଦୀକ୍ଷା ନେଇ ସାରିଲା ପରେ ଶିଷ୍ୟ ସମୁଦ୍ର ପାଲଟିଯାଏ । ଏହାହିଁ ଗୁରୁ ପରମ୍ପରା ଏହାହିଁ ଗୁରୁ ପରମ୍ପରା ଏହାହିଁ ଦୀକ୍ଷାର ମହାନତା । ହରି ଓଁ । (କ୍ରମଶଃ...)

◆◆

# ସାମ୍ବିଧାନିକ ସଂରକ୍ଷଣର ଇତିହାସ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

ସମ୍ବିଧାନରେ ସ୍ଥାନିତ ହୋଇଥିବା ସଂରକ୍ଷଣ ବ୍ୟବସ୍ଥାର ଦୀର୍ଘ ପୃଷ୍ଠଭୂମି ରହିଛି । ଏହା କୌଣସି ତତ୍କାଳୀକ ସିଦ୍ଧାନ୍ତ ନୁହେଁ । ବ୍ରିଟିଶ ଶାସନାଧୀନ ଭାରତବର୍ଷରେ ସର୍ବପ୍ରଥମେ କୋଲ୍‌ହାପୁର ରାଜ୍ୟରେ ୧୯୦୨ ମସିହାରେ ସରକାରୀ ସିଦ୍ଧାନ୍ତ ରୂପେ ଚାକିରୀ କ୍ଷେତ୍ରରେ ଅନଗ୍ରସର ଜାତିସମୂହଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟକାରୀ ହୋଇଥିଲା । ତତ୍କାଳୀନ କୋଲ୍‌ହାପୁର ମହାରାଜା ଶାହୁଜୀ ମହାରାଜଙ୍କ ନିର୍ଦ୍ଦେଶ କ୍ରମେ ଏହା କାର୍ଯ୍ୟକାରୀ ହୋଇଥିଲା । ତେଣୁ ଶାହୁଜୀ ମହାରାଜଙ୍କୁ ସଂରକ୍ଷଣର ଜନକଭାବେ ସମ୍ବୋଧିତ କରାଯାଏ । ପ୍ରକାଶ ଥାଉକି ସେ ସମୟରେ ଏସଟି, ଏସସି ଓ ଓବିସି ପରି ଗୋଷ୍ଠୀର ଉଦ୍ରେକ ହୋଇନଥିଲା । ଏମାନେ ସମସ୍ତେ ଡିପ୍ରେସ୍ଡ କ୍ଲାସ୍ ବା ଅନଗ୍ରସର ଜାତି ସମୂହ ଭାବେ ପରିଚିତ ହେଉଥିଲେ । କେତେକ କ୍ଷେତ୍ରରେ ଏମାନେ ଶୂଦ୍ର ବା ଅସବର୍ଣ୍ଣ ଭାବେ ପରିଚିତ ହେଉଥିଲେ । ସେ ଏମାନଙ୍କୁ ସରକାରୀ ଚାକିରୀରେ ଶତକଡା ୫୦ ଭାଗ ସଂରକ୍ଷଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ।

ସେ ସମାଜର ତଳ ଜାତିର ପିଲାମାନଙ୍କ ଶିକ୍ଷାର ବିକାଶ ପାଇଁ ପଦକ୍ଷେପ ନେଇଥିଲେ । ଏହି କ୍ରମରେ ସେ ଡକ୍ଟର ବି. ଆର. ଆମ୍ବେଦକରଙ୍କୁ ଉଚ୍ଚଶିକ୍ଷା ଲାଭପାଇଁ ସାହାଯ୍ୟ କରିଥିଲେ । ପରେ ଡକ୍ଟର ଆମ୍ବେଦକର ସମାଜ ସଂସ୍କାର ଦିଗରେ ଶାହୁଜୀ ମହାରାଜଙ୍କ ମୁଖ୍ୟ ସହଯୋଗୀ ହୋଇଥିଲେ । ୧୯୨୨ ମସିହାରେ ଶାହୁଜୀଙ୍କ ଦେହାନ୍ତ ପରେ ଏ ଆନ୍ଦୋଳନର ଦାୟିତ୍ୱ ଡକ୍ଟର ଆମ୍ବେଦକରଙ୍କୁ ବହନ କରିବାକୁ ପଡିଥିଲା । ସେତେବେଳେକୁ ମୁସଲିମ୍ ଲିଗ୍ ମୁସଲମାନ ମାନଙ୍କ ପାଇଁ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ଦାବୀ ଆରମ୍ଭ କରିଦେଇଥିଲା । ଆମ୍ବେଦକରଙ୍କ ନେତୃତ୍ୱରେ ଅନଗ୍ରସର ଜାତିସମୂହ ସଂଗଠିତ ହୋଇ ସମାନ ସାମାଜିକ ଅଧିକାର ପାଇଁ ଲଢୁଥାନ୍ତି ଓ ନିଜର ସ୍ଥିତିକୁ ଜାହିର କରିସାରିଥାନ୍ତି । ଏହା ସହିତ ଏମାନଙ୍କ ଶିକ୍ଷାଗତ ଓ ଆର୍ଥିକ ବିକାଶ ପାଇଁ ପଦକ୍ଷେପ ନେବା ପାଇଁ ବ୍ରିଟିଶ ସରକାରଙ୍କ ଉପରେ ଚାପ ସୃଷ୍ଟି କରୁଥାନ୍ତି ।

ସେ ସମୟରେ ଭାରତବର୍ଷର ଶାସନ ଇଂଲଣ୍ଡରୁ ଚାଲିଥାଏ । ଭାରତୀୟ ଶାସନର ନିୟମ ଇଂଲଣ୍ଡରେ ତିଆରି ହେଉଥାଏ । ୧୯୧୯ ରେଗୁଲେସନ ଆକ୍ଟ ଅନୁଯାୟୀ ଶାସନ ଚାଲିଥାଏ । ଭାରତୀୟମାନଙ୍କୁ ଅଧିକ କ୍ଷମତା ପ୍ରଦାନ ପାଇଁ କଂଗ୍ରେସ ଦାବୀ କରୁଥାଏ । ୧୯୧୯ ଆକ୍ଟର ସଂଶୋଧନ ଓ ଅଧିକ କ୍ଷମତା ପ୍ରଦାନ ପାଇଁ ବ୍ରିଟିଶ ସରକାର ସାର୍ ଜନ୍ ସାଇମନଙ୍କ ନେତୃତ୍ୱରେ ୧୯୨୮ ମସିହାରେ ଏକ କମିଶନ ଅନୁଧ୍ୟାନ ପାଇଁ ପଠାନ୍ତି । କଂଗ୍ରେସ ଏହାକୁ ବିରୋଧ କରେ । କିନ୍ତୁ ଡକ୍ଟର ଆମ୍ବେଦକର ବହିଷ୍କୃତ ହିତକାରିଣୀ ସଭା ତରଫରୁ ସାଇମନ କମିଶନକୁ ସାକ୍ଷାତ କରି ଏକ ସ୍ମାରକ ପତ୍ର ପ୍ରଦାନ କରନ୍ତି । ଯେଉଁଥିରେ ସେ ଦଳିତ ଓ ସମାଜର ତଳ ସ୍ତରର ଲୋକମାନଙ୍କ ଦୁରାବସ୍ଥାକୁ ଉଲ୍ଲେଖ କରି ଏମାନଙ୍କ ପାଇଁ ନିର୍ବାଚନ ମଣ୍ଡଳୀରେ, ମନ୍ତ୍ରୀମଣ୍ଡଳରେ ତଥା ଚାକିରୀ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦାବୀ କରନ୍ତି । ଏହାହିଁ ଥିଲା ସମ୍ବିଧାନିକ ସଂରକ୍ଷଣର ପ୍ରଥମ ପଦକ୍ଷେପ ।

ସାଇମନ କମିଶନଙ୍କ ରିପୋର୍ଟ ଆଧାରରେ ବିଭିନ୍ନ ରାଜନୈତିକ ସଂଗଠନ ମଧ୍ୟରେ ସହମତି ଆଣିବା ପାଇଁ ୧୯୩୦ ମସିହାରେ ଇଂଲଣ୍ଡରେ ପ୍ରଥମ ଗୋଲଟେବୁଲ୍ ବୈଠକ ଅନୁଷ୍ଠିତ ହୁଏ । କଂଗ୍ରେସ ଏହି ବୈଠକକୁ ପ୍ରତ୍ୟାଖ୍ୟାନ କରେ । ଡକ୍ଟର ଆମ୍ବେଦକର ଏହି ବୈଠକରେ ଯୋଗ ଦିଅନ୍ତି । ସେଠାରେ ସେ ଘୃଣ୍ୟ ଜାତିବ୍ୟବସ୍ଥାର ଶୀକାର ହୋଇ ଆସିଥିବା ଦଳିତ ଓ ସମାଜର ତଳ ଜାତିର ଲୋକମାନଙ୍କର ସ୍ୱତନ୍ତ୍ର ମାନ୍ୟତା ଦାବି କରନ୍ତି ଓ ଏମାନଙ୍କ ବିକାଶ ପାଇଁ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣ ନୀତିର କର୍ଯ୍ୟକାରୀ ପାଇଁ ଦାବୀ କରନ୍ତି । ପୁଣି ୧୯୩୧ ମସିହାରେ ଦ୍ୱିତୀୟ ଗୋଲଟେବୁଲ ବୈଠକ ବସେ । ଏଥିରେ କଂଗ୍ରେସ ସମେତ ସମସ୍ତ ସଂଗଠନ ଯୋଗ ଦିଅନ୍ତି । ଆଲୋଚନା କାଳରେ ମୁସଲିମ୍ ଲିଗ୍ ସମେତ ଅନେକ ଗୋଷ୍ଠୀ ନିଜର ସ୍ୱାର୍ଥ ସପକ୍ଷରେ ମତ ଦିଅନ୍ତି ଓ ନିଜର ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଅନ୍ତି । ଡକ୍ଟର ଆମ୍ବେଦକର ମଧ୍ୟ ସମସ୍ତ ଦଳିତ ଓ ଅନଗ୍ରସର ସମାଜର ସ୍ୱତନ୍ତ୍ର ମାନ୍ୟତା ଓ ସମାନୁପାତିକ ଅଧିକାର ଉପରେ ଗୁରୁତ୍ୱ ଦିଅନ୍ତି ।

ଏ ବିଷୟକୁ ନେଇ ମହାତ୍ମା ଗାନ୍ଧୀଙ୍କ ସହିତ ତାଙ୍କ ମତାନ୍ତର ହୋଇଥିଲା । ମହାତ୍ମା ଗାନ୍ଧୀ ବର୍ଣ୍ଣବ୍ୟବସ୍ଥାକୁ ସ୍ୱୀକାର କରୁଥିଲେ । ତେଣୁ ଦଳିତ ଓ ଅନଗ୍ରସର ଜାତିମାନଙ୍କୁ ହିନ୍ଦୁ ସମାଜ ବ୍ୟବସ୍ଥାର ଅଂଶବିଶେଷ ବୋଲି ଗ୍ରହଣ କରୁଥିଲେ । କିନ୍ତୁ ଡକ୍ଟର ଆମ୍ବେଦକରଙ୍କ ଯୁକ୍ତି ଥିଲା ବର୍ଣ୍ଣବ୍ୟବସ୍ଥା ଯୋଗୁଁ ଦଳିତ ଓ ସମାଜର ତଳ ସ୍ତରର ଲୋକମାନେ ଅସମାନତା, ଘୃଣା ଓ ନିର୍ଯାତନାର ଶୀକାର ହେଉଛନ୍ତି । ତେଣୁ ଏମାନଙ୍କୁ ସ୍ୱତନ୍ତ୍ର ଗୋଷ୍ଠୀର ମାନ୍ୟତା ମିଳିବା ଦରକାର । ଯଦି ସଂଖ୍ୟାଲଘୁ ମାନଙ୍କ ସ୍ୱାତନ୍ତ୍ର୍ୟତାକୁ ସ୍ୱୀକାର କରାଯାଇ ପାରିବ, ତେବେ ଦଳିତମାନଙ୍କ ସ୍ୱାତନ୍ତ୍ରତାକୁ ସ୍ୱୀକାର କରାଯିବ ନାହିଁ କାହିଁକି ? ଏହାପରେ ୧୯୩୨ ରେ ତୃତୀୟ ଗୋଲଟେବୁଲ ବୈଠକ ବସିଥିଲା ଓ ସେଥିରୁ ମଧ୍ୟ କୌଣସି ନିର୍ଯ୍ୟାସ ଆସିପାରି ନଥିଲା । ଏଥିରେ କଂଗ୍ରେସ ସମେତ ମୁଖ୍ୟ ସଂଗଠନଗୁଡିକ ଯୋଗଦେଇ ନଥିଲେ । କିନ୍ତୁ ଡକ୍ଟର ଆମ୍ବେଦକର ଯୋଗଦେଇ ଦଳିତ ଓ ଅନଗ୍ରସର ଜାତିମାନଙ୍କ ବିକାଶ ଓ ସମାନ ପ୍ରତିନିଧିତ୍ୱ କଥା ଦୋହରାଇ ଥିଲେ ।

ସାଇମନ କମିଶନଙ୍କ ରିପୋର୍ଟ ଓ ଗୋଲଟେବୁଲ ବୈଠକର ନିର୍ଯ୍ୟାସ ଉପରେ ବ୍ରିଟିଶ ସରକାରଙ୍କ ଦ୍ୱାରା ୧୯୩୨ ମସିହାରେ କମ୍ୟୁନାଲ ଏୱାର୍ଡ ପ୍ରକାଶ ପାଇଥିଲା । ଏହା ଥିଲା ଏକ ପ୍ରକାର ସଂରକ୍ଷଣ ବ୍ୟବସ୍ଥା । ଏଥିରେ ପ୍ରତ୍ୟେକ କମ୍ୟୁନିଟି ପାଇଁ ରାଜନୈତିକ ସଂରକ୍ଷଣର ବ୍ୟବସ୍ଥା ଥିଲା । ଅର୍ଥାତ୍ ମୁସଲମାନ, ଖ୍ରୀଷ୍ଟିୟାନ, ଶିଖ, ଆଙ୍ଗ୍ଲୋ ଇଣ୍ଡିଆନ୍ ସମେତ ଦଳିତ ବର୍ଗ (ଡିପ୍ରେସ୍ଡ କ୍ଲାସ) ମାନଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷିତ ଆସନର ବ୍ୟବସ୍ଥା କରାଯାଇ ଥିଲା । ମହାତ୍ମା ଗାନ୍ଧୀ ସଂଖ୍ୟାଲଘୁ ସଂରକ୍ଷଣକୁ ବିରୋଧ କରି ନଥିଲେ । କିନ୍ତୁ ଦଳିତ(ଡିପ୍ରେସ୍ଡ) ବର୍ଗଙ୍କ ସଂରକ୍ଷଣକୁ ବିରୋଧ କରି ଆମରଣ ଅନଶନ ଆରମ୍ଭ କରିଥିଲେ । କମ୍ୟୁନାଲ ଏୱାର୍ଡ ମୁତାବକ ଦଳିତ(ଡିପ୍ରେସ୍ଡ) ବର୍ଗଙ୍କୁ ୭୧ ଟି ପୃଥକ ସଂରକ୍ଷିତ ଆସନ ପ୍ରଦାନ କରାଯାଇ ଥିଲା । ସେ ସମୟରେ ସେ ୟାରଧା ଜେଲରେ ବନ୍ଦୀ ଥିଲେ । ସେ ବର୍ଣ୍ଣବ୍ୟବସ୍ଥାର ସମର୍ଥକ ଥିଲେ । ହିନ୍ଦୁଧର୍ମ ମଧ୍ୟରେ ଜାତିଭିତ୍ତିକ ସଂରକ୍ଷଣ ଦ୍ୱାରା ଏହା ଭାଗଭାଗ ହୋଇଯିବ ଓ ଏକତା ନଷ୍ଟ ହୋଇଯିବ ବୋଲି ତାଙ୍କ ଆଶଙ୍କା ଥିଲା । ଅନଶନ ଦୀର୍ଘଦିନ ଧରି ଚାଲିଲା । କ୍ରମେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାକୁ ଲାଗିଲା । ଚାରିଆଡୁ ଆମ୍ବେଦକରଙ୍କ ଉପରେ ଚାପ ସୃଷ୍ଟି କରାଗଲା ସ୍ୱତନ୍ତ୍ର ସଂରକ୍ଷିତ ଆସନ ଦାବିରୁ ଓହରି ଯିବା ପାଇଁ । ବହୁ ଆଲୋଚନା ପରେ ଆମ୍ବେଦକର ରାଜି ହେଲେ ଦ୍ୱୈତ୍ୟ ସଂରକ୍ଷଣ ବ୍ୟବସ୍ଥା ପାଇଁ । ଏହି ବ୍ୟବସ୍ଥା ଅନୁଯାୟୀ ସଂରକ୍ଷିତ ଆସନରୁ ଦୁଇଜଣ ପ୍ରତିନିଧିତ୍ୱ କରିବେ । ଜଣେ ସାଧାରଣ ବର୍ଗରୁ ଓ ଜଣେ ଦଳିତ(ଡିପ୍ରେସ୍ଡ) ବର୍ଗରୁ । ଏହି ବ୍ୟବସ୍ଥାରେ ଦଳିତ(ଡିପ୍ରେସ୍ଡ) ବର୍ଗଙ୍କୁ ୭୧ ଟି ଆସନ ବଦଳରେ ୧୪୭ ଟି ଆସନ ମିଳିବାର ସହମତି ହେଲା । ଏହି ନୀତିକୁ ନେଇ ଦୁଇ ନେତାଙ୍କ ମଧ୍ୟରେ ସେପ୍ଟେମ୍ବର ୨୪ ତାରିଖ, ୧୯୩୨ ମସିହାରେ ଯେଉଁ ସ୍ୱାକ୍ଷର ହୋଇଥିଲା ତାହା ପ୍ରସିଦ୍ଧ ପୁନା ପ୍ୟାକ୍ଟ ବା ପୁନା ଚୁକ୍ତି ନାମରେ ଖ୍ୟାତ । ଏହାକୁ ସ୍ୱାଧୀନ ଭାରତର ସଂରକ୍ଷଣ ସମ୍ବନ୍ଧୀୟ ପ୍ରାଗ୍ ସାମ୍ବିଧାନିକ ଚୁକ୍ତି ବୋଲି କୁହାଯାଇ ପାରେ । ଏହି ଚୁକ୍ତି ଡକ୍ଟର ଆମ୍ବେଦକାରଙ୍କ ଇଚ୍ଛାମତେ ହୋଇନଥିଲେ ବି ଏହା ଦ୍ୱାରା କିଛି ପାଇବାର ଶୁଭାରମ୍ଭ ହୋଇଥିଲା । ପ୍ରଚଳିତ ଜାତିବାଦୀ ବ୍ୟବସ୍ଥା ଅନଗ୍ରସର ଜାତି ସମୂହଙ୍କୁ କିଛି ଅଧିକାର ଦେବା ପାଇଁ ରାଜି ହୋଇଥିଲା । ତେଣୁ ସମତା ଆନ୍ଦୋଳନର ଏହା ଏକ ଯୁଗାନ୍ତକାରୀ ସୋପାନ ଭାବେ ବିବେଚନା କରାଯାଏ । ପରବର୍ତ୍ତୀ କାଳରେ ଏହି ଚୁକ୍ତିର ଗୁରୁତ୍ୱ ବ୍ରିଟିଶ ଶାସନ ବ୍ୟବସ୍ଥାରେ ପ୍ରତିଫଳିତ ହେବାକୁ ଲାଗିଲା । ସମ୍ବିଧାନ ରଚନା କାଳରେ ଡ୍ରାଫ୍ଟିଂ କମିଟିର ଚେୟାରମ୍ୟାନ ଭାବେ ଡକ୍ଟର ଆମ୍ବେଦକର ସାମାଜିକ ସମତା ଆନ୍ଦୋଳନର ସମସ୍ତ ଅଭିଜ୍ଞତାକୁ ଏଥିରେ ସ୍ଥାନିତ କରିଥିଲେ । ପୁନାଚୁକ୍ତି ଦ୍ୱାରା ପ୍ରାପ୍ତ ହୋଇଥିବା ଅନଗ୍ରସର ଜାତିଙ୍କର ସ୍ୱତନ୍ତ୍ର ମାନ୍ୟତାକୁ ସେ କାମରେ ଲଗାଇ ଥିଲେ । ସାମାଜିକ ସ୍ଥିତି ଓ ବିକାଶର ତାରତମ୍ୟକୁ ଦେଖି ଏମାନଙ୍କୁ ତିନି ଗୋଷ୍ଠୀରେ ବିଭକ୍ତ କରିଥିଲେ । ତାହା ହେଉଛି ଅନୁସୂଚିତ ଜାତି, ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ଅନଗ୍ରସର ବର୍ଗ । ଏମାନଙ୍କ ବିକାଶ ନିମିତ୍ତ ସମ୍ବିଧାନରେ ସେ ସମସ୍ତ ପ୍ରକାର ବ୍ୟବସ୍ଥା କରିଯାଇଛନ୍ତି । ବିଭିନ୍ନ କ୍ଷେତ୍ରରେ ଏମାନଙ୍କ ବିକାଶ ପାଇଁ ସଂରକ୍ଷଣର ବ୍ୟବସ୍ଥା ସ୍ଥାନିତ କରିଛନ୍ତି । ସ୍ୱାଧୀନତା ପରର ସାମ୍ବିଧାନିକ ସଂରକ୍ଷଣ ପୁନାଚୁକ୍ତିର ପ୍ରସାରିତ ଓ ପରିବର୍ତ୍ତିତ ସୋପାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ତେଣୁ ସାମ୍ବିଧାନିକ ସଂରକ୍ଷଣ ବ୍ୟବସ୍ଥାର ପୂର୍ଣ୍ଣ ଶ୍ରେୟ ଡକ୍ଟର ଆମ୍ବେଦକରଙ୍କୁ ଦେଲେ ତାହା ଆଦୌ ଅନୁଚିତ ହେବ ନାହିଁ ।

# ବଂଶୀ



ଡ. ଚନ୍ଦ୍ରକଳା ନାୟକ
ଅଧ୍ୟାପିକା, ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ, ଛତିଆ, ଯାଜପୁର
ମୋ-୯୪୩୭୯୫୭୬୧୭

ଶ୍ରୀ ଜଗନ୍ନାଥ ମହାପ୍ରଭୁ ଅପରୂପ । ଏଭଳି ଠାକୁର ଆଉ କେଉଁଠି ଅଛନ୍ତି ? ତାଙ୍କର ରୂପ ନାହିଁ ପୁଣି ରୂପ ଅଛି । ସେ ନିରାକାର ପୁଣି ବିଗ୍ରହରେ ବି ବିରାଜମାନ । ନିଳାଦ୍ରୀ କନ୍ଦରରେ ବସିଛନ୍ତି ଲୀଳାମୟ ଶ୍ରୀ ଜଗନ୍ନାଥ । ତାଙ୍କ ଲୀଳାର ପଟାନ୍ତର ନାହିଁ । ତାଙ୍କ ମହିମାର ଅନ୍ତ ବି ନାହିଁ । ତାଙ୍କୁ ବୁଝିବାକୁ କାହାର ଶକ୍ତି ନାହିଁ । ସେଥିପାଇଁ କୁହାଯାଇଛି ' ଦେବା ନ ଜାଣନ୍ତି କୁତଃ ମନୁଷ୍ୟ ।' ଭକ୍ତ କହେ ମୁଁ ତୋତେ କିଛି ମାଗୁନାହିଁ । ତଥାପି ଭାବରେ ଭାବରେ ଶରଧା ବାଲିରୁ ହାତେ ମାଗିଦିଏ । କିଏ ପୁଣି ଅରକ୍ଷିତ ପରି କାନ୍ଦି କାନ୍ଦି ଡାକେ - 'ଭାସିଗଲି ଭବ ଜଳେ ନାବ ଦିଅ କୂଳକୁ' । ସେ ହେଉଛନ୍ତି ଭାବ ବିନୋଦିଆ ଭାବର ଠାକୁର । କୁହାଯାଏ- 'ଭାବେ ପାଇ ଅଭାବେ ନପାଇ ।' ତାଙ୍କ ଭାବ ନିକଟରେ ଜାତି, ପତି, ଧନୀ , ଦରିଦ୍ରର ଭେଦଭାବ ନଥାଏ । ସେଥିପାଇଁ ସେ ହାତ ବଢାଇ ଦାସିଆ ବାଉରୀର ନଡିଆକୁ ନେଇଗଲେ । ବନ୍ଧୁ ମହାନ୍ତିଙ୍କୁ ନିଜ ସୁବର୍ଣ୍ଣ ଥାଳିରେ ଖାଦ୍ୟ ପରଶି ଦେଲେ । ଦିଲ୍ଲୀ ମୁସଲମାନ ଦରଜିର ମୁଚୁଳାକୁ ଗ୍ରହଣ କଲେ । ଜୟଦେବଙ୍କ ଘର ଛପର କରିବା ଠାରୁ ତାଙ୍କ କାବ୍ୟର ପଦ ବି ପୂରଣ କରିଦେଲେ । ଏମିତି ଠାକୁର ଜଗତେ ନାହିଁ । 'ସେ ତ ଭକତ ଭାବରେ ବନ୍ଧାରେ ସେ ତ ଭକତ ଜୀବନ ଧନ ।' ସାତଶ ପଚାସ କୋଶରୁ ସାଲବେଗ ରଥରେ ତାଙ୍କୁ ଦର୍ଶନ କରିବାକୁ ଆସିବା ଯାଏ ବଳଗଣ୍ଡୀ ଠାରେ ରଥଚକକୁ ଅଟକାଇ ରଖିଲେ । ସେହି ଜଗନ୍ନାଥ ମହାପ୍ରଭୁଙ୍କ ଅପାର କରୁଣା ମହାନତାକୁ ମୁଁ ଅନୁଭବ କରିଛି । ପିଲାଟି ଦିନରୁ ଶ୍ରୀ ଜଗନ୍ନାଥଙ୍କ ଚକା ଚକା ଆଖି ଦୁଇଟି ଭାବର ସ୍ରୋତ ମୋ ଅନ୍ତରରେ ପ୍ରବାହିତ । ଶ୍ରୀ ଜଗନ୍ନାଥଙ୍କ ଅନେକ ଅମୃତମୟ ମୁହୂର୍ତ୍ତକୁ ମୋ ଜୀବନ ଅନୁଭବ କରିଛି । ପ୍ରଭୁ ଶ୍ରୀ ଜଗନ୍ନାଥ ମୋତେ ସବୁ କ୍ଷେତ୍ରରେ ସେହି ଦିବ୍ୟ ଅନୁଭବକୁ ପରିସ୍ଫୁଟ କରାଇଛନ୍ତି । ଏହା ମଧ୍ୟରୁ ଗୋଟିଏ ଘଟଣା ଅତ୍ୟନ୍ତ ଅପୂର୍ବ ଏବଂ ଅଦ୍ଭୁତ ଥିଲା । ୨୦୨୫ ମସିହା ସରସ୍ୱତୀ ପୂଜାରେ ମୋ ଗ୍ରାମରେ ଜୟ ଜଗନ୍ନାଥ ମହୋତ୍ସବ ଅନୁଷ୍ଠିତ ହୁଏ । ଆଜକୁ ପ୍ରାୟ ୬ ବର୍ଷ ହେବ ଶ୍ରୀ ଜଗନ୍ନାଥଙ୍କ ନାମରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଧୁମଧାମରେ ଚାଲିଅଛି । ସରସ୍ୱତୀ ପୂଜା ଦିନରୁ କଳସ ଯାତ୍ରାରୁ ଏହି କାର୍ଯ୍ୟକ୍ରମର ଆରମ୍ଭ ହୁଏ । ଆମ ପରିବାରର ଆରାଧ ଦେବତା ଶ୍ରୀ ଶ୍ରୀ ରାଧାକୃଷ୍ଣ ମହାପ୍ରଭୁଙ୍କ ମନ୍ଦିରର ବାର୍ଷିକୋତ୍ସବ ଅବସରରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥାଏ । ଏଇଠି ମୋର ଗୋଟିଏ ପଦ ସ୍ମରଣ ହୁଏ- ଜଗନ୍ନାଥ ଏ ଶୋଳକଳା ତହୁଁ କଳାଏ ନନ୍ଦବାଳା । ମୁଁ ମୋର ଆରାଧ ଦେବତା ରାଧାକୃଷ୍ଣଙ୍କ ଭିତରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଅନୁଭବ କରେ । ରାଧାକୃଷ୍ଣ ମନ୍ଦିରର ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ହୋଇଥାଏ । ତିନିଦିନ ବ୍ୟାପୀ ହଜାର ହଜାର ଭକ୍ତଙ୍କ ସମାଗମ ହୁଏ । ଗ୍ରାମରେ କାହରି ଘରେ ଚୁଲି ଲାଗେନାହିଁ । ଆବାଳ ବୃଦ୍ଧ ବନିତା ଏହି ତିନିଦିନ ଦିବାରାତ୍ର ଏଠାରେ ପ୍ରସାଦ ସେବନ କରିଥାନ୍ତି । ଓଡିଶାର ବହୁ ପ୍ରତିଷ୍ଠିତ କଳାକାର, ନୃତ୍ୟାଙ୍ଗନା, ସଙ୍ଗୀତକାର ଶ୍ରୀ ଜଗନ୍ନାଥ ସଂସ୍କୃତିର ବିଭିନ୍ନ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥାନ୍ତି । ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସମର୍ପିତ ଥାଏ । ଏ ବର୍ଷ ଠିକ ପୂର୍ଣ୍ଣାହୁତି ହେବା ପରଦିନ ଜଣା ପଡିଲା ଯେ ପ୍ରଭୁ ଶ୍ରୀକୃଷ୍ଣଙ୍କ ହାତରେ ତାଙ୍କର ଅତି ପ୍ରୀୟ ବଂଶୀଟି କେଉଁ ଆଡେ ଚାଲି ଯାଇଛି । ପ୍ରଭୁ ବିନା ବଂଶୀରେ ଶ୍ରୀହୀନ ଦେଖା ଯାଉଛନ୍ତି । ମୁଖ ମଣ୍ଡଳର କାନ୍ତି ସଂପୂର୍ଣ୍ଣ ବଦଳି ଯାଇଛି । ରାଧାରାଣୀ ମଧ୍ୟ ଦୁଃଖରେ ମ୍ରିୟମାଣ । ଏପରି ପରିସ୍ଥିତିରେ ଆମ ପରିବାର ଦୁଃଖରେ ଭାଙ୍ଗି ପଡିଥିଲୁ । କାହିଁକି ଏପରି ଘଟିଲା, ପ୍ରଭୁଙ୍କର ବଂଶୀ କୁଆଡେ ଗଲା, ହାତରୁ କିପରି ଖସିଲା, ସେ ପ୍ରଶ୍ନର ସଠିକ ଉତ୍ତର ମିଳି ପାରୁ ନଥିଲା । ଅନେକ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ଜଣା ପଡିଲା ଯେ ଠାକୁରଙ୍କ ଫୁଲହାର ଭିତରେ ବୋଧେ ବଂଶୀଟି ଅଜାଣତରେ ଖସି ପଡିଛି । ମାଳି ତିନିଦିନ ଯାକ ଯେଉଁ ତୁଳସୀ ମାଳ ପ୍ରଦାନ କରିଥାଏ, ସେଇ ମାଳ ଭିତରେ ବୋଧେ ବଂଶୀଟି ଚାଲି ଯାଇଛି । ଏହି ପ୍ରତ୍ୟକ୍ଷ ଠାକୁରଙ୍କ ଉପରେ ଭକ୍ତ ମହଲରେ ଅଟଳ ବିଶ୍ୱାସ ରହିଛି । ଦୁଃଖରେ ଆମେ ସମସ୍ତେ ମର୍ମାହତ ଥିଲୁ । ନିଜକୁ ଦୋଷୀ ପରି ଅନୁଭବ କରୁଥିଲୁ । ହେ ପ୍ରଭୁ କଣ ଭୁଲ ହେଲା, ଏପରି କାହିଁକି ହେଲା ? ଆମର ବ୍ୟବହାରରେ, ଆଚାରରେ, ବିଚାରରେ କୌଣସି ତ୍ରୁଟି ରହିଲା କି? ସେ ଚିନ୍ତାରେ ସାରା ପରିବାର ଦୁଃଖରେ ଦୀର୍ଘଦିନ ନିରବି ରହିଥିଲୁ । ମୋ ମନରେ ଥିବା ବେଦନାକୁ ପ୍ରଭୁ ଜଗନ୍ନାଥଙ୍କୁ ଜଣାଇ ଥିଲି । ନିଜର ଅନ୍ତରଙ୍ଗ ମଣିଷ ପରି ନିରୋଳାରେ ରାତ୍ରିର ନିଶବ୍ଦ ମୁହୂର୍ତ୍ତରେ ପ୍ରଭୁଙ୍କୁ ମୁଁ ପ୍ରଶ୍ନ କରିଥିଲି- ହେ ପ୍ରଭୁ ଆମର କଣ ଭୁଲ ହେଲା ? ତୁମେ ତୁମ ବଂଶୀଟି କେଉଁଠି ଲୁଚାଇ ରଖିଛ କୁହ ତ ? ମୋର ସ୍ୱାମୀ ମୋତେ ବାରମ୍ବାର କହୁଥାନ୍ତି, ଚାଲ କଟକ ଯାଇ ପ୍ରଭୁଙ୍କ ନୂଆ ବଂଶୀଟିଏ ଆଣିବା । ମୋ ମନ କିନ୍ତୁ ଜମା ମାନୁ ନଥାଏ । ଠାକୁରଙ୍କ ଛଡା ତୁଳସୀ ଏବଂ ଫୁଲମାଳ ଗୋଟିଏ ଟୋକେଇରେ ଯାଇ ପୋଖରୀରେ ପକାଯାଏ । ସେଥିପାଇଁ ମୋ ପରିବାରର ପ୍ରତ୍ୟେକ ବ୍ୟକ୍ତି ଓ ଗାଁର ଲୋକେ ଦିନସାରା ସେଇ ପୋଖରୀରେ ବଂଶୀକୁ ଖୋଜୁଥାନ୍ତି । ଠିକ ଦୁଇଦିନ ପରେ ମଧ୍ୟ ରାତ୍ରରେ ମୁଁ ଶୋଇଥିବା ବେଳେ କେହି ଜଣେ ମୋ ମୁଣ୍ଡକୁ ଆଉଁସି କହିଲେ, ତୁ ଚିନ୍ତା କରନା । ପୋଖରୀ ପାଣି ଭିତରୁ ହିଁ ବଂଶୀ ମିଳିବ । ହଠାତ ଉଠି ଦେଖେ ତ ପାଖରେ କେହି ନାହାନ୍ତି । କିନ୍ତୁ ଘରଟା ତୁଳସୀର ବାସ୍ନାରେ ମହକୁ ଥିଲା । ଏମିତି ପ୍ରାୟ ତିନି ତିନି ଥର ମଧ୍ୟ ରାତ୍ରରେ ମୁଁ ମୋ ପ୍ରଭୁଙ୍କୁ ଦେଖିଛି । ସେକଥା ସକାଳୁ ମଧ୍ୟ ମୁଁ ମୋର ସ୍ୱାମୀଙ୍କୁ ଜଣାଇଛି । ମୋର ବି ପୂର୍ଣ୍ଣ ବିଶ୍ୱାସ ପ୍ରଭୁ ଶ୍ରୀ ଜଗନ୍ନାଥ ବଂଶୀଟିକୁ ଫେରାଇ ଆଣିବେ । ମୋ ପରିବାର ମାସେ କାଳ ଦୁଃଖ ଓ ଅନୁତାପରେ ଚିନ୍ତା ଗ୍ରସ୍ତ ହୋଇ ରହିଥିଲେ । କେବଳ ମୋର ଆତ୍ମ ବିଶ୍ୱାସ ଥିଲା, ସେଇ ପାଣିରୁ ବଂଶୀ ମିଳିବ । କାରଣ ପ୍ରଭୁ ମୋତେ ସ୍ୱପ୍ନରେ ତାହା କହିଛନ୍ତି । ହଠାତ ଦିନେ ଆମ ଗାଁର ଅନୁସୂଚିତ ଜାତିର ଯୁବକ ନୀର ପ୍ରଭୁଙ୍କର ବଂଶୀଟିକୁ ଧରି ଉଦୁଉଦିଆ ଖରାବେଳଟାରେ ପହଞ୍ଚିଲା । ସମସ୍ତେ ତାକୁ ଦେଖି ହତବାକ । ସେ ନିଜେ ବି ଗୋଟା ଝାଳ ହୋଇ ଥରୁଥାଏ । ସେଇ ନୀର ଦିନ ଦିନ ଧରି ପୋଖରୀ ପାଣିରେ ବୁଡି ବଂଶୀ ଖୋଜିଛି । ହେଲେ ବଂଶୀ ମିଳେନାହିଁ । ଆଜି ମାର୍ଚ୍ଚ ମାସର ପ୍ରଚଣ୍ଡ ରୌଦ୍ରତାପରେ ଘରେ ଶୋଇ ଥିବା ବେଳେ ତାକୁ କେହି ଜଣେ ଅଜଣା ବ୍ୟକ୍ତି ପେଖରୀ କୂଳକୁ ଡାକି ନେଇଗଲା । ପେଖରୀରେ ବୁଡି ଖୋଜିଲେ ଆଜି ବଂଶୀ ନିଶ୍ଚୟ ମିଳିବ ବୋଲି ତାକୁ ପୂର୍ଣ୍ଣ ବିଶ୍ୱାସ ଦେଇଥିଲା । ନୀର ପାଣିରେ ଗୋଟିଏ ବୁଡ ମାରିବା ପରେ ତା ହାତରେ ପ୍ରଭୁଙ୍କର ବଂଶୀ ଧରାଦେଲା । ଅଣ ନିଶ୍ୱାସୀ ହୋଇ ସେ ଆମ ଘରେ ଆସି ପହଂଚି ଥିଲା । ସବୁଠାରୁ ବେଶି ଅଶ୍ଚର୍ଯ୍ୟ ଲାଗିଲା, ପ୍ରଭୁଙ୍କର ବଂଶୀ ମାସେ ପାଣିରେ ପଡିଲା, ହେଲେ ଟିକେ କାଦୁଅ ପଙ୍କ କିଛି ବି ଚିହ୍ନ ନଥିଲା । ଲୀଳାମୟଙ୍କର ଏ ବିଚିତ୍ର ଲୀଳା । ନୀରକୁ ଡାକି ନେଇଥିବା ବ୍ୟକ୍ତି ଜଣକ କିଏ ଏବଂ ସେ କୁଆଡେ ଗଲା ସେ କଥା ସେ ନିଜେ ବି ଜାଣି ପାରିଲା ନାହିଁ । ଶ୍ରୀ ଜଗନ୍ନାଥଙ୍କ ପ୍ରତ୍ୟକ୍ଷ କରୁଣାକୁ ସେଦିନ ମୁଁ ଅନୁଭବ କରିଥିଲି । ଆଖିରୁ ଧାର ଧାର ହୋଇ ଲୁହ ଗଡି ଚାଲିଥିଲା । ଶ୍ରୀ ଜଗନ୍ନାଥ ବାସ୍ତବରେ କେବଳ ପ୍ରତୀମା ନୁହନ୍ତି ବରଂ ସେ ଭକ୍ତର ଆଶା ଓ ଭରସାର ପ୍ରତୀକ । ସେଇ ଶୂନ୍ୟ ସତ୍ତାଙ୍କୁ ମନରେ ଧ୍ୟାନ କରି ମୁଁ ତାଙ୍କୁ ହୃଦୟଙ୍ଗମ କରିଛି । କାଳର ବିବର୍ତ୍ତନରେ ସେ ଗ୍ରହଣ କରଥିବା ମହାକାଳ ରୂପ ସମ୍ପର୍କରେ ଚିନ୍ତନ କଲେ ସ୍ୱତଃ ମନ ଆହ୍ଲାଦିତ ହୋଇଥାଏ । ସତରେ ପ୍ରଭୁଙ୍କ ଲୀଳାକୁ କିଏ ବା ବୁଝିବ ।

# କାଳିଆ ଘୋଡାରେ ଚଢିବି



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ - ୯୩୩୭୨୨୧୯୨୪

ପାଠ ପଢିବି, ଓକିଲ ହେବି, ମଧୁବାବୁ ସଙ୍ଗେ ଲଢିବ - କାଳିଆ ଘୋଡାରେ ଚଢିବି । କାହିଁ କେଉଁ କାଳରୁ ଓଡିଶାର ଘରେ ଘରେ ଏହି କଥାଟି ଚଳିଆସୁଛି । ଛୋଟପିଲାମାନେ ପଢିବାକୁ ଅମଙ୍ଗ ହେଲେ ମା' ତାକୁ ଉତ୍କଳ ଗୌରବ ମଧୁସୂଦନଙ୍କ କଥା କହି ବୁଝାଇ ଦେଇଥାଏ । ଖଣ୍ଡ ବିଖଣ୍ଡିତ ଉତ୍କଳକୁ ଏକାଠି କରି ବ୍ରିଟିଶ ସରକାରଙ୍କ ପାଖରେ ଅକାଟ୍ୟ ଯୁକ୍ତି ଉପସ୍ଥାପନ ଜରିଆରେ ଆଜିର ଓଡିଶା ପ୍ରଦେଶକୁ ଗଠନ କରିବାରେ ଯେଉଁ ସ୍ୱାଭିମାନୀ ପୁରୁଷ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ, ସେ ହେଉଛନ୍ତି ଜାତି ପ୍ରାଣ,ସ୍ୱାଭିମାନର ମନ୍ତ୍ରଦାତା, କୁଳବୃଦ୍ଧ, ଉତ୍କଳ ଗୌରବ ମଧୁସୂଦନ ଦାସ, ସବୁରି ପ୍ରିୟ ମଧୁବାରିଷ୍ଟର-ମଧୁବାବୁ । ଜାତିପ୍ରାଣରେ ଭରିଥିଲେ ସେ ସ୍ୱାଭିମାନର ମନ୍ତ୍ର, ମାତୃଭୂମି ଓ ମାତୃଭାଷା ପ୍ରତି ସୃଷ୍ଟି କରିଥିଲେ ଜାତୀୟତା ଭାବ । ଉତ୍କଳ ଜନନୀର ଏହି ସୁଯୋଗ୍ୟ ସନ୍ତାନଙ୍କ ଧରାବତରଣ ହୋଇଥିଲା କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ ଓ ଦେହାବସାନ ଘଟିଲା ୧୯୩୪ ମସିହା ଫେବୃଆରୀ ୪ ତାରିଖରେ । ହେଲେ ସାମଗ୍ରିକ ଭାବେ ତାଙ୍କର ଅବଦାନକୁ ଓଡିଶାବାସୀ ସବୁଦିନେ ମନେ ରଖିବେ ଏଥିରେ ସନ୍ଦେହର ଅବକାଶ ନାହିଁ । ମଧୁବାବୁ ଥିଲେ କ୍ରାନ୍ତି ଦ୍ରଷ୍ଟା ଓ ସ୍ରଷ୍ଟା ସେ ଥିଲେ ଓଡ଼ିଆ ନବଜାଗରଣର ମୁଖ୍ୟ ପୁରୋଧା । ଆଜି ଏକ ପୂର୍ଣ୍ଣାଙ୍ଗ ଉତ୍କଳ ପ୍ରଦେଶ କଥା ଚିନ୍ତା କଲାବେଳେ ତାଙ୍କ ନାମ ସ୍ୱତଃ ମନକୁ ଆସେ । ସେତେବେଳେ ଓଡ଼ିଶା ଥିଲା ଏକ ଭୌଗୋଳିକ ନାମ ମାତ୍ର ଖଣ୍ଡବିଖଣ୍ଡିତ ଓଡ଼ିଶା ଓ ଲୁପ୍ତପ୍ରାୟ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରିବାର ସ୍ୱର ପ୍ରଥମେ ସେ ହିଁ ଉତ୍ତୋଳନ କରିଥିଲେ। ଏହାର ପରିଣତି ହେଲା ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ । ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖ କଟକର ଇଦ୍‌ଗା ପଡିଆରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀ ମଞ୍ଚରେ ରାଜା-ମହାରାଜା, ବୁଦ୍ଧିଜୀବୀ, ସାହିତ୍ୟିକ, କବି ଓ ସାଧାରଣ ଜନତାଙ୍କୁ ସାମିଲ କରାଇ ଜାତୀୟତା ମନ୍ତ୍ରରେ ସେମାନଙ୍କୁ ପ୍ରଭାବିତ କରାଇଥିଲେ । ଏହି ସମ୍ମିଳନୀର ନିରବଚ୍ଛିନ୍ନ ପ୍ରୟାସର ଫଳସ୍ୱରୂପ ସମଗ୍ର ଭାରତବର୍ଷରେ ଓଡ଼ିଶା ଭାଷା ଭିତ୍ତିରେ ପ୍ରଥମ ପ୍ରଦେଶ ହେବାର ମାନ୍ୟତା ପାଇଥିଲା ୧୯୩୬ ମସିହା ଏପ୍ରିଲ ୧ ତାରିଖରେ । କିନ୍ତୁ ନିଜର ସ୍ୱପ୍ନର ଭୂଇଁକୁ ଦେଖିବାକୁ ସେ ନଥିଲେ । ସେ ବାହୁଡି ଗଲେ ତାର ଦୁଇବର୍ଷ ପୂର୍ବରୁ । ଆଜିର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ହେଉଛି ତାଙ୍କ ଐକାନ୍ତିକ ତ୍ୟାଗ, ସଂଗ୍ରାମ ଓ ସଙ୍କଳ୍ପର ଫଳ। ମଧୁବାବୁଙ୍କ କର୍ମମୟ ଜୀବନ ଥିଲା ଓଡ଼ିଶାର ଅର୍ଦ୍ଧ ଶତାବ୍ଦୀର ଇତିହାସ । ନିଜ ଜୀବନକାଳରେ ତାଙ୍କ ଏକମାତ୍ର ଧ୍ୟେୟ ଥିଲା ଏକ ସ୍ୱର୍ଣ୍ଣପ୍ରସୂ ଓଡ଼ିଶା ନିର୍ମାଣ । ସେଥିପାଇଁ ଅକୁଣ୍ଠିତ ଚିତ୍ତରେ ଅଜାଡି ଦେଇଥିଲେ ସେ ନିଜ ଜୀବନର ସବୁକିଛି ସାମର୍ଥ୍ୟ, ସୌକୁମାର୍ଯ୍ୟ । ଅଜସ୍ର ଅର୍ଥ ଉପାର୍ଜନ କରି ସୁଖରେ କାଳାତିପାତ ନକରି ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ସେ ସବୁକୁ ଅକାତର ଭାବେ ଦାନ କରିଦେଇଥିଲେ । ସେଥିଲେ ଅନେକ କ୍ଷେତ୍ରରେ ପ୍ରଥମ ଓଡ଼ିଆ ସେ ହେଉଛନ୍ତି ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ଏମ୍.ଏ, ପ୍ରଥମ ଓଡ଼ିଆ ଓକିଲ, ପ୍ରାଦେଶିକ ବ୍ୟବସ୍ଥାପକ ସଭା ଓ ଇମ୍ପେରିଆଲ୍ ବ୍ୟବସ୍ଥାପକ ସଭାର ପ୍ରଥମ ଓଡ଼ିଆ ସଭ୍ୟ, ପ୍ରଥମ ଓଡ଼ିଆ ମନ୍ତ୍ରୀ ଓ ମନ୍ତ୍ରୀତ୍ୱ ତ୍ୟାଗ କରିବାରେ ପ୍ରଥମ ଭାରତୀୟ । ଖାଲି ସେତିକି ନୁହେଁ ବ୍ରିଟିଶ ପାର୍ଲାମେଣ୍ଟକୁ ସମ୍ବୋଧିତ କରିବାରେ ସେ ଅଦ୍ୟାବଧି ପ୍ରଥମ ଓଡ଼ିଆ । କହିବା ବାହୁଲ୍ୟ ଯେ ମଧୁସୂଦନଙ୍କ ପୂର୍ବରୁ ମାତ୍ର ଦୁଇଜଣ ଭାରତୀୟ ଯଥା ଦାଦାଭାଇ ନାରୋଜି ଓ ସୁରେନ୍ଦ୍ରନାଥ ବାନାର୍ଜୀ ବ୍ରିଟିଶ ପାର୍ଲାମେଣ୍ଟକୁ ସମ୍ବୋଧିତ କରିଥିଲେ । ସେ ସର୍ବଦା କହୁଥିଲେ - ମୋ ଜାତି ଅନୁନ୍ନତ ହେଲେ ବି ଅନ୍ୟ ଜାତିର କୌଣସି ପ୍ରଥମ ଗ୍ରାଜୁଏଟ୍ ମୋ ପରି ଏତେ କାମ କରିନାହାନ୍ତି ଯଦି ଓଡ଼ିଶାର ପ୍ରଥମ ଗ୍ରାଜୁଉଟ୍ ଏସବୁ କରିପାରିଲା, ତାହେଲେ ପରବର୍ତ୍ତୀ ବଂଶଧରମାନେ ଯଦି ଜଣେ ବ୍ୟକ୍ତି ରୂପେ ନୁହେଁ ଏକ ଜାତିର ଜଣେ ରୂପେ ନିଜର ଦାୟିତ୍ୱ ହୃଦୟଙ୍ଗମ କରନ୍ତି ତାହେଲେ ସେମାନେ ଏଦିଗରେ ବହୁତ କାର୍ଯ୍ୟ କରିପାରିବେ । ମଧୁ ବାରିଷ୍ଟର - ଏକ ମଧୁର ଉଚ୍ଚାରଣ । ପାଠପଢାରୁ ଓକିଲାତି । ସବୁଥିଲେ ତାଙ୍କର ଅନନ୍ୟ ପରିଚୟ । ଓକିଲାତି ତାଙ୍କ ଜୀବନ ଥିଲା । ସେ ସମୟରେ କଟକରେ ପ୍ରାୟ ସବୁ ଓକିଲ ବଙ୍ଗାଳୀ । ମାତ୍ର ସ୍ୱଳ୍ପସମୟ ଭିତରେ ମଧୁବାବୁ ନିଜର ଦକ୍ଷତା ଓ ବାଗ୍ମିତା ବଳରେ ସବୁ ବଙ୍ଗାଳୀ ଓକିଲଙ୍କ ସହ ପ୍ରତିଯୋଗିତା କରି ନିଜର ସ୍ୱତନ୍ତ୍ରତା ବଜାୟ ରଖିବାରେ ସମର୍ଥ ହୋଇପାରିଥିଲେ । ତାଙ୍କର ଅକାଟ୍ୟ ଯୁକ୍ତି, ପାଣ୍ଡିତ୍ୟ ଓ ବାଗ୍ମିତା ବିଚାରପତିମାନଙ୍କୁ ମୁଗ୍ଧ କରିଦେଉଥିଲା । ୧୮୮୬ ମସିହାରେ ପୁରୀ ମନ୍ଦିର ମୋକଦ୍ଦମା ତାଙ୍କ ଓକିଲାତି ଜୀବନର ଏକ ମାଇଲଖୁଣ୍ଟ□ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଉତ୍କଳର ଇଷ୍ଟଦେବ ଶ୍ରୀଜଗନ୍ନାଥ ମନ୍ଦିରକୁ ବ୍ରିଟିଶ କବଳରୁ ରକ୍ଷା କରିବା ପାଇଁ ଅଦାଲତରେ ଲଢେଇ କରି ଓଡ଼ିଆ ଜାତିର ସ୍ୱାଭିମାନ ଓ ମର୍ଯ୍ୟାଦାକୁ ରକ୍ଷା କରିବାରେ ସଫଳ ହୋଇଥିଲେ ସେ । ଏହି ମୋକଦ୍ଦମା ଛଡା ଅନ୍ୟ ବଡ ବଡ ମୋକଦ୍ଦମାରେ ସେ ବିଜୟୀ ହେବାର ଅନେକ ନଜିର ଅଛି । ଖାଲି ସେତିକି ନୁହେଁ ତାଙ୍କ ଏକନିଷ୍ଠ ଉଦ୍ୟମ ଯୋଗୁଁ ଭାରତରେ ମହିଳାମାନେ କୋର୍ଟରେ ଓକିଲାତି କରିବାର ସୁଯୋଗ ପାଇଥିଲେ । ତାଙ୍କର ପ୍ରତ୍ୟୁତ୍ପନ୍ନମତିତା, ବିଚକ୍ଷଣତା ଓ ସର୍ବୋପରି ହାସ୍ୟରସ ଉଦ୍ରେକ କରିବାର ଶକ୍ତି ତାଙ୍କୁ ଓକିଲାତି ବ୍ୟବସାୟରେ ଶୀର୍ଷସ୍ଥାନରେ ପହଞ୍ଚାଇ ପାରିଥିଲା । ସେଥିପାଇଁ ତାଙ୍କୁ ମଧୁ ବାରିଷ୍ଟର ବୋଲି କୁହାଯାଏ । ଓଡ଼ିଶାରେ ବ୍ୟାପକ ଶିଳ୍ପାୟନ ଉପରେ ଗୁରୁତ୍ୱ ଦେଇଥିଲେ ମଧୁବାବୁ । ସେ ଥିଲେ ଓଡ଼ିଶାର ପ୍ରଥମ ଶିଳ୍ପଦ୍ୟୋଗୀ । ତାଙ୍କ ପ୍ରତିଷ୍ଠିତ 'ଉତ୍କଳ ଟ୍ୟାନେରୀ'ର ଜୋତା ସେତେବେଳେ ୧୯୧୪ ପ୍ରଥମ ବିଶ୍ୱଯୁଦ୍ଧରେ ଆମଦାନୀ କରି ବ୍ୟବହାର କରିଥିଲେ ଜର୍ମାନ ସୈନିକଗଣ । ଯେଉଁଥିପାଇଁ ମଧୁବାବୁଙ୍କ ଉଦ୍ଦେଶ୍ୟରେ ମହାତ୍ମାଗାନ୍ଧି କହିଥିଲେ - "ମଧୁବାବୁଙ୍କୁ ଭେଟିବାର ସୌଭାଗ୍ୟ ମୋତେ ମିଳିଥିଲା। ସେ ଥିଲେ ଜଣେ ମହାନ୍ ଦେଶପ୍ରେମୀ"। ଦେଶର ଯୁବଶକ୍ତିକୁ ଶ୍ରମର ମର୍ଯ୍ୟାଦା ସମ୍ପର୍କରେ ଶିକ୍ଷାଦେବା ପାଇଁ ସେ ଯତ୍ନବାନ ଥିଲେ । କୌଣସି ପରିସ୍ଥିତିରେ ସେ ନିଜର ସ୍ୱାଭିମାନ ଜଳାଞ୍ଜଳି ଦେଇନଥିଲେ । ଯେଉଁଥିପାଇଁ ଅନ୍ତର୍ଜାତିକ ମାନ୍ୟତା ହାସଲ କରିଥିବା ଉତ୍କଳ ଟ୍ୟାନେରୀ ପାଇଁ ସର୍ବସ୍ୱାନ୍ତ ହୋଇଯାଇଥିଲେ । ପରେ ସେ ଦେବାଳିଆ ବୋଲି ଘୋଷଣା କରାଯାଇଥିଲା । ତଥାପି ସେ ନିଜର ସ୍ୱାଭିମାନ ଛାଡିନଥିଲେ । ନିଜର ସ୍ୱାଭିମାନ ବଜାୟ ରଖିବା ପାଇଁ ପରିଣତ ବୟସରେ ବି ସେ କଚେରୀକୁ ଯାଇ ଓକିଲାତି କରିଥିଲେ । କେବଳ ସେତିକି ନୁହେଁ ସମଗ୍ର ଓଡ଼ିଆ ଜାତିକୁ ସ୍ୱାବଲମ୍ବୀ କରିବା ପାଇଁ ସେ ଆରମ୍ଭ କରିଥିଲେ ସୁନାରୂପାର ତାରକସି ଶିଳ୍ପ ଓ ବୟନଶିଳ୍ପ । ଆଜି ଓଡ଼ିଶାର ତାରକସି ଶିଳ୍ପ, ସମ୍ବଲପୁରୀ ଶାଢୀ, ବ୍ରହ୍ମପୁରୀ ପାଟ, ଓଡ଼ିଆ ଶିଳ୍ପୀଙ୍କ ଯେଉଁ ଅପୂର୍ବ ଶିଙ୍ଗ କାମ ଭାରତ ଓ ଭାରତ ବାହାରେ ଯେଉଁ ଟେକ ରଖିପାରିଛି, ତାପଛରେ ରହିଛି ମଧୁବାବୁଙ୍କ ସ୍ୱଦେଶୀ ସ୍ୱପ୍ନ ଓ ତାର ରୂପାୟନ । ମଧୁସୂଦନ ଜାତୀୟ ଜୀବନ ଉପରେ ଗୁରୁତ୍ୱ ଦେଉଥିଲେ। ଜାତିର ଟେକ ରଖିବାକୁ ସେ ସବୁବେଳେ କହୁଥିଲେ । ଓଡ଼ିଶାରେ ଜନ୍ମ ହୋଇଥିବାରୁ ସେ ନିଜକୁ ଗର୍ବିତ ଅନୁଭବ କରୁଥିଲେ । ୧୯୧୨ ମସିହା ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନରେ ସେ କହିଥିଲେ - "ମୁଁ ଓଡ଼ିଆ, ଓଡ଼ିଶାରେ ଜନ୍ମଗ୍ରହଣ କରିଅଛି ଏବଂ ବାସ କରୁଅଛି। ଉତ୍କଳମାତା କୋଳରେ ମୋର ଅସ୍ଥି, ମାଂସ ରହିବ । ଯେଉଁମାନେ କୀର୍ତ୍ତି କରିଯାଇଛନ୍ତି, ସେମାନେ ମୋ ପୂର୍ବପୁରୁଷ। ତାଙ୍କ କୀର୍ତ୍ତିରକ୍ଷାର ଭାର ମୋ ଉପରେ ନ୍ୟସ୍ତ"। ଉତ୍କଳ ତଥା ଦେଶର ଗୌରବ ବୃଦ୍ଧି ପାଇଁ ପ୍ରତ୍ୟେକ ପାଞ୍ଚ□ ମିନିଟ୍ ସମୟ ଦେବାକୁ ଆକୁଳ ନିବେଦନ କରି କହିଥିଲେ - ଉତ୍କଳର ଅସ୍ତମିତ ଗୌରବର ବିଷୟ ଥରେ ଚିନ୍ତାକର । ଏଭଳି ଚିନ୍ତା-ଚେତନାର ନେତା ଆଜିର ଦୁନିଆରେ ବିରଳ । ଖାଲି ସେତିକି ନୁହେଁ ସେ ଥିଲେ ଜଣେ ଜାତୀୟତାବାଦୀ କବି। ତାଙ୍କ କବିତାରେ ଜାତୀୟତା ଭାବ ଓ ତତ୍କାଳୀନ ଦେଶର ଅବସ୍ଥା ବେଶ୍ ପ୍ରତିଫଳିତ ହୋଇଥିଲା । ସେଥିପାଇଁ ସେ କହୁଥିଲେ ଅତୀତର ଉଦ୍‌ବୋଧନ ମଣିଷ ଇତିହାସରୁ ପାଏ । ଇତିହାସ ଅତୀତ ମଣିଷ ଓ ଜାତିର ସ୍ମାରକୀଲିପି । ଓଡ଼ିଆ ସ୍ୱାଭିମାନର ମହାମାନ୍ତ୍ରିକ ଉତ୍କଳ ଗୌରବ ମଧୁସୂଦନ ଦାସ ଆଜି ଆମ ଗହଣରେ ନାହାଁନ୍ତି । ତାଙ୍କ ଅବର୍ତ୍ତମାନରେ ଅନେକ କଥା ମନେପଡୁଛି। ପ୍ରତିବର୍ଷ ଫେବୃଆରୀ ୪ ଓ ଏପ୍ରିଲ ୨୮ ତାରିଖ ଆସିଲେ ଆମେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ସଭାସମିତିରେ ଆମ କର୍ତ୍ତବ୍ୟ ସାରିଦେଉ। ଏବେ ମଧୁବାବୁଙ୍କୁ ଭାରତରତ୍ନ ଦେବା ପାଇଁ ଦାବି ହେଉଛି । ପୂର୍ବରୁ ମଧ୍ୟ ଦାବି ହେଉଥିଲା । ଏହିଭଳି ଜଣେ ଯୋଗଜନ୍ମା ବରପୁତ୍ରଙ୍କୁ ଭାରତରତ୍ନ ଦେବା ଯଥାର୍ଥ ମନେହୁଏ । କେବଳ ଉପର ମହଲର ଉଦାସୀନତାରୁ ଏହି ଯୋଗଜନ୍ମା ବରପୁତ୍ର ଏହି ସମ୍ମାନରୁ ବଞ୍ଚିତ ହୋଇଛନ୍ତି

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୨୫ ମଇ ୨୦୨୬ ସୋମବାର





## ଆଠଗଡ଼ରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**କଟକ, ନ୍ୟୁଜ୍ ବ୍ୟୁରୋ**

ଜନ ଜାତୀୟ ଗରିମା ଉତ୍ସବ ଅବସରରେ ଦେଶବ୍ୟାପୀ ଚାଲିଥିବା ଜନ ଭାଗୀଦାରୀ – ସବସେ ଦୂର ସବସେ ପେହଲେ ବା ସବୁଠାରୁ ଦୂରରେ ସର୍ବପ୍ରଥମେ ଅଭିଯାନ ଅନ୍ତର୍ଗତ କଟକ ଜିଲ୍ଲାର ଆଠଗଡ ବ୍ଲକରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ଓ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ସ୍ୱଚ୍ଛତାର ଗୁରୁତ୍ୱ ସମ୍ପର୍କରେ ସଚେତନ କରିଥିଲେ । ଗ୍ରାମର ରାସ୍ତାଘାଟ, ସାର୍ବଜନୀନ ସ୍ଥାନ ଓ ପରିବେଶ ପରିଷ୍କାର ରଖିବା ସହ ସ୍ୱାସ୍ଥ୍ୟକର ଜୀବନଯାପନ ପାଇଁ ସମସ୍ତଙ୍କୁ ସଚେତନ ହେବାକୁ ଆହ୍ୱାନ କରାଯାଇଥିଲା । ସେହିପରି ବାରଙ୍ଗ ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଜନଶୁଣାଣି, ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଶିବିରରେ ଉପସ୍ଥିତ ରହି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଭିନ୍ନ ରୋଗର ଚିହ୍ନଟ କରି ଆବଶ୍ୟକ ଚିକିତ୍ସା ପରାମର୍ଶ ଦେଇଥିଲେ । ଏହା ସହ ରୋଗୀମାନଙ୍କୁ ବିନା ମୂଲ୍ୟରେ ଔଷଧ ବଣ୍ଟନ କରାଯାଇଥିଲା । ଜନ ଶୁଣାଣିରେ ବିଭିନ୍ନ ବିଭାଗ ସମ୍ପର୍କିତ ଅଭିଯୋଗ ହସ୍ତଗତ ହୋଇଥିଲା । ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ସମ୍ପୃକ୍ତ ବ୍ଲକର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଗ୍ରାମାଞ୍ଚଳରେ ସରକାରଙ୍କ ଲୋକାଭିମୁଖୀ ଯୋଜନା ପହଞ୍ଚାଇବା ଜନଭାଗୀଦାରୀ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ।

# ପାଣି ପାଇଁ ଡହଳ ବିକଳ କାଶୀପାଳ ଗ୍ରାମବାସୀ

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ବିଭାଗୀୟ କର୍ମଚାରୀ ଏବଂ ଅଧିକାରୀମାନଙ୍କ ଅବହେଳା ପାଇଁ ପାନୀୟ ଜଳ ଯୋଗାଣ ଏକ ପ୍ରହସନରେ ପରିଣତ ହୋଇଛି । ପ୍ରତ୍ୟେକ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରତିପଞ୍ଚାୟତରେ ବସୁଧା ପାଣି ଟାଙ୍କି ନିର୍ମାଣ କରିଥିଲେ ମଧ୍ୟ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ମଧ୍ୟ ସ୍ୱଚ୍ଛ ପାନୀୟ ଜଳ ଟୋପାଏ ପାଇବାରୁ ବଞ୍ଚିତ ହେଉଛନ୍ତି ଲୋକେ । ଏମିତି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ



କାଶୀପାଳ ପଞ୍ଚାୟତ କାଶୀପାଳ ଗ୍ରାମର ନୂଆସାହି, ଶଙ୍ଖାସାହି ଓ ବଣସାହିରେ । ଏହି ତିନୋଟି ସାହିରେ ଥିବା ଶତାଧିକ ପରିବାରକୁ ଗୁଲୁଦୀପସୀ ଗ୍ରାମରେ ଥିବା ପାଣିଟାଙ୍କିରୁ ପାଣି ଯୋଗାଣ ନିମନ୍ତେ ପାଇପ ସଂଯୋଗ ହୋଇଛି । ପାଇପ ସଂଯୋଗ ହେବା ପରେ କିଛି ଦିନ ପାଣି ମଧ୍ୟ ଠିକ୍‌ଠାକ୍ ଚାଲିଥିଲା । କିନ୍ତୁ ଗତ ପ୍ରାୟ ୭ ମାସରୁ ଉର୍ଦ୍ଧ୍ୱ ହେବ ପାଣି ଯୋଗାଣ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯିବାରୁ ଟୋପାଏ ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି ସାହି ବାସିନ୍ଦା । ପାଣି ସଂଯୋଗ ବିଚ୍ଛିନ୍ନ ହେବାର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଏଥିପ୍ରତି ବିଭାଗୀୟ କର୍ମଚାରୀ କିମ୍ବା ଅଧିକାରୀ କେହି ଗୁରୁତ୍ୱ ଦେଉନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ପାଣି ଯୋଗାଣ ବନ୍ଦ ହେବା ଫଳରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତିନି ସାହି ବାସୀନ୍ଦା । ଏହି ନୂଆସାହିରେ ପ୍ରାୟ ୧୦୦ ପରିବାର, ଶଙ୍ଖାସାହିରେ ୬୦ ପରିବାର ଓ ବଣସାହିରେ ପ୍ରାୟ ୧୦ ପରିବାର ପାଣି ଯୋଗାଣରୁ ବଞ୍ଚିତ ହେବା ଫଳରେ ପିଇବା ପାଣି ଟୋପାଏ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଫଳରେ ଏହାକୁ ନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ସାହିର ପାଣି ସମସ୍ୟା ଦୂର କରିବାକୁ ଦାବି ହେଉଛି ।

## ଘନଘନ ଅଘୋଷିତ ବିଦ୍ୟୁତ୍ କାଟ୍:ଜନଜୀବନ ଅସ୍ତବ୍ୟସ୍ତ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ଅଞ୍ଚଳରେ ଘନଘନ ବିଦ୍ୟୁତ୍ କାଟ୍ କରାଯାଉଥିବାରୁ ଅଞ୍ଚଳର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲେଣି । ଗ୍ରୀଷ୍ମ ଋତୁରେ ବିଜୁଳି କାଟ୍ ହେବନାହିଁ ବୋଲି ରାଜ୍ୟ ସରକାର ଘୋଷଣା କରିଥିବାବେଳେ ଚୌଦ୍ୱାର ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଏବେ ପ୍ରଚଣ୍ଡ ରୌଦ୍ରତାପ ସହିତ ଅସହ୍ୟ ଗୁଳୁଗୁଳିରେ ପିଲାଛୁଆଙ୍କ ଠାରୁ ଅରମ୍ଭ କରି ସମଗ୍ର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବାବେଳେ ବାରମ୍ବାର ବିଦ୍ୟୁତ୍ କାଟ ହେତୁ ଲୋକେ ନାହିଁନଥିବା ଯାତନା ଭୋଗ କରୁଛନ୍ତି । ଆକାଶରେ ମେଘ ଖଣ୍ଡ ଦେଖିଲେ କିମ୍ବା ସାମାନ୍ୟ ବିଜୁଳି, ଘଡଘଡି ଅବା ପବନ ହେବା ମାତ୍ରେ ସମଗ୍ର ଚୌଦ୍ୱାର ଅଞ୍ଚଳରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ବିଚ୍ଛିନ୍ନ କରିଦିଆଯାଉଛି । ଏଥିସହିତ ପ୍ରତି ମାସରେ ମରାମତି ନାମରେ ବାରମ୍ବାର ଦିନ ତମାମ୍ ବିଦ୍ୟୁତ୍ କାଟ୍ କରିଦିଆଯାଉଛି । ଏହି ଅଘୋଷିତ ବିଦ୍ୟୁତ୍ କାଟ୍ ବେଡି ଉପରେ କୋରଡା ସଦୃଶ୍ୟ ହେଉଥିବା ଲୋକେ ଅଭିଯୋଗ କରୁଛନ୍ତି । ବାରମ୍ବାର ମରାମତି ନାମରେ ବିଦ୍ୟୁତ୍ କାଟ୍ କରା ଯାଉଥିବାବେଳେ ସମସ୍ୟାର ସ୍ଥାୟୀ ମରାମତି ନକରି ଲୋକମାନଙ୍କୁ ସେବା ଯୋଗଇ ଦେବାରେ ବିଦ୍ୟୁତ୍ ବିତରଣକାରୀ ସଂସ୍ଥା ଟାଟା ପାୱାର ଚୌଦ୍ୱାରରେ ଏକରକମ ଫେଲ୍ ମରିଥିବା ସାଧାରଣରେ ଚର୍ଚ୍ଚା ହେଉଛି । ବିଦ୍ୟୁତ୍ କାଟ୍ ପାଇଁ ଲୋକେ ହନ୍ତସନ୍ତ ହେଉଥିବାବେଳେ ସେଥିପ୍ରତି ଧ୍ୟାନ ନଦେଇ କେବଳ ବକେୟା ବିଲ୍ ଆଦାୟ ଓ ସ୍ମାର୍ଟ ମିଟର ବସେଇବା କାର୍ଯ୍ୟରେ କମ୍ପାନୀର ଉଚ୍ଚପଦାଧିକାରୀ ଓ କର୍ମଚାରୀମାନେ ଅତ୍ୟଧିକ ମାତ୍ରାରେ ବ୍ୟସ୍ତ ରହୁଥିବା ଲୋକମାନେ ଅଭିଯୋଗ କରିଛନ୍ତି ।

### ////////////////////// ଶିବ ବିବାହ ଉତ୍ସବ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ //////////////////////

# ଜୁନ୍ ୧୯ରେ ବିବାହ ବନ୍ଧନରେ ବାନ୍ଧି ହେବେ ଦେବଦମ୍ପତି

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ଶିବବିବାହ ମହୋତ୍ସବ ଆସନ୍ତା ଜୁନ୍ ୧୯ ତାରିଖରେ ବୈଦିକ ରୀତିନୀତି ଓ ଲୋକାଚାର ମଧ୍ୟରେ ଆୟୋଜିତ ହେବ । ଏହି ମହୋତ୍ସବକୁ ସୁଚାରୁରୂପେ ସମ୍ପନ୍ନ କରିବା ନିମନ୍ତେ ଭଦ୍ରକ ଜିଲ୍ଲାପାଳ ତଥା ଶିବବିବାହ ଉତ୍ସବ କମିଟିର ଅଧ୍ୟକ୍ଷ ଦିଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଏସ୍‌ପି ମନୋଜ ରାଉତ, ଏଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଉପଜିଲ୍ଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ସୌରଭ ଚକ୍ରବର୍ତ୍ତୀ, ମନ୍ଦିର ଟ୍ରଷ୍ଟସଭ୍ୟ ତଥା କନିକାରାଜାଙ୍କ ପ୍ରତିନିଧି ମାୟାଧର ବାରିକ, ସେବାୟତ ପ୍ରତିନିଧି ଦେବଦତ ପାଢୀଙ୍କ ସହ ମନ୍ଦିରର ବରିଷ୍ଠ ସେବାୟତ ଏବଂ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ । ଆସନ୍ତା ଶିବ ବିବାହ ଉତ୍ସବକୁ ସୁଚାରୁ, ଶୃଙ୍ଖଳିତ ଓ ଭକ୍ତମାନଙ୍କ ପାଇଁ ସୁବିଧାଜନକ ଭାବେ ଆୟୋଜନ କରିବା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉତ୍ସବ ସମୟରେ ଆଇନଶୃଙ୍ଖଳା, ଯାତାୟାତ, ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ ଓ ଭକ୍ତମାନଙ୍କ ଦର୍ଶନ ବ୍ୟବସ୍ଥାକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ଜ୍ୟେଷ୍ଠ ମାସ ମଳ ମାସ ହୋଇଥିବାରୁ ଏକ ମାସ ଧରି କୌଣସି ମାଙ୍ଗଳିକ କାର୍ଯ୍ୟ ହୋଇନଥାଏ । ତେଣୁ ଆସନ୍ତା ଜୁନ୍ ୧୯ ତାରିଖ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ଦେବଦମ୍ପତି ବିବାହ ବନ୍ଧନରେ ବାନ୍ଧି ହେବେ ବୋଲି ଜ୍ୟୋତିଷ ଓ ବ୍ରାହ୍ମଣମାନଙ୍କ ଦ୍ୱାରା ସ୍ଥିର କରାଯାଇଛି । ଏଥିପାଇଁ ଜୁନ୍ ୧୮ରେ ମଙ୍ଗଳପାଗ ନୀତି ଅନୁଷ୍ଠିତ ହେବ । ପ୍ରାରମ୍ଭରେ ମ୍ୟାନେଜିଂ ଟ୍ରଷ୍ଟି ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଉତ୍ସବ ସମ୍ପର୍କିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରାଯାଇଥିଲା । ପରେ ଜିଲ୍ଲାପାଳ ଦିଲୀପ ରାଉତରାଏ ପ୍ରାରମ୍ଭିକ ଅଭିଭାଷଣ ରଖି ଉତ୍ସବକୁ ଶାନ୍ତିପୂର୍ଣ୍ଣ ଓ ସଫଳ ଭାବେ ସମ୍ପନ୍ନ କରିବାକୁ ସମସ୍ତ ବିଭାଗର ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ । ସେବାୟତ ବିଜୟ କୁମାର ଦାସ ଶିବ ବିବାହ ଉତ୍ସବ ଦିନର ନୀତିକାନ୍ତି ଓ ପାରମ୍ପରିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ, ସ୍ୱାସ୍ଥ୍ୟ ସେବା, ଅଗ୍ନିଶମ ବ୍ୟବସ୍ଥା ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସୂଚନା କେନ୍ଦ୍ର ପରିଚାଳନା ସହ ବିଭିନ୍ନ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଥିଲା । ସ୍ୱେଚ୍ଛାସେବୀମାନଙ୍କ ସହଯୋଗ ନେଇ ଭକ୍ତମାନଙ୍କ ସୁବିଧା ସୁନିଶ୍ଚିତ କରିବାକୁ ବି ଗୁରୁତ୍ୱ ଦିଆଯାଇଥିଲା । ପରିବେଶ ସୁରକ୍ଷା ଦୃଷ୍ଟିରୁ ବାଣ ଫୁଟା କାର୍ଯ୍ୟକ୍ରମରେ ସବୁଜ ବାଣ ବ୍ୟବହାର କରିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା । ଏହାଛଡ଼ା ଶିବ ବିବାହ ଉତ୍ସବରେ ଜିଲ୍ଲା ସଂସ୍କୃତି ବିଭାଗ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସମାରୋହ, ବ୍ୟୟ ଅଟକଳ ଓ କିଛି ସେବାୟତଙ୍କ ଦ୍ୱାରା ଭୁଲ୍ ପରିଚୟ ଦେଖାଇ ଗର୍ଭଗୃହ ମଧ୍ୟକୁ ପ୍ରବେଶ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ବୈଠକରେ ଶିବବିବାହ ମହୋତ୍ସବକୁ ଦୃଷ୍ଟିରେ ରଖି ପୀଠରେ ଦୁଇଦିନ ଧରି ନିରବିଚ୍ଛିନ୍ନ ବିଦ୍ୟୁତ୍ ସେବା, ପାନୀୟଜଳ ଯୋଗାଣ, ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା ଆଦି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବିବାହ ଉତ୍ସବର ବରଧରା ଓ ବରାନୁଗମନ ଶୋଭାଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ସୂଚନା ଦିଆଯାଇଥିଲା । ସେହିପରି ଶୋଭାଯାତ୍ରାରେ ଅଂଶଗ୍ରହଣ କରୁଥିବା ବିଭିନ୍ନ ଜିଲ୍ଲାର ଲୋକବାଦ୍ୟ ଓ ଲୋକନୃତ୍ୟ ଦଳଙ୍କୁ ଅଗ୍ରିମ ବରାଦ ପ୍ରଦାନ କରାଯିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା । ସଂସ୍କୃତି ବିଭାଗ ପକ୍ଷରୁ ଶୋଭାଯାତ୍ରାରେ ବିଭିନ୍ନ ଲୋକନୃତ୍ୟ ଦଳ ଯୋଗାଇ ଦେବା ପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଉକ୍ତ ବୈଠକରେ ଚାନ୍ଦବାଲି ତହସିଲଦାର ଭବତୋଷ ମଲିକ, ବିଡିଓ ସଞ୍ଜୀବ ମହାନ୍ତି, ସେବାୟତ ଭୀମସେନ ପଣ୍ଡା, ଗଦାଧର ପାଢୀ, ସୁରେନ୍ଦ୍ର ପାଢୀ, ଆଶିଷ ପାଢୀ, ଅରବିନ୍ଦ ପାଢୀ, ରାଧାକାନ୍ତ ପାଢୀ, ଲଲାଟକିଶୋର ପାଢୀ, ଶିବାନନ୍ଦ ପାଢୀ, ବାବାଜୀ ଶଙ୍କର ପାଢୀ ପ୍ରମୁଖଙ୍କ ସହ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ ।

## ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ବେଆଇନ ସିଲିଣ୍ଡର ବ୍ୟବହାର ଉପରେ ଚଢ଼ଉ:୭ ସିଲିଣ୍ଡର ଜବତ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ମଧ୍ୟାହ୍ନରେ ଜିଲ୍ଲା ଯୋଗାଣ ବିଭାଗ ସ୍କ୍ୱାର୍ଡ ଅଚାନକ ଅଇଁଠାପାଲି ଛକ ସ୍ଥିତ ଏକ ଟିଫିନ୍ ସେଣ୍ଟରରେ ଚଢ଼ଉ କରିଥିଲା । ବେଆଇନ୍ ଭାବେ ବ୍ୟବସାୟିକ କାର୍ଯ୍ୟରେ ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରୁଥିବା ନେଇ ସମ୍ପୃକ୍ତ ଦୋକାନ ମାଲିକ କେ. ଅଶୋକ ମୁଦୁଲିଙ୍କ ବିରୋଧରେ କେହି ବିରୋଧି ଅଭିଯୋଗ କରିବା ପରେ ବିଭାଗୀୟ ସ୍କ୍ୱାର୍ଡ ହଠାତ୍ ଦୋକାନ ଉପରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ୭ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବସାୟୀକ ଭିତିରେ ବ୍ୟବହାର ହେଉଥିବା ଚିହ୍ନଟ ହୋଇଥିଲା । ସୂଚନା ଅନୁଯାୟୀ ୨ଟି ଖାଲି ଥିବା ବିପିସିଏଲ୍ ଘରୋଇ ସିଲିଣ୍ଡର, ୪ଟି ଖାଲି ଥିବା ଏଚପିସିଏଲ୍ ଘରୋଇ ସିଲିଣ୍ଡର, ୧ଟି ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ସହିତ ନେଟ୍ ଓଜନ ୬.୧୦ କିଲୋଗ୍ରାମ ଥିବା ଆଇଓସିଏଲ୍ ଘରୋଇ ସିଲିଣ୍ଡର ଜବତ କରାଯାଇଥିବା ଜଣାପଡ଼ିଛି । ସହରରେ ବେଆଇନ୍ ଭାବେ ଜାଳେଣୀ ଗ୍ୟାସ୍‌ର କଳାବଜାରୀ ଓ ବେଆଇନ୍ ବ୍ୟବହାର ଉପରେ ନିଜ ପରିଚୟକୁ ଗୁପ୍ତ ରଖି ଅନେକ ସୂଚନାଦାତାଙ୍କ ସୂଚନା ଯୋଗାଣ ବିଭାଗର ଚଢ଼ଉକୁ ବେଶ୍ ସୁଗମ କରୁଥିବା କୁହାଯାଉଛି । ଏହିପରି ଲୋକେ ସଚେତନ ରହି ଆଗାମୀ ଦିନରେ ବିଭିନ୍ନ ବେଆଇନ୍ କାର୍ଯ୍ୟକଳାପ ସମ୍ପର୍କରେ ସମ୍ପୃକ୍ତ ବିଭାଗକୁ ଅବଗତ କରାଇଲେ ସମାଜ ଦୁର୍ନୀତିମୁକ୍ତ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

# ଭଦ୍ରକ ଜିଲ୍ଲାର ପ୍ରମୁଖ ଗ୍ରାମାଞ୍ଚଳରେ ମଦ ବିକ୍ରି ଟାର୍ଗେଟ୍ ବଢ଼ିଲା

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଯୁବପିଢ଼ିଙ୍କୁ ରୋଜଗାରକ୍ଷମ କରିବା ପାଇଁ ସରକାରୀ ଯୋଜନା ଫେଲ୍ ମାରୁଥିବା ବେଳେ, ଗ୍ରାମାଞ୍ଚଳକୁ ମଦ ନିଶାରେ ବୁଡ଼ାଇ ରଖିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ସାଂଘାତିକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି । ଭଦ୍ରକ ଜିଲ୍ଲାର ଧାମନଗର, ଦୋବଲ, ଅସୁରାଳି ଓ ଧୁଷୁରୀ ଭଳି ପ୍ରମୁଖ ଗ୍ରାମୀଣ ବଜାରଗୁଡ଼ିକ ପାଇଁ ୨୦୨୧ ଏବଂ ୨୦୨୬ ମସିହାର ସରକାରୀ ଅବକାରୀ ବିଜ୍ଞପ୍ତିକୁ ଅନୁଧ୍ୟାନ କଲେ ସରକାରଙ୍କ ମଦ ପ୍ରେମ ଓ ରାଜସ୍ୱ ପାଇଁ ସାଧାରଣ ଜୀବନକୁ ବାଜି ଲଗାଇବାର କଦର୍ଯ୍ୟ ରୂପ ପଦାରେ ପଡ଼ିଛି । ପାଞ୍ଚ ବର୍ଷ ଭିତରେ ମଦ ବିକ୍ରି ଟାର୍ଗେଟ୍‌କୁ ୪ ଗୁଣାରୁ ଅଧିକ ବଢ଼ାଇ ସରକାର ପ୍ରତିଟି ଗାଁରେ ମଦୁଆ ସୃଷ୍ଟି କରିବାର ଏକ ବିରାଟ କାରଖାନା ଖୋଲିଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି । ୨୦୨୧ ମସିହାରେ ସରକାର ଲିଟର ହିସାବରେ (ଏମ୍‌ଜିକ୍ୟୁ) ସର୍ବନିମ୍ନ ମଦ ଉଠାଣ ପାଇଁ ଟାର୍ଗେଟ୍ ଦେଉଥିଲେ । କିନ୍ତୁ ୨୦୨୬ରେ ସେହି କୋଟାକୁ ସରକାରୀ ସ୍ତରରେ ପ୍ରଭୁତ ପରିମାଣରେ ବୃଦ୍ଧି କରାଯାଇ ମାସିକ ସର୍ବନିମ୍ନ ରାଜସ୍ୱ (ଏମ୍‌ଜିଆର୍) ଧାର୍ଯ୍ୟ କରାଯାଇଛି । ଦୋବଲ ବିଦେଶୀ ମଦ ଦୋକାନ ପାଇଁ ୨୦୨୧ରେ ମାସିକ ଟାର୍ଗେଟ୍ ପ୍ରାୟ ୮.୭୫ ଲକ୍ଷ ଟଙ୍କା ବା ୧୦୦୭ ଲଣ୍ଡନ ପ୍ରୁଫ୍ ଲିଟର ମଦ ବା ପ୍ରାୟ ୧,୭୯୦ ବୋତଲ ଏବଂ ୮୪୫ (ବିଏଲ୍) ବିୟର ବା ପ୍ରାୟ ୧,୩୦୦ ବୋତଲ ଥିଲା । କିନ୍ତୁ ୨୦୨୬ରେ ସରକାର ଏହାକୁ ପ୍ରାୟ ୪.୪ ଗୁଣା ବଢ଼ାଇ ମାସିକ ୩୮,୬୦,୦୦୦ ଟଙ୍କା କରିଛନ୍ତି । ଏହାସହ ଦୋବଲ ଦେଶୀ ମଦ ଦୋକାନ ପାଇଁ ମାସିକ ୯,୯୪,୦୦୦ ଟଙ୍କାର ଟାର୍ଗେଟ୍ ଲଦି ଦିଆଯାଇଛି । ସେହିପରି ଧାମନଗର ବିଦେଶୀ ମଦ ଦୋକାନ ଲାଗି ୨୦୨୧ରେ ମାସିକ ଟାର୍ଗେଟ୍ ପ୍ରାୟ ୮.୪୦ ଲକ୍ଷ ଟଙ୍କା (୯୬୭ ଏଲପିଏଲ୍ ମଦ ଓ ୮୧୧ ବିଏଲ୍ ବିୟର) ଥିବାବେଳେ ୨୦୨୬ରେ ଏହା ବୃଦ୍ଧି ପାଇ ମାସିକ ୩୪,୧୫,୦୦୦ ଟଙ୍କାରେ ପହଞ୍ଚିଛି । ଅସୁରାଳି ବିଦେଶୀ ମଦ ଦୋକାନର ୨୦୨୧ରେ ମାସିକ ଟାର୍ଗେଟ୍ ପ୍ରାୟ ୭.୩୦ ଲକ୍ଷ ଟଙ୍କା (୮୪୧ ଏଲପିଏଲ୍ ମଦ ଓ ୭୦୫ ବିଏଲ୍ ବିୟର) ଥିଲା, ଯାହା ୨୦୨୬ରେ ସାଂଘାତିକ ଭାବେ ବଢ଼ି ମାସିକ ୫୧,୯୬,୦୦୦ ଟଙ୍କା ଛୁଇଁଛି । ଧୁଷୁରୀ ବିଦେଶୀ ମଦ ଦୋକାନରେ ୨୦୨୧ରେ ମାସିକ ଟାର୍ଗେଟ୍ ପ୍ରାୟ ୬ ଲକ୍ଷ ଟଙ୍କା (୬୯୧ ଏଲପିଏଲ୍ ମଦ ଓ ୫୮୦ ବିଏଲ୍ ବିୟର) ଥିବାବେଳେ ୨୦୨୬ରେ ଏହା ମାସିକ ୨୪,୮୯,୦୦୦ ଟଙ୍କାକୁ ବୃଦ୍ଧି ପାଇଛି । ବର୍ତ୍ତମାନର ବଜାର ମୂଲ୍ୟ ଅନୁଯାୟୀ, ଗୋଟିଏ ଗୋଟିଏ କାଉଣ୍ଟରରୁ ପ୍ରତି ମାସରେ ପ୍ରାୟ ୭,୦୦୦ ରୁ ୧୦,୦୦୦ ଲିଟର ମଦ ଗ୍ରାହକଙ୍କ ପେଟକୁ ଜବରଦସ୍ତି ପଠାଇବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବକାରୀ ନୀତି ପଛରେ କେବଳ ମଦୁଆ ସୃଷ୍ଟି କରିବାର ଲକ୍ଷ୍ୟ ନାହିଁ, ବରଂ ଗ୍ରାମାଞ୍ଚଳରେ 'ମଦ ମାଫିଆ' ରାଜକୁ ପ୍ରୋତ୍ସାହନ ଦେବାର ସ୍ପଷ୍ଟ ଚାଲାକି ଲୁଚି ରହିଛି । ୨୦୨୧ରେ ଆବେଦନ ଫି' ମାତ୍ର ୪୦,୦୦୦ ଟଙ୍କା ଥିଲା, ଯାହାଫଳରେ ସ୍ଥାନୀୟ ସାଧାରଣ ବ୍ୟବସାୟୀମାନେ ମଧ୍ୟ ଲଟେରି ପ୍ରକ୍ରିୟାରେ ଭାଗ ନେବାକୁ ସାହସ କରୁଥିଲେ । ୨୦୨୬ରେ ବିଦେଶୀ ମଦ ଦୋକାନ ପାଇଁ ଆବେଦନ ଫି' ୩,୦୦,୦୦୦ ଟଙ୍କା (୩ ଲକ୍ଷ) ଏବଂ ଦେଶୀ ମଦ ଦୋକାନ ପାଇଁ ୨,୦୦,୦୦୦ ଟଙ୍କା (୨ ଲକ୍ଷ) ଧାର୍ଯ୍ୟ କରାଯାଇଛି । ସବୁଠାରୁ ବଡ଼ କଥା ହେଉଛି, ଏହି ବିପୁଳ ଅର୍ଥ 'ନନ୍-ରିଫଣ୍ଡେବୁଲ୍' (ଅଫେରସ୍ତଯୋଗ୍ୟ) । ଅର୍ଥାତ୍, ଲଟେରିରେ ଦୋକାନ ନମିଳିଲେ ମଧ୍ୟ ଏହି ୩ ଲକ୍ଷ ଟଙ୍କା ପାଣିରେ ପଡ଼ିବ । ଏହି ନନ୍-ରିଫଣ୍ଡେବୁଲ୍ ଫି' ଅଧିକ ଥିବାରୁ କୌଣସି ସାଧାରଣ ବ୍ୟବସାୟୀ କିମ୍ବା ନୂଆ ଲୋକ ଏତେ ବଡ଼ ଆର୍ଥିକ ବିପଦ ନେବାକୁ ଆଗ୍ରହ ଦେଖାଉନାହାନ୍ତି । ଫଳସ୍ୱରୂପ, ଯେଉଁମାନଙ୍କର ପୂର୍ବରୁ କୋଟି କୋଟି ଟଙ୍କାର କଳାଧନ ରହିଛି ଏବଂ ଯେଉଁ ପୁରୁଣା ଲାଇସେନ୍ସଧାରୀଙ୍କର ପୂର୍ବରୁ ହିଁ ମଦ କାରବାରର ଭିତ୍ତିଭୂମି ଓ ଗୁଣ୍ଡାରାଜ୍ ରହିଛି, ସେହିମାନେ ହିଁ ପୁଣି ଥରେ ଟେଣ୍ଡର ପକାଉଛନ୍ତି । ଏହି ବ୍ୟବସ୍ଥା ଦ୍ୱାରା ଅଞ୍ଚଳରେ ଏକଚାଟିଆ ମଦ ମାଫିଆ ଗୋଷ୍ଠୀ ସୃଷ୍ଟି ହେବାର ଆଶଙ୍କା ଜଳଜଳ ଦେଖାଯାଉଛି । ଯଦି ଏକ ସୀମିତ ଜନସଂଖ୍ୟା ବିଶିଷ୍ଟ ଗ୍ରାମୀଣ ବଜାରରେ ସରକାର ମାସକୁ କୋଟି କୋଟି ଟଙ୍କାର ମଦ ବିକ୍ରି କରିବାକୁ ଦୋକାନୀଙ୍କ ଉପରେ ଚାପ ପକାଇବେ, ତେବେ ବ୍ୟବସାୟ ବଞ୍ଚାଇବା ପାଇଁ ସେହି ମାଫିଆମାନେ ଗାଁ ଗାଁରେ ବେଆଇନ୍ ମଦ କାଉଣ୍ଟର ଖୋଲିବେ ଏବଂ ସ୍କୁଲ-କଲେଜ ପଢୁଆ ଯୁବପିଢ଼ିଙ୍କୁ ଜବରଦସ୍ତି ନିଶା ଆଡ଼କୁ ଆକର୍ଷିତ କରିବେ । ରାଜସ୍ୱ ଆଦାୟ ଆଳରେ ସରକାର ଓଡ଼ିଶାର ମା' ଭଉଣୀମାନଙ୍କ ସିନ୍ଦୂର ଉଜାଡ଼ିବାକୁ ଏବଂ ସମାଜକୁ ଅପରାଧର ଗଡ଼ କରିବାକୁ ଏହିଭଳି ମାରାତ୍ମକ ଯୋଜନା କରିଥିବା ସ୍ପଷ୍ଟ ହେଉଛି । ଅବକାରୀ ବିଭାଗର ଏହି ଗରିବ ମାରଣ ନୀତି ଏବଂ ମାଫିଆ-ପ୍ରୀତି ବିରୋଧରେ ଆଗାମୀ ଦିନରେ ସମଗ୍ର ଭଦ୍ରକ ଜିଲ୍ଲାରେ ଏକ ବଡ଼ ଜନଆନ୍ଦୋଳନ ମୁଣ୍ଡ ଟେକିବ ନିଶ୍ଚିତ ।

## ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ଭେଟିଲେ ଜିଲ୍ଲାପାଳ:ଓଡ଼ିଶା ସାମ୍ବାଦିକ ସଂଘ ପକ୍ଷରୁ ସହାୟତା ପ୍ରଦାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ବଣମଲ୍ଲୀର ବାସ୍ନା ଅତ୍ୟନ୍ତ ନିଆରା ଏହା ସମସ୍ତେ ଜାଣନ୍ତି । କିନ୍ତୁ ସେହି ପ୍ରତିଭାକୁ ଖୋଜିବାକୁ ଚିହ୍ନିବାକୁ ଆଗେଇ ଆସନ୍ତି ଖୁବ୍ କ୍ୱଚିତ୍ ଲୋକ । ଗୁଣଗ୍ରାହୀ ଗୁଣର ମହତ୍ୱ ଚିହ୍ନିଲା ପରି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ନନ୍ଦନମାଳ ପରି ଏକ ମଫସଲ ଗାଁର ବଣମଲ୍ଲୀ ପରି ପ୍ରସ୍ଫୁଟିତ ଏକ ପ୍ରତିଭା ମହେନ୍ଦ୍ରି ନାଗ ଯିଏକି ପ୍ରଖ୍ୟାତ ତିରୁପତି ବିଶ୍ୱ ବିଦ୍ୟାଳୟ ସଂସ୍କୃତ ସ୍ନାତକୋତ୍ତର ବିଭାଗରେ ସ୍ୱର୍ଣ୍ଣ ପଦକ ପ୍ରାପ୍ତ କରିବା ସହ ଜିଲ୍ଲାର ଗୌରବ ବୃଦ୍ଧି କରିଥିବାରୁ ଜିଲ୍ଲାପାଳ ନିଜେ ମହେନ୍ଦ୍ରୀର କୁଡ଼ିଆ ଘରକୁ ଯାଇ ସମ୍ବର୍ଦ୍ଧିତ କରିବା ସହ ଆର୍ଥିକ ସହାୟତା କରି ବିଜ୍ଞତା ତଥା ମହନୀୟତାର ପରିଚୟ ସୃଷ୍ଟି କରିଛନ୍ତି । ପ୍ରକାଶଥାଉକି ଯେ ମହେନ୍ଦ୍ରି ସୋନପୁର କଲେଜରେ ଅଧ୍ୟୟନ କରୁଥିବା ବେଳେ ଗ୍ରାଜୁଏସନ୍‌ରେ ସଂସ୍କୃତ ସମ୍ମାନରେ କଲେଜ୍ ଟପ୍ପର ହୋଇଥିଲେ । ତାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ମହେନ୍ଦ୍ରୀ ନିଜେ ଚକୋଲେଟ୍, ବିସ୍କେଟ୍, କୁର୍‌କୁରେ ବିକି ଘରେ ଦି ପଇସା ରୋଜଗାର କରି ସେହି ଅର୍ଥରେ ପାଠ ପଢୁଥିଲେ । ପରେ ପରେ ଘରେ ଶିକ୍ଷାଦାନ କରିବା ସହ ଗ୍ରୁପ୍ ଋଣ ସହାୟତାରେ ଖୁବ୍ ସଂଘର୍ଷ କରି ସେ ଉଚ୍ଚ ଶିକ୍ଷା ଲାଭ କରିଥିଲେ । ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ୧୦ ମଶକ୍କ୍ରବରୁ ୯.୪% ମାର୍କ ରଖି ତାଙ୍କୁ ପ୍ରଖ୍ୟାତ ସଂସ୍କୃତ ବିଶ୍ୱ ବିଦ୍ୟାଳୟରେ ସ୍ୱର୍ଣ୍ଣ ପଦକ ମିଳିଛି । ମହେନ୍ଦ୍ରି ଏବେ ଲକ୍ଷ୍ନୌରେ ବିଇଡି କରୁଥିବା ବେଳେ ସିଟିଇଟି (ସିଟେଡ)ରେ ମଧ୍ୟ ଉତ୍ତୀର୍ଣ୍ଣ



ହୋଇଛନ୍ତି । ଏହି ସବୁ କଥା ଜିଲ୍ଲାପାଳଙ୍କୁ କହୁଥିବା ବେଳେ ଭାବ ପ୍ରବଣ ହୋଇ ଯାଇ କାନ୍ଦି ପକାଇଥିଲେ ମହେନ୍ଦ୍ରୀ । ମୁଁ ନିଜେ ବି ଏହିଭଳି କୁଡ଼ିଆ ଘରୁ ବଢ଼ିଛି ଖୁବ୍ ସଂଘର୍ଷ କରି ପାଠ ପଢ଼ିଛି ଖୁବ୍ ଦୁଃଖ କଷ୍ଟ ସହିଛି ଆଉ ସଫଳତା ପାଇଛି ବୋଲି ତୋ ଭଳିଆ ପ୍ରତିଭା ଅନ୍ୱେଷଣରେ ଆସି ତୋ ପାଖକୁ ପହଞ୍ଚିଛି ବୋଲି ଏହାର ପ୍ରତି ଉତ୍ତରରେ ମେଧା ଛାତ୍ରୀକୁ କହିଥିଲେ ଜିଲ୍ଲାପାଳ । ସେ ଭବିଷ୍ୟତରେ ଜଣେ ଦକ୍ଷ ତଥା ଆଦର୍ଶ ଶିକ୍ଷୟତ୍ରୀ ହେବାର ଲକ୍ଷ୍ୟ ରଖିଥିବା କହିଛନ୍ତି ମହେନ୍ଦ୍ରୀ ଏବଂ କହିଛନ୍ତି ଯେ ସମାଜର ଉଚ୍ଚରୁ ଉଚ୍ଚତର ସୋପାନରେ ପହଞ୍ଚିଲେ ମଧ୍ୟ ମାଟିକୁ ନଭୁଲିବାର ପ୍ରତିଶ୍ରୁତି ଦେଇଛନ୍ତି । ମହେନ୍ଦ୍ରିର ବାପା ମା'ଙ୍କ ଅନୁରୋଧକ୍ରମେ ତାଙ୍କ ପାଇଁ ଏକ ଆବାସ ଘର ମଧ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ଜିଲ୍ଲାପାଳ । ଆଗକୁ ମହେନ୍ଦ୍ରିର ଉଚ୍ଚ ଶିକ୍ଷା ପାଇଁ ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା ପକ୍ଷରୁ ୫ ହଜାର ଟଙ୍କା ଓ ଅଧ୍ୟାପକ ମଦନ ସୁନ୍ଦର ଖେତିଙ୍କ ପକ୍ଷରୁ କିଛି ଆର୍ଥିକ ସହାୟତା ସହ ଉଚ୍ଚ ଶିକ୍ଷା ଉପରେ ଅନେକ ଟିପ୍ସ ପ୍ରଦାନ କରାଯାଇଥିଲା । ପ୍ଲାବନ ମହାପାତ୍ରଙ୍କ ମହାନଦୀ ଧାରା ଶିକ୍ଷାନୁଷ୍ଠାନ ପକ୍ଷରୁ ମହେନ୍ଦ୍ରିଙ୍କ ନାମରେ ଏକ ସ୍କଲାରସିପ୍ ଆରମ୍ଭ କରାଇ ପ୍ରଥମ କିସ୍ତିରେ ୫ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ ପ୍ଲାବନ ମହାପାତ୍ର । ସୋନପୁର ପୋଷ୍ଟାଲ୍ କର୍ମଚାରୀ ମିସ୍ ଋତୁ ନନ୍ଦା ସିଂହ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ତାଙ୍କ ଭାଇ ରୁଦ୍ର ପ୍ରତାପ ସିଂହଙ୍କ ସ୍ମୃତିରେ ଦଶ ଲକ୍ଷ ଟଙ୍କା କଭର କରୁଥିବା ଏକ ଦୁର୍ଘଟଣା ଜନିତ ପୋଷ୍ଟାଲ୍ ଇନ୍ସୁରାନ୍ସ ଓ ଏକାଉଣ୍ଟ ମହେନ୍ଦ୍ରିଙ୍କ ନାମରେ ଖୋଲିଥିଲେ ଯାହାକି ଉଚ୍ଚ ଶିକ୍ଷା ଯାଏ ଏହି ବୃତ୍ତି ପ୍ରଦାନ କରାଯିବ ବୋଲି କହିଛନ୍ତି ଋତୁ ନନ୍ଦା । ଜିଲ୍ଲାପାଳଙ୍କ ସହିତ ଏହି ଗସ୍ତରେ ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା ସଭାପତି ମନୋରଞ୍ଜନ ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ ପାତ୍ର, ସମ୍ପାଦକ ମହାଦେବ ମଲ୍ଲିକ ଓ ରାଜ୍ୟ ସମ୍ପାଦକ ରାଜ କିଶୋର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ ।

## ଛତୁଆ ବଣ୍ଟନରେ ରାଜ୍ୟରେ କେନ୍ଦ୍ରାପଡା ଜିଲ୍ଲା ପ୍ରଥମ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ପ୍ରତ୍ୟେକ ମାସର ୧ ତାରିଖ ଦିନ ସେଣ୍ଟର ଗୁଡ଼ିକୁ ଛତୁଆ ବଣ୍ଟନ କରାଯାଉଥିବାରୁ ରାଜ୍ୟରେ ୧ ନମ୍ବର ମାନ୍ୟତା ହାସଲ କରିଛି । ମାସର ୧ ତାରିଖରୁ ୫ ତାରିଖ ଭିତରେ ଛତୁଆ ବଣ୍ଟନ କରିବାର ନିୟମ ଥିବାବେଳେ କେନ୍ଦ୍ରାପଡା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ପ୍ରତ୍ୟେକ ମାସ ୧ ତାରିଖ ଦିନ ଛତୁଆ ଦିଆଯାଇଥାଏ । ଏଥିସହିତ ମୁଖ ଚିହ୍ନ ପ୍ରକ୍ରିୟା (ଏଫ୍.ଆର୍.ଏସ୍)ରେ ମଧ୍ୟ ୧ ନମ୍ବର ହାସଲ କରିଛି । ଛତୁଆ ବଣ୍ଟନ ସମୟରେ ଛତୁଆ ନେବାକୁ ଆସୁଥିବା ହିତାଧିକାରୀଙ୍କ ମୁଖ ଚିହ୍ନିବା ପ୍ରକ୍ରିୟା ରହିଛି । ଏଥିସହିତ ବୟସ ଅନୁସାରେ ଉଚ୍ଚତା (ଗେଡା) ବର୍ଗରେ କେନ୍ଦ୍ରାପଡା ଜିଲ୍ଲା ସବୁଠାରୁ କମ୍ ରହିଛି । ପ୍ରତି କେନ୍ଦ୍ରରେ ପିଲା ମାନଙ୍କର ଓଜନ କାର୍ଯ୍ୟକ୍ରମ ଜିଲ୍ଲାରେ ଅଗ୍ରଣି ହୋଇ ରହିଛି । ଏଥିପାଇଁ କେନ୍ଦ୍ରାପଡା ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜିଲ୍ଲା ସଂଯୋଜକ ପୋଷଣ ସଂଜୟ ପାତ୍ର ଅଙ୍ଗନୱାଡି କର୍ମୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ଭଲପାଇବାର ଭାଷା ବୁଝିଲେ ନନ୍ଦି ମହାରାଜ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଆଜିର ସ୍ୱାର୍ଥପର ସମାଜରେ ଯେଉଁଠି ମଣିଷ ମଣିଷର ଶତ୍ରୁ ପାଲଟିଯାଉଛି, ସେଠାରେ ଏକ ନୀରିହ ପଶୁ ଦେଖାଇଛି ସ୍ନେହ, ଭଲପାଇବା ଓ ସମ୍ବେଦନାର ନିଆରା ଉଦାହରଣ ସୃଷ୍ଟି ହୋଇଛି । ବୌଦ୍ଧ ସହରର ମାଳିସାହି ଏଲଆଇସି କଲୋନୀରେ ଘଟିଥିବା ଏହି ଘଟଣା ଏବେ ସମଗ୍ର ଅଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଏକ ଷଣ୍ଢ ଜଣେ ବୃଦ୍ଧା ମହିଳାଙ୍କ ବିୟୋଗରେ ଯେପରି ଶୋକ ପ୍ରକାଶ କଲା, ତାହା ଦେଖି ସମସ୍ତଙ୍କ ଆଖି ଲୁହରେ ଭିଜିଯାଇଥିଲା । ଗତ ୧୬ ସକାଳେ ମାଳିସାହି ଏଲଆଇସି କଲୋନୀର ବୃଦ୍ଧା ସୌଦାମିନୀ ପାଢ଼ୀଙ୍କ ପରଲୋକ ଘଟିଥିଲା । ବୃଦ୍ଧାଙ୍କ ବିୟୋଗ ପରେ ଘର ଆଗ ଦଣ୍ଡରେ ତାଙ୍କ ପାର୍ଥିବ ଶରୀରକୁ ରଖାଯାଇଥିଲା ଏବଂ ପରିବାର ଲୋକେ କାନ୍ଦି କାନ୍ଦି ଶୋକ ପ୍ରକାଶ କରୁଥିଲେ । ଏହି ସମୟରେ ପ୍ରତିଦିନ ଘରକୁ ଆସୁଥିବା ଷଣ୍ଢଟି ସେଠାକୁ ଆସିଥିଲା । ସୌଦାମିନୀ ପାଢ଼ୀ ପ୍ରତିଦିନ ସେହି ଷଣ୍ଢକୁ ଡାକି ଖାଇବାକୁ ଦେଉଥିଲେ । ଖାଇବା ସହିତ ସ୍ନେହ ଓ ଆଦର ମଧ୍ୟ କରୁଥିଲେ । ଦୀର୍ଘଦିନର ସେହି ସମ୍ପର୍କ ମଣିଷ ଓ ପଶୁ ମଧ୍ୟରେ ଏକ ଅତୁଟ ବନ୍ଧନ ସୃଷ୍ଟି କରିଥିଲା । କିନ୍ତୁ ଯେତେବେଳେ ନନ୍ଦି ମହାରାଜ ଘରକୁ ଆସି ସୌଦାମିନୀଙ୍କ ଶରୀରକୁ ଏମିତି ଅବସ୍ଥାରେ ପଡ଼ିଥିବା ଦେଖିଲା, ସେ ଧୀରେ ଧୀରେ ଘର ଭିତରକୁ ପଶି ତାଙ୍କ ନିକଟକୁ ଯାଇଥିଲା । ଷଣ୍ଢଟି ବୃଦ୍ଧାଙ୍କ ମୁହଁକୁ ଚାହିଁ ଦୀର୍ଘ ସମୟ ଧରି ଠିଆ ହୋଇ ରହି ଶୋକପ୍ରକାଶ କରିଥିଲା । କିଛି ସମୟ ପର୍ଯ୍ୟନ୍ତ ସେ ବୃଦ୍ଧାଙ୍କ ପାଖ ଛାଡ଼ି ଯାଇନଥିଲା । ଏହି ଦୃଶ୍ୟ ଦେଖି ସେଠାରେ ଥିବା ଅନେକ ଲୋକ ଭାବବିହ୍ୱଳ ହୋଇପଡ଼ିଥିଲେ । ଏ ଘଟଣା ଭିଡିଓ ମାଧ୍ୟମରେ ମୋବାଇଲ୍‌ରୁ ମୋବାଇଲ୍ ଘୁରି ବୁଲୁଥିବାବେଳେ ସମସ୍ତେ ଦେଖି କହୁଥିଲେ ମଣିଷ ଯେଉଁଠି ନିଜ ସ୍ୱାର୍ଥ ପାଇଁ ସମ୍ପର୍କକୁ ଭୁଲିଯାଉଛି, ସେଠି ଗୋଟିଏ ନୀରିହ ପଶୁର ଏଭଳି ସମ୍ବେଦନା ଓ ଭଲପାଇବା ସମସ୍ତଙ୍କୁ ଏକ ବଡ଼ ସନ୍ଦେଶ ଦେଇଛି । ଯେଉଁଠି ମଣିଷ ନିଜ ସ୍ୱାର୍ଥ ପାଇଁ ସମ୍ପର୍କକୁ ଭୁଲିଯାଉଛି, ସେଠି ଗୋଟିଏ ନୀରିହ ପଶୁ ତାର ଆଚରଣ ଦ୍ୱାରା ସମାଜକୁ ମାନବିକତାର ବଡ଼ ଶିକ୍ଷା ଦେଇଛି ।

# ପ୍ରଶାସନିକ ଭୁଲ୍ ବିଜ୍ଞାପନ ଯୋଗୁ ସଂଶୋଧନ ପାଇଁ ଆସିଥିବା ଶହଶହ ଆଧାର କାର୍ଡ ହିତାଧିକାରୀ ହତାଶ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ବଡ଼ମାଲ ପଞ୍ଚାୟତରେ ଦୁଇଦିନ ଧରି ଚାଲିଥିବା ନୂତନ ଆଧାର ପଞ୍ଜିକରଣ ଓ ସଂଶୋଧନ କାର୍ଯ୍ୟ ସମାପ୍ତ ହୋଇଯାଇଛି । ବୁଧବାର ଓ ଗୁରୁବାର ଦୁଇଦିନ ଆଧାରକାର୍ଡ ସଂଶୋଧନରେ ପ୍ରାୟ ଅଢେଇ ଶହରୁ ଉର୍ଦ୍ଧ୍ୱ ପଞ୍ଜିକରଣ ହୋଇଥିଲା । ମାତ୍ର ଇଣ୍ଟରନେଟ୍ ଓ ନିୟୋଜିତ କର୍ମଚାରୀଙ୍କ ଦକ୍ଷତା ଅଭାବ ଯୋଗୁ ମାତ୍ର ୭୩ ଜଣଙ୍କର ଆଧାର ସଂଶୋଧନ ଏବଂ ନୂତନ ପଞ୍ଜିକରଣ ସମ୍ଭବ ହୋଇପାରିଛି । ନିଜର ଆଧାର କାର୍ଡ ସଂଶୋଧନ ପାଇଁ ଦୂର ଦୁରାନ୍ତରୁ ଆସିଥିବା ଲୋକେ ନିଜର ଆଧାର କାର୍ଡ ସଂଶୋଧନ କରିନପାରି ପ୍ରଶାସନ ପ୍ରତି ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ସୂଚନା ମୁତାବକ ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ବଡ଼ମାଲ ପଞ୍ଚାୟତରେ ଆଧାର ସଂଶୋଧନ ପାଇଁ ସମ୍ବଲପୁର ଡାକ ଅଫିସ କାର୍ଯ୍ୟାଳୟକୁ ଏକ କ୍ୟାମ୍ପ କରାଯାଇଥିଲା । ଏହାକୁ ଆଞ୍ଚଳିକ ପ୍ରଶାସନ ଡାକ ଅଫିସର କର୍ମକର୍ତ୍ତାମାନେ ୱାଟ୍ସଆପ୍ ମାଧ୍ୟମରେ ଏବଂ ବ୍ଲକର ସମସ୍ତ ପଞ୍ଚାୟତ ଓ ଗ୍ରାମାଞ୍ଚଳ ଗୁଡିକରେ ବିଜ୍ଞାପନ ଦ୍ୱାରା ଅବଗତ କରାଇଥିଲେ । ଏହି ବିଜ୍ଞାପନରେ ଜାତି ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର, ବୋର୍ଡ ସାର୍ଟିଫିକେଟ, ଇ - ଭୋଟର କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଜନ୍ମ ପ୍ରମାଣପତ୍ର ଭଳି ଅନ୍ୟାନ୍ୟ ଡକୁମେଣ୍ଟର ଆବଶ୍ୟକତା ଦର୍ଶାଯାଇଥିଲା । ଲୋକେ ବହୁ କଷ୍ଟରେ ଆବଶ୍ୟକୀୟ କାଗଜାତ୍ ଯୋଗାଡ କରି ଆଧାର କାର୍ଡ ସଂଶୋଧନ ପାଇଁ ଆବେଦନ କରି ହତାଶ ସୋଇଥିଲେ । ଏପରିକି ଆବଶ୍ୟକୀୟ ଡକ୍ୟୁମେଣ୍ଟ ବାବଦରେ ଗ୍ରାମର ଆଶା ଏବଂ ଅଙ୍ଗନବାଡି ୱାର୍କରମାନେ ମଧ୍ୟ ସଠିକ୍ ଭାବେ ଲୋକଙ୍କୁ ସଚେତନ କରାଇନଥିବା ନେଇ ଅଭିଯୋଗ ହୋଇଛି । ଫଳରେ ଆଧାର ଆଧାର କ୍ୟାମ୍ପ ଏକ ପ୍ରକାରର ପ୍ରହସନ ପାଲଟି ଯାଇଛି । ଯଶୋଦା ନାମ୍ନୀ ଜନୈକା ମହିଳା କୁହନ୍ତି ମୁଁ ମୋ ଛୁଆ ମାନଙ୍କ ପାଇଁ ଆଧାର ତିଆରି କରିବାକୁ ଆସିଥିଲି, ମୋ ନମ୍ବର ଆସିବା ବେଳକୁ ଆଧାର କର୍ମଚାରୀ କହୁଛନ୍ତି ଆମକୁ କଲର ରେସିଡେଣ୍ଟ ସାର୍ଟିଫିକେଟ୍ ଦିଅ ହେଲେ ମୁଁ ଆଣିବି କେଉଁଠୁ ? ସୁମନ୍ତ ପଟେଲ କୁହନ୍ତି ମୁଁ ଯେତେବେଳେ ଆଧାରରେ ମୋ ବାପାଙ୍କ ନାମ ଏଠି ଆଡ଼ କରିବାକୁ କହିଲି ସେ କହୁଛନ୍ତି ଡିଜିଟାଲ୍ ଭୋଟର୍ କାର୍ଡ ଆଣନ୍ତୁ ମୋ ବାପା ତ କେତେ ବର୍ଷରୁ ସ୍ୱର୍ଗବାସ କରିସାରିଛନ୍ତି ହେଲେ ଏବେ କଉଠୁ ଆଣିବି ଡିଜିଟାଲ୍ ଭୋଟର କାର୍ଡ । ଗୋଲାପୀ ବରର୍ଗୀ ନାମକ ମହିଳା କୁହନ୍ତି କଲର ଡକ୍ୟୁମେଣ୍ଟ ସହ ମୁଁ ମୋ ଶିଶୁମାନଙ୍କ ତ୍ରୁଟିପୂର୍ଣ୍ଣ ନାମ ଆଧାରରେ ସଂଶୋଧନ ପାଇଁ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଛିଡା ହୋଇଥିଲେ ମଧ୍ୟ କାଉଣ୍ଟର ପାଖରେ ପହଞ୍ଚିଲା ବେଳକୁ ଆଉ ହେଇପାରିବନାହିଁ ବୋଲି ଫେରାଇ ଦେଲେ, ଯାହାକି ବହୁତ ଯନ୍ତ୍ରଣା ଦାୟକ । ସଞ୍ଜୁଲତା ମୁଣ୍ଡା ନାମକ ମହିଳା କୁହନ୍ତି ମୁଁ ମୋ ଶିଶୁର ଆଧାରକାର୍ଡ ସଂଶୋଧନ କରିବାକୁ ଆସିଥିଲି । ମାତ୍ର ଏଠାରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ କଥା, ୪୫ ଡିଗ୍ରୀ ତାପମାତ୍ରାରେ ଗର୍ଭବତୀଙ୍କ ଠାରୁ ଆରମ୍ଭ କରି ଛୋଟଛୋଟ ଶିଶୁଙ୍କୁ କାଖେଇ ମା'ମାନଙ୍କର ଧାଡି ବାନ୍ଧିବା ଦୃଶ୍ୟ ଅତ୍ୟନ୍ତ କଷ୍ଟକର ଥିଲା । ଏଭଳି ପରିସ୍ଥିତିରେ ଅଂଶୁଘାତ ଜନିତ ଆହାତ ହେଲେ ସେମାନଙ୍କ ସୁରକ୍ଷା ପାଇଁ ମଧ୍ୟ କୌଣସି ବ୍ୟବସ୍ଥା ନଥିବା କହିଛନ୍ତି । ଏହିପରି ଅନେକ ଲୋକଙ୍କ ଅନେକ ଅଭିଯୋଗ ଶୁଣିବାକୁ ମିଳିଥିଲା । ପୂର୍ବରୁ ଜନ୍ମ ପ୍ରମାଣ ପତ୍ରର ଆବଶ୍ୟକତା ନଥିଲା, ଆମେ ମୂର୍ଖ ଲୋକ ପାଠଶାଠ ପଢିନୁ । ଏତେ ଟାଣ ଖରାରେ ଆମେ କୋଉଠିକୁ ଯିବୁ ଓ କାହାଠାରୁ ପ୍ରମାଣପତ୍ର ଆଣିବୁ ସେ ସମ୍ପର୍କରେ ଆମର ଜ୍ଞାନ ମଧ୍ୟ ନାହିଁ । କିନ୍ତୁ ଆଧାର କାର୍ଡ ସଂଶୋଧନରେ ଆବଶ୍ୟକ କାଗପତ୍ର ଦେବାକୁ ଆମକୁ ବାଧ କରାଯାଉଛି । ଏଭଳି ସମସ୍ୟା ନେଇ ସମ୍ବଲପୁର ଡାକ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ବୁଝୁଥିବା ଅଧିକାରୀ ସମ୍ବିତ ସାହୁଙ୍କୁ ଫୋନ୍ ଯୋଗେ ପଚାରିବାରେ ବିଜ୍ଞାପନ ସାହାଯ୍ୟରେ ସମସ୍ତଙ୍କୁ ଜଣାଇ ଦିଆଯାଇଛି । ଯାହାର କାଗଜ ପତ୍ର ଠିକ୍ ଠାକ୍ ନଥିବ ତାହାର ସଂଶୋଧନ ହୋଇପାରିବନାହିଁ ବୋଲି କହିଥିଲେ । ଏହାକୁ ନେଇ ଆମ ପ୍ରତିନିଧି ପ୍ରଶ୍ନ କରିଥିଲେ ଯେ କେବଳ ପୂର୍ବଦିନ ଲୋକଙ୍କୁ ବିଜ୍ଞାପନ ଦ୍ୱାରା ଅବଗତ କରାଯାଇଥିଲା । ମାତ୍ର ସଂଶୋଧନ ବେଳେ ଯେଉଁ ରଙ୍ଗୀନ କାଗଜର ଆବଶ୍ୟକତା ଉଠାଯାଇଛି କାହିଁ ସେ ସମ୍ପର୍କରେ ତ କିଛି ଆଗରୁ କିମ୍ବା ବିଜ୍ଞାପନ ମାଧ୍ୟମରେ କୁହାଯାଇନଥିଲା ? ଏଭଳି ସିଧାସଳଖ ପ୍ରଶ୍ନର ଉତ୍ତର ଦେଇନପାରି ଶ୍ରୀ ସାହୁ ଫୋନ୍ କାଟିଦେଇଥିଲେ । ଏବେ ପ୍ରଶ୍ନ ଉଠୁଛି ଯେ ସରକାରଙ୍କ ବିଭିନ୍ନ ଯୋଜନାରେ ଯେତେବେଳେ ଆଧାର କାର୍ଡ ସହ ସଂଯୁକ୍ତ କରାଯାଇଛି, ସେତେବେଳେ ବିଭିନ୍ନ ଯୋଜନାର ଆଶାୟୀ ହିତାଧିକାରୀଙ୍କ ତ୍ରୁଟି ଆଧାର କାର୍ଡର ସଂଶୋଧନ ହେବ କେବେ ?

# ଏସିଆନ ଗେମ୍ସ ଚୟନରେ ଭାଗନେବେ ଭିନେଶ

**ନୂଆଦିଲ୍ଲୀ**

ରେସଲର ଭିନେଶ ଫୋଗଟ ଆଗାମୀ ଏସିଆନ ଗେମ୍ସ ଚୟନ ପ୍ରକ୍ରିୟାରେ ଭାଗ ନେବେ। ଏଥିନେଇ ତାଙ୍କୁ ଦିଲ୍ଲୀ ହାଇକୋର୍ଟ ଅନୁମତି ପ୍ରଦାନ କରିବା ସହ ରେସଲିଂ ଫେଡେରେସନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍ଆଇ) ଚୟନ ନୀତୀରେ ମାତୃତ୍ୱ ଲାଭ ପରେ ଫେରୁଥିବା ଭିନେଶଙ୍କ ଭଳି ଖେଳାଳିଙ୍କ ବିଚାର କରିବା ଲାଗି ବିବେକର ଅଭାବ ରହିଥିବା କହିଛନ୍ତି।

ମୁଖ୍ୟ ବିଚାରପତି ଡି.କେ. ଉପାଧ୍ୟାୟ ଓ ଜଷ୍ଟିସ ତେଜସ କାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ୩୦ ଓ ୩୧ ତାରିଖରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଭାରତୀୟ ଅଲିମ୍ପିକ୍ ଆସୋସିଏସନ (ଆଇଓଏ)ର ଜଣେ ଲେଖାଏଁ ଅବଜରଭରଙ୍କ ଉପସ୍ଥିତିରେ ଚୟନ ପ୍ରକ୍ରିୟା ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡବ୍ଲ୍ୟୁଏଫ୍ଆଇ ଦ୍ୱାରା ଏହାର ଭିଡିଓ ରେକର୍ଡିଂ କରାଯିବା ଦରକାର।

ଆସନ୍ତା ୩୦ ଓ ୩୧ ତାରିଖରେ ହେବାକୁ ଥିବା ଆଗାମୀ ଏସିଆନ ଗେମ୍ସ ସିଲେକ୍ସନ ଟ୍ରାଏଲ୍ସରେ ଭାଗ ନେବାକୁ ଅନୁମତି ଦିଆଯିବା ଉଚିତ। ଫେଡେରେସନ ପକ୍ଷରୁ ଜାରି କରାଯାଇଥିବା ଚୟନ ନୀତୀ ଓ ସର୍କ୍ୟୁଲାରରେ ମାତୃତ୍ୱ ଲାଭ ପରେ ଫେରୁଥିବା ଆବେଦନକାରୀଙ୍କ ଭଳି ଖେଳାଳିଙ୍କୁ କୌଣସି ବିଶେଷ ଅଧିକାର ଦିଆଯାଇ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହିତ ଫେଡେରେସନ ପକ୍ଷରୁ ଜାରି କରାଯାଇଥିବା କାରଣ ଦର୍ଶାଅ ନୋଟିସ ସମ୍ପର୍କରେ କୋର୍ଟ କହିଛନ୍ତି, ଏହା ପୂର୍ବ ନିୟୋଜିତ ଯୋଜନା ଓ ବନ୍ଦ ପଡ଼ିଥିବା ବିଷୟକୁ ପୁଣି ଥରେ ଖୋଲାଯାଇଥିବା ହୃଦ୍‌ବୋଧ ହେଉଛି। ଖେଳ ଓ ନ୍ୟାୟର ହୀତ ଦୃଷ୍ଟିରୁ ଆବେଦନକାରୀଙ୍କୁ ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ସୁଯୋଗ ଦିଆଯିବା ଆବଶ୍ୟକ। ଗତ ୧୮ ତାରିଖରେ ଖଣ୍ଡପୀଠ ଦେଇଥିବା ନିର୍ଦ୍ଦେଶ ବିରୋଧରେ ଭିନେଶ କରିଥିବା ଆବେଦନର ଶୁଣାଣି କରି କୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।



# ମୁମ୍ବାଇକୁ ହରାଇ ପ୍ଲେଅଫ୍‌ରେ ରାଜସ୍ଥାନ : ବାଦ୍ ପଡ଼ିଲେ ପଞ୍ଜାବ-କୋଲକାତା

**ମୁମ୍ବାଇ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ରେ ପ୍ଲେଅଫ୍‌ର ଚିତ୍ର ସ୍ପଷ୍ଟ ହୋଇଯାଇଛି। ୨୦୦୮ ସଂସ୍କରଣର ଚାମ୍ପିଅନ ରାଜସ୍ଥାନ ରୟାଲ୍ସ ୧୬ ଅଙ୍କ ସହିତ ପ୍ଲେଅଫ୍‌ରେ ପହଞ୍ଚିବାରେ ଚତୁର୍ଥ ଟିମ୍ ହୋଇଛି। ରାଜସ୍ଥାନ ରୟାଲ୍ସ ନିଜର ଶେଷ ଲିଗ୍ ମ୍ୟାଚ୍‌ରେ ରବିବାର ମୁମ୍ବାଇ ଇଣ୍ଡିଆନ୍ସକୁ ୩୦ ରନ୍‌ରେ ପରାସ୍ତ କରିଛି। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମୁକାବିଲାରେ ମୁମ୍ବାଇ ସାମ୍ନାରେ ରାଜସ୍ଥାନ ରୟାଲ୍ସ ୨୦୬ ରନ୍‌ର ବିଜୟ ଲକ୍ଷ୍ୟ ରଖିଥିଲା। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୯ଟି ୱିକେଟ୍ ହରାଇ ୧୭୫ ରନ୍ ସଂଗ୍ରହ କରିଥିଲା। ରାଜସ୍ଥାନର ଏହି ସଫଳତା ପ୍ଲେଅଫ୍‌ରେ ଖେଳିବାର ସୁଯୋଗ ଆଣି ଦେଇଛି। ରାଜସ୍ଥାନର ଏହି ବିଜୟ ପଞ୍ଜାବ କିଙ୍ଗ୍‌ସ ଏବଂ କୋଲକାତା ନାଇଟ୍ ରାଇଡର୍ସକୁ ଟୁର୍ଣ୍ଣାମେଣ୍ଟରୁ ବାହାର କରିଛି।



ତେବେ ବିଗତ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ଗୁଜରାଟ ଟାଇଟନ୍ସ ଏବଂ ସନରାଇଜର୍ସ ହାଇଦ୍ରାବାଦ ପୂର୍ବରୁ ପ୍ଲେଅଫ୍‌ରେ ସ୍ଥାନ ପାଇଥିଲେ। ଲିଗ୍ ପର୍ଯ୍ୟାୟର ଅଙ୍କ ତାଲିକାରେ ବେଙ୍ଗାଲୁରୁ ପ୍ରଥମ, ଗୁଜରାଟ ଦ୍ୱିତୀୟ ଏବଂ ହାଇଦ୍ରାବାଦ୍ ତୃତୀୟ ସ୍ଥାନରେ ଅଛନ୍ତି। ରାଜସ୍ଥାନ ଚତୁର୍ଥ ସ୍ଥାନ ହାସଲ କରିଛି।

ପ୍ଲେଅଫ୍ ସମୀକରଣ : କ୍ୱାଲିଫାୟର-୧ : ବେଙ୍ଗାଲୁର ସହିତ ଗୁଜରାଟ: ମେ' ୨୬। ଏଲିମିନେଟର : ହାଇଦ୍ରାବାଦ ସହିତ ରାଜସ୍ଥାନ : ମେ' ୨୭। କ୍ୱାଲିଫାୟର-୧ର ବିଜେତା ସିଧାସଳଖ ଫାଇନାଲକୁ ପହଞ୍ଚିବ।

କ୍ୱାଲିଫାୟର-୧ର ପରାଜିତ ଦଳ କ୍ୱାଲିଫାୟର-୨ରେ ଏଲିମିନେଟର ବିଜେତା ସହ ମେ ୨୯ରେ ମୁକାବିଲା କରିବ।

କ୍ୱାଲିଫାୟର-୨ର ବିଜେତା ଫାଇନାଲରେ କ୍ୱାଲିଫାୟର-୧ ବିଜେତାଙ୍କୁ ମେ' ୩୧ରେ ଭେଟିବ।

ଏବେ ଆଇପିଏଲ୍ ୨୦୨୬ର କ୍ୱାଲିଫାୟର-୧ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ମେ' ୨୬ ତାରିଖରେ ଖେଳାଯିବ। ସେହିପିରି ଏହି ମୁକାବିଲାର ବିଜେତା ସିଧାସଳଖ ଫାଇନାଲରେ ପହଞ୍ଚିବ। ଅନ୍ୟପଟରେ କ୍ୱାଲିଫାୟର-୧ରେ ପରାସ୍ତ କରିବାକୁ ଥିବା ଟିମ୍‌କୁ ଆଉ ଏକ ସୁଯୋଗ ମିଳିବ। ଏହି ଟିମ୍ କ୍ୱାଲିଫାୟର-୨ ଖେଳିବ। ସନରାଇଜର୍ସ ହାଇଦ୍ରାବାଦ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଖେଳାଯିବାକୁ ଥିବା ଏଲିମିନେଟର ମୁକାବିଲାରେ ଯେଉଁ ଟିମ୍ ଜିତିବ, ସେହି ଟିମ୍ କ୍ୱାଲିଫାୟର-୨ ଖେଳିବାକୁ ସୁଯୋଗ ପାଇବ। କ୍ୱାଲିଫାୟର-୨ର ବିଜୟୀ ଟିମ୍ ଫାଇନାଲରେ କ୍ୱାଲିଫାୟର-୧ର ବିଜୟୀ ଟିମ୍‌କୁ ଭେଟିବ।

# ଚୌଦ୍ୱାର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଚୌଦ୍ୱାର ରୂପଯାତ୍ରା ପଡ଼ିଆରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ଇମ୍ଫାର ବରିଷ୍ଠ ଉପ ସଭାପତି ବିନୟ ଅଗ୍ରୱାଲ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟ ସଭାପତି ନରେଶ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ଇମ୍ଫାର ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବସନ୍ତିଆ, ଏଚ୍ଆର ଡିଜିଏମ୍ ନିରଞ୍ଜନ ସାହୁ, ଜିଏମ୍ ମାନସ ପଣ୍ଡା, ସଂଜୀବ ପୁରୋହିତ, ଶୁଭଦୀପ ଦାସ, ଦେବାଶୀଷ ତ୍ରିପାଠୀ, ବିଶ୍ୱଜିତ ସାହୁ, ମାନସ ପ୍ରଧାନ, ଅଭିଷେକ ଘୋଷ, ସୁନୀଲ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଫ୍ଲଡ୍ ଲାଇଟ୍ ଟୁର୍ଣ୍ଣାମେଣ୍ଟରେ ଚୌଦ୍ୱାର ଅଞ୍ଚଳର ଆଠଟି ଟିମ୍ ଅଂଶ ଗ୍ରହଣ କରିବା ସହିତ ମୋଟ୍ ୧୬ଟି ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଅଜିତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ଟୁର୍ଣ୍ଣାମେଣ୍ଟ କମିଟିର ବିଷ୍ଣୁ ଚରଣ ସାହୁ, ଜୟନ୍ତ ଲେଙ୍କା, ଭରତ ଚନ୍ଦ୍ର ସାହୁ, ସରୋଜ ସାହୁ, ସଂଜିତ ନାୟକ, ବିଶ୍ୱନାଥ ସାହୁ, ସୁରଜ ନାୟକ, ଲୋକନାଥ ବେହେରା, ଲିକୁନ ବେହେରା, ଅଭିଷେକ ବେହେରା, ଦିନେଶ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଦଳିବ ମହିଳା ଏମର୍ଜିଂ ନେସନ୍‌ସ ଟ୍ରଫିର ରୂପରେଖ

**ଦୁବାଇ**

ମହିଳା ଏମର୍ଜିଂ ନେସନ୍ସ ଟ୍ରଫିର ରୂପରେଖକୁ ଆହୁରି ବଢାଇବାକୁ ବିଚାର କରୁଛି ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ। ୨୦୨୫ ନଭେମ୍ବରରେ ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ସଂସ୍କରଣ ଆୟୋଜନ ହୋଇଥିବା ବେଳେ ଆଠଟି ସହଯୋଗୀ ଦେଶ- ଥାଇଲାଣ୍ଡ, ସ୍କଟ୍‌ଲ୍ୟାଣ୍ଡ, ନେଦରଲ୍ୟାଣ୍ଡସ୍, ୟୁଏଇ, ପାପୁଆ ନ୍ୟୁ ଗିନି, ନାମିବିଆ, ଉଗାଣ୍ଡା ଏବଂ ତାଞ୍ଜାନିଆ ଏଥିରେ ଅଂଶଗ୍ରହଣ କରିଥିଲେ। ଥାଇଲାଣ୍ଡ ଏଥିରେ ବିଜୟୀ ହୋଇଥିଲା। ଚଳିତ ବର୍ଷ ନଭେମ୍ବର ମାସରେ ଏହାର ଦ୍ୱିତୀୟ ସଂସ୍କରଣ ଆୟୋଜନ ହେବ। କିନ୍ତୁ ଏଥର ଆଇସିସି ସହଯୋଗୀ ଦେଶମାନଙ୍କ ସହ କେତେକ ଟେଷ୍ଟ ଖେଳୁଥିବା ଦେଶଙ୍କୁ ବି ଏଥିରେ ସାମିଲ କରିବ।

ଏଥର ନେଦରଲାଣ୍ଡସ୍, ସ୍କଟ୍‌ଲାଣ୍ଡ, ଥାଇଲାଣ୍ଡ, ୟୁଏଇ ଓ ପାପୁଆ ନିଉ ଗିନି ପରି ସହଯୋଗୀ ଦେଶଙ୍କ ସମେତ ପାକିସ୍ତାନ, ଶ୍ରୀଲଙ୍କା, ଜିମ୍ବାୱେ, ଆୟର୍ଲାଣ୍ଡ ଓ ବାଂଲାଦେଶ ପରି ଟେଷ୍ଟ ଖେଳୁଥିବା ଦେଶ ସାମିଲ ହେବେ। ଆଇସିସିର ମୁଖ୍ୟ କାର୍ଯ୍ୟନିର୍ବାହୀ ବୈଠକ (ସିଇସି)ରେ ଏ ନେଇ ନିଷ୍ପତ୍ତି ନେଇଛି।



# ଫିଫା ବିଶ୍ୱକପ୍ ପାଇଁ ଜର୍ମାନୀ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ଦଳ ଘୋଷିତ

**ବର୍ଲିନ**



ଫିଫା ବିଶ୍ୱକପ୍ ପାଇଁ ଦଳ ଘୋଷଣା କରିଛନ୍ତି ଜର୍ମାନୀ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା। ଏ ସମସ୍ତ ଦଳ ଉଭୟ ଅଭିଜ୍ଞ ଓ ଯୁବ ପ୍ରତିଭାଙ୍କୁ ନେଇ ଏକ ସନ୍ତୁଳିତ ଦଳ ଗଠନ ଉପରେ ଗୁରୁତ୍ୱ ଦେଇଛନ୍ତି।

ଜର୍ମାନୀ : ଜର୍ମାନୀ ପକ୍ଷରୁ ଜୋସୁଆ କିମିକ୍‌ଙ୍କ ନେତୃତ୍ୱରେ ଏକ ୨୬ ଜଣିଆ ଦଳ ଘୋଷଣା କରାଯାଇଛି। ଏଥିରେ ଉଭୟ ଅଭିଜ୍ଞ ଓ ଯୁବ ପ୍ରତିଭାଙ୍କୁ ସାମିଲ କରାଯାଇଛି। ଦଳକୁ ଅଭିଜ୍ଞ ଗୋଲ୍‌କିପର ମାନୁଏଲ୍ ନିଉରଙ୍କ ପ୍ରତ୍ୟାବର୍ତ୍ତନ ହୋଇଛି। ସେ ୨୦୧୪ରେ ବିଶ୍ୱକପ୍ ବିଜୟୀ ଜର୍ମାନୀ ଦଳର ସଦସ୍ୟ ଥିଲେ। ଦଳରେ ଆଣ୍ଟୋନିଓ ରୁଡିଜର, କାଇ ହାଭର୍ଟଜ୍ ଓ ଫେଲିକ୍ସ ଏନମେସାଙ୍କୁ ସାମିଲ କରାଯାଇଛି। ଦଳର ସବୁଠାରୁ କନିଷ୍ଠ ସଦସ୍ୟ ହେଲେ ୧୮ ବର୍ଷୀୟ ବାୟର୍ନ ମ୍ୟୁନିକ୍ ଖେଳାଳି ଲେନାର୍ଟ କାର୍ଲ। ଜର୍ମାନୀ ଜୁନ ୧୪ରେ ନିଜର ପ୍ରଥମ ମ୍ୟାଚ୍ କୁରାସାଓ ବିପକ୍ଷରେ ଖେଳିବ।

ଇଂଲଣ୍ଡ : ଇଂଲଣ୍ଡ ପକ୍ଷରୁ ଫୁଟ୍‌ବଲ ବିଶ୍ୱକପ୍ ପାଇଁ ଏକ ୨୬ ଜଣିଆ ଦଳ ଘୋଷିତ ହୋଇଛି। ଇଂଲଣ୍ଡ ଦଳରେ ସ୍ଥାନ ପାଇଥିବା ପ୍ରମୁଖ ନାମ ହେଲେ ହ୍ୟାରୀ କେନ୍, ଜ୍ୟୁଡ୍ ବେଲିଙ୍ଗାମ୍, ବୁକାୟୋ ସାକା ଓ ଡେକ୍‌ଲାନ ରାଇସ୍। ଆଶ୍ଚର୍ଯ୍ୟଜନକ ଭାବେ ଇଂଲଣ୍ଡ ଜାତୀୟ ଦଳ ପାଇଁ ପୂର୍ବରୁ ମାତ୍ର ଥରେ ଖେଳିଥିବା ଇଭାନ୍ ଟୋନେଙ୍କୁ ସାମିଲ କରାଯାଇଛି। ତେବେ ଦଳରୁ କେତେକ ଅଭିଜ୍ଞ ଖେଳାଳି ଯେପରିକି ଫିଲ୍ ଫୋଡେନ୍, କୋଲ୍ ପାଲ୍‌ମର, ଟ୍ରେଣ୍ଟ ଆଲେକ୍‌ଜାଣ୍ଡାର ଆର୍ନୋଲ୍ଡ, ହ୍ୟାରୀ ମାଗ୍ୱାର ଓ ଲ୍ୟୁକ୍ ସ' ବାଦ୍ ପଡ଼ିଛନ୍ତି।

ଦକ୍ଷିଣ ଆଫ୍ରିକା : ଦକ୍ଷିଣ ଆଫ୍ରିକା ପକ୍ଷରୁ ଏକ ୩୨ ଜଣିଆ ଦଳ ଘୋଷଣା କରାଯାଇଛି। ଗୋଲ୍‌କିପର ରୋନୱେନ୍ ୱିଲିୟମ୍ସ ଦଳର ନେତୃତ୍ୱ ନେବେ। ଦଳରେ ମିଡ୍‌ଫିଲ୍ଡର ଟେବୋହୋ ମୋକୋଏନା ଓ ଷ୍ଟ୍ରାଇକର ଲାଇଲ୍ ଫଷ୍ଟରଙ୍କୁ ସାମିଲ କରାଯାଇଛି। ଏହି ୩୨ ଜଣିଆ ଦଳରୁ ପରବର୍ତ୍ତୀ ସମୟରେ ଆଉ କିଛି ଖେଳାଳିଙ୍କୁ ବାଦ୍ ଦେଇ ଏକ ୨୬ ଜଣିଆ ଚୂଡ଼ାନ୍ତ ଦଳ ଘୋଷଣା ହେବ।

## ଦେଶର ଦ୍ରୁତତମ ସ୍ପ୍ରିଣ୍ଟର ଗୁରିନ୍ଦରବୀର

# ଭାରତର 'ଉସେନ ବୋଲ୍ଟ' ୧୦.୦୯ ସେକେଣ୍ଡରେ ଜିତିଲେ ୧୦୦ମି. ରେସ୍

**ନୂଆଦିଲ୍ଲୀ**

ଅବିଶ୍ୱସନୀୟ ଟାଇମିଂ ଏବଂ ଅଦ୍ଭୁତ ଦ୍ରୁତତା (ସ୍ପିଡ୍)। ରାଞ୍ଚିର ବିର୍ସା ମୁଣ୍ଡା ଷ୍ଟାଡିୟମ ଟ୍ରାକ୍‌ରେ ନୂଆ ଇତିହାସ ରଚିଛନ୍ତି ପଞ୍ଜାବର ଗୁରିନ୍ଦରବୀର ସିଂ। ସେ ପୁରୁଷ ୧୦୦ ମିଟରକୁ ୧୦.୦୯ ସେକେଣ୍ଡରେ ଦୌଡ଼ି ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିବା ସହ ଭାରତର ଦ୍ରୁତତମ ପୁରୁଷ ହେବାର ଗୌରବ ଲାଭ କରିଛନ୍ତି। ରାଞ୍ଚିର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ୨୯ତମ ଜାତୀୟ ସିନିୟର ଆଥଲେଟିକ୍ସ ଫେଡେରେସନ୍ କପ୍ରେ ପୁରୁଷ ୧୦୦ ମିଟର ଫାଇନାଲ ଥିଲା। ସେମି ଫାଇନାଲରେ କଡ଼ା ଟକ୍କର ହୋଇଥିଲା। ମାତ୍ର କିଛି ମିନିଟ ବ୍ୟବଧାନରେ ୨ଟି ଜାତୀୟ ରେକର୍ଡ ପ୍ରତିଷ୍ଠା ହୋଇଥିଲା। ହିଟ୍-୧ରେ ଗୁରିନ୍ଦରବୀର ପ୍ରଥମେ ୧୦.୧୭ ସେକେଣ୍ଡରେ ଦୌଡ଼ି ଅନିମେଶ କୁଜୁରଙ୍କ ରେକର୍ଡ ଭଙ୍ଗ କରିଥିଲେ। ପୁଣି ହିଟ୍-୨ରେ ଅନିମେଶ ୧୦.୧୫ ସେକେଣ୍ଡରେ ଦୌଡ଼ି ଗୁରିନ୍ଦରବୀରଙ୍କ ରେକର୍ଡ ଭାଙ୍ଗିଥିଲେ। ଅପେକ୍ଷା ଥିଲା ଫାଇନାଲକୁ। କିଛି ନିଶ୍ଚିତ ଚମତ୍କାର ଦେଖିବାକୁ ମିଳିବ।

ରିଲାଏନ୍ସରୁ ପ୍ରତିନିଧିତ୍ୱ କରୁଥିବା ଗୁରିନ୍ଦରବୀର (୧୦.୧୭), ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ (୧୦.୧୫ ସେକେଣ୍ଡ), ରିଲାଏନ୍ସର ପ୍ରଣବ ପ୍ରମୋଦ ଗୌରବ (୧୦.୩୦), ଓଡ଼ିଶାର ଲାଲୁପ୍ରସାଦ ଭୋଇ (୧୦.୩୮), ବିହାରର ବିଭାସ୍କର କୁମାର (୧୦.୩୬), ରେଳବାଇର ମାନବ ଆର (୧୦.୪୧), ହରିଆନାର ନୁରଜାତ (୧୦.୪୧) ଏବଂ ତାମିଲନାଡୁର ସାମ ବସନ୍ତ (୧୦.୪୫) ଫାଇନାଲରେ ଦୌଡ଼ିଥିଲେ। ଟ୍ରାକରେ ଗୁରିନ୍ଦରବୀରଙ୍କ ଗତି ଅତି ଅବିଶ୍ୱସନୀୟ ରହିଥିଲା। ସମସ୍ତଙ୍କୁ ପଛରେ ପକାଇ ସେ ୧୦.୦୯ ସେକେଣ୍ଡ ସହ ପ୍ରଥମ ସ୍ଥାନ ହାସଲ କରିଥିଲେ। ଅନିମେଶଙ୍କ (୧୦.୧୫ ସେକେଣ୍ଡ) ରେକର୍ଡ ସେ ଭଙ୍ଗ କରି ଅତି ଅଦ୍ଭୁତ ଟାଇମିଂ ଦେଇଥିଲେ। ୧୦.୨୦ ସେକେଣ୍ଡରେ ଦୌଡ଼ ଶେଷ କରି ଅନିମେଶ ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ଏବଂ ପ୍ରଣବ ୧୦.୨୯ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ଜିତିଥିଲେ। ଲାଲୁପ୍ରସାଦ ୧୦.୪୬ ସେକେଣ୍ଡ ସହ ପଞ୍ଚମ ସ୍ଥାନରେ ରହିଥିଲେ।



ଗୁରିନ୍ଦରବୀର ନୂଆ ଜାତୀୟ ରେକର୍ଡ ସହ ନୂଆ ମିଟ୍ ରେକର୍ଡ ମଧ୍ୟ ପ୍ରତିଷ୍ଠା କରି ଆଗାମୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଯୋଗ୍ୟତା ହାସଲ କରିଛନ୍ତି। ଯୋଗ୍ୟତା ଟାଇମିଂ ୧୦.୧୬ ସେକେଣ୍ଡ ରହିଥିଲା।

ପ୍ରକୃତରେ ଗୁରିନ୍ଦରବୀର ନୂଆ ଜାତୀୟ ରେକର୍ଡ ଭଙ୍ଗ କରିବା ପାଇଁ ମାନସିକ ଭାବେ ପ୍ରସ୍ତୁତ ହୋଇ ଆସିଥିଲେ। ଦୌଡ଼ ଶେଷ ହେବା ପରେ ବେଶ ନିଆରା ଭାବେ ସେଲିବ୍ରେସନ କରିଥିଲେ। ସେ ଏକ କାଗଜ ପକେଟରୁ ବାହାର କରି ଦର୍ଶକଙ୍କୁ ଦେଖାଇଥିଲେ। ସେଥିରେ ଲେଖାଥିଲା, '୧୦.୧୦ ସେକେଣ୍ଡ, ଏ ପର୍ଯ୍ୟନ୍ତ ଟାସ୍କ ପୂରଣ ହୋଇ ନାହିଁ। ଅପେକ୍ଷା କରନ୍ତୁ ମୁଁ ଛିଡ଼ା ହୋଇଛି।'

୧୦୦ ମିଟରରେ ଜାତୀୟ ରେକର୍ଡର କ୍ରମଧାରା- ଅନିଲ କୁମାର ପ୍ରକାଶଙ୍କ ଠାରୁ ପୁରୁଷ ୧୦୦ ମିଟରରେ ଜାତୀୟ ରେକର୍ଡ ସୃଷ୍ଟି ହେବାର କ୍ରମଧାରା ଆରମ୍ଭ ହୋଇଥିଲା। ୨୦୦୫ ମସିହାରେ ସେ ୧୦.୩୦ ସେକେଣ୍ଡରେ ଦୌଡ଼ି ପ୍ରଥମେ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ଦୀର୍ଘ ୧୦ ବର୍ଷ ପର୍ଯ୍ୟନ୍ତ ଏ ରେକର୍ଡ ବଜାୟ ରହିଥିଲା। ଓଡ଼ିଆ ଧାବକ ଅମିୟ କୁମାର ମଲ୍ଲିକ ୨୦୧୬ରେ ୧୦.୨୬ ସେକେଣ୍ଡରେ ଦୌଡ଼ି ଅନିଲଙ୍କ ରେକର୍ଡ ଭଙ୍ଗ କରିଥିଲେ। ୨୦୨୩ ପର୍ଯ୍ୟନ୍ତ ଅମିୟଙ୍କ ରେକର୍ଡ ଅତୁଟ ରହିଥିଲା।

୨୦୨୩ରେ ମଣିକାନ୍ତ ହବ୍ଲିଧର ୧୦.୨୩ ସେକେଣ୍ଡରେ ଦୌଡ଼ି ଅମିୟଙ୍କ ରେକର୍ଡ ଭାଙ୍ଗି ଦେଇଥିଲେ। ୨୦୨୫ରେ ଗୁରିନ୍ଦରବୀର (୧୦.୨୦ ସେକେଣ୍ଡ) ମଣିକାନ୍ତଙ୍କ ରେକର୍ଡ ଏବଂ ସେହିବର୍ଷ ଅନିମେଶ କୁଜୁର (୧୦.୧୮ ସେକେଣ୍ଡ) ଗୁରିନ୍ଦରବୀରଙ୍କ ରେକର୍ଡ ଭଙ୍ଗ କରିଥିଲେ। ଚଳିତ ଫେଡେରେସନ କପ୍ରେ ଗୁରିନ୍ଦରବୀର (୧୦.୧୭) ପ୍ରଥମେ ଅନିମେଶଙ୍କୁ ଅତିକ୍ରମ କରିଥିଲେ। ପୁଣି ଅନିମେଶ (୧୦.୧୫) ଗୁରିନ୍ଦରବୀରଙ୍କୁ ଅତିକ୍ରମ କରି ନୂଆ ରେକର୍ଡ ପ୍ରତିଷ୍ଠା କଲେ। ହେଲେ ଫାଇନାଲରେ ଗୁରିନ୍ଦରବୀର ବହୁ ଆଗକୁ (୧୦.୦୯) ଚାଲି ଯାଇଛନ୍ତି। ଭାରତୀୟ ୧୦୦ ମିଟର ଦୌଡ଼ ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି। ଗୁରିନ୍ଦରବୀର ଓ ଅନିମେଶଙ୍କ ମଧ୍ୟରେ ଯେଉଁଭଳି ଭାବେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି, ଆଗକୁ ବି ଆଜିର ରେକର୍ଡ ଭଙ୍ଗ ହୋଇପାରେ।

24001/168/2627

**ଓଡିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଅଧିସୂଚନା**

**No. RDM-LAA-CTC-0003-2026- 15242 /R&DM, dated 10.04.2026**

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କଟକ ଜିଲ୍ଲାର ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ ଜଳସେଚନ ପ୍ରକଳ୍ପର ନରସିଂହପୁର ଶାଖା କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ **ମୌଜା-ଭେଜିଆ,** ଥାନା/ତହସିଲ -ତିଗିରିଆ, ନଂ -୧୭, ଜିଲ୍ଲା- କଟକ ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ. ୩.୩୩୦** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

**୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ**- ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ ଜଳସେଚନ ପ୍ରକଳ୍ପର ନରସିଂହପୁର ଶାଖା କେନାଲ ନିର୍ମାଣ ନିମନ୍ତେ।
**୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ**- ଅଧିକ୍ଷଣ ଯନ୍ତ୍ରୀ, ରେଙ୍ଗାଲୀ ଦକ୍ଷିଣ ପାର୍ଶ୍ୱ କେନାଲ, ସେଚ ଖଣ୍ଡ ନଂ -IV, ବଡମ୍ବା ।
**୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ**- ସାର୍ବଜନୀନ ଉଦ୍ଦେଶ୍ୟରେ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା ।
**୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ**- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
**୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ଆଠଗଡ ।**
**୬- ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍ର ନାମ |
|---|---|---|---|---|---|---|---|---|
| କଟକ | ତିଗିରିଆ | ଭେଜିଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୫.୮୮୦ | ଏ ୩.୩୩୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଢେଙ୍କାନାଳ, ମଣ୍ଡଳ ଅଧିକାରୀ ନଂ-୪ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କଟକ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

Land Schedule (Private Land)

ନରସିଂହପୁର ଶାଖା କେନାଲ ଆର .ଡି ୧୯.୫୬୫ କି .ମି ରୁ ଆର .ଡି ୨୨.୯୦୦ କି .ମି ମୌଜା -ଭେଜିଆ ତହସିଲ - ତିଗିରିଆ, ଥାନା - ତିଗିରିଆ, ଜିଲ୍ଲା - କଟକ

| କ୍ରମିକ ନମ୍ବର | ଖତିୟାନର କ୍ରମିକ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୭୬୯ | ୨୮୫୧ | ୨.୪୮ | ୧.୮୫ | ସନାତନ ରାଉତ ପି: ଧନି ରାଉତ ଜା: ପାଇକ ବା: ବିନ୍ଧାଣିମାଏବଂ ଓ୍ୱଗେର |
| ୨ | ୫୮୬ | ୨୮୪୬ | ୩.୪୦ | ୧.୪୮ | ବାସୁ ବାହାଡି ପି : ନାରଣ ବାହାଡି ଜା : ଚଷା ବା :ରଘୁ ରାମ ପୁର ଏବଂ ଓ୍ୱଗେର |
| | | ମୋଟ ରକବା = ଏ. ୫.୮୮ ଡି | | ଏ. ୩.୩୩ ଡି | |

ସ୍ୱା/– ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ )
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0038

# ପୁଣି ଲଜ୍ଜିତ ହେଲା ୟୁପି : ଲକ୍ଷ୍ନୌର ଏକାନା ଷ୍ଟାଡିୟମରେ ଚିୟରଲିଡର୍ସଙ୍କୁ ଦୁର୍ବ୍ୟବହାର

**ଲକ୍ଷ୍ନୌ**

ବର୍ତ୍ତମାନ, ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୬ ପାଇଁ ସାରା ଭାରତରେ ଉତ୍ସାହ ଲାଗି ରହିଛି। ଦେଶର ବିଭିନ୍ନ ରାଜ୍ୟରେ ୨୦୨୬ ସିଜିନ ପାଇଁ ମ୍ୟାଚ୍ ଖେଳାଯାଉଛି। ଏହି ସିଜିନର ୬୮ତମ ମ୍ୟାଚ୍ ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଏବଂ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ଖେଳାଯାଇଥିଲା। ସହରର ଏକାନା କ୍ରିକେଟ ଷ୍ଟାଡିୟମରେ ଏକ ଘଟଣା ଘଟିଛି ଯାହା ସମଗ୍ର ଦେଶକୁ ଆଶ୍ଚର୍ଯ୍ୟ କରିଦେଇଛି। ଏହି ମ୍ୟାଚ୍ ସମୟରେ ଚିଅରଲିଡର୍ସଙ୍କ ପ୍ରତି ନିର୍ଦ୍ଦେଶିତ ଅସଦାଚରଣର ଏକ ଉଦାହରଣ ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇଛି।

ମ୍ୟାଚ ଗତ ଶନିବାର ଲକ୍ଷ୍ନୌର ଏକାନା ଷ୍ଟାଡିୟମରେ ହୋଇଥିଲା। ଖେଳ ସମୟରେ, ଚିଅରଲିଡର୍ସମାନେ ପଡ଼ିଆରେ ସେମାନଙ୍କର କର୍ତ୍ତବ୍ୟ ପାଳନ କରୁଥିଲେ। ସେମାନଙ୍କ ଭୂମିକା ହେଉଛି ପ୍ରତି ଚାରି, ପ୍ରତି ଛଅ ଏବଂ ମ୍ୟାଚ ସମୟରେ ନିଆଯାଇଥିବା ପ୍ରତ୍ୟେକ ୱିକେଟ ପାଳନ କରିବା ପାଇଁ ନାଚିବା। ସେମାନେ ଷ୍ଟାଡିୟମରେ ଉପସ୍ଥିତ ପ୍ରଶଂସକଙ୍କୁ ମନୋରଞ୍ଜନ କରନ୍ତି ଏବଂ ସେମାନଙ୍କ ଦଳର ସଫଳତାର ଉତ୍ସବ ପାଳନରେ ଯୋଗ ଦିଅନ୍ତି। ତଥାପି, ଏହା ମଧ୍ୟରେ, ଏହି ଚିଅରଲିଡର୍ସମାନେ ବେଳେବେଳେ ଅସଭ୍ୟ ଆଚରଣ ଏବଂ ହଇରାଣର ଶିକାର ହୁଅନ୍ତି।



ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଏବଂ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ଖେଳାଯାଉ ଥିବା ମ୍ୟାଚ୍ ସମୟରେ ଠିକ ଏପରି ଏକ ଘଟଣା ଘଟିଥିଲା – ଏହା ଏକ ଭିଡିଓରେ କଏଦ ହୋଇଛି ଯାହା ଏବେ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି। ଭିଡିଓରେ, ଷ୍ଟାଣ୍ଡରୁ ମ୍ୟାଚ ଦେଖୁଥିବା ପ୍ରଶଂସକମାନେ ଜଣେ ଚିୟରଲିଡରଙ୍କ ପ୍ରତି ଅନୁପଯୁକ୍ତ ବ୍ୟବହାର କରୁଥିବା ଦେଖାଯାଉଛି। ସେମାନଙ୍କ ଅସଦାଚରଣକୁ ଆଉ ସହ୍ୟ କରି ନ ପାରି, ସେ ସ୍ଥାନରେ ଉପସ୍ଥିତ ସୁରକ୍ଷା କର୍ମୀ ଏବଂ ପୋଲିସ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ, ଯାହା ପରେ ମାମଲାର ସମାଧାନ ହୋଇଥିଲା।

ଏହି ଭାଇରାଲ ଭିଡିଓରେ ତିନି ଜଣ ଚିୟରଲିଡରଙ୍କୁ ଦେଖିବାକୁ ମିଳୁଛି। ଗୋଟିଏ ସମୟରେ, ଚିୟରଲିଡରମାନଙ୍କ ମଧ୍ୟରୁ ଜଣେ କହୁଥିବା ଦେଖାଯାଉଛି, "ନା, ନା, ନା..." ସେ ତାଙ୍କ ପ୍ରତି ଏପରି ବ୍ୟବହାର କରିବାରୁ ପ୍ରଶଂସକଙ୍କୁ ଅଟକାଇବାକୁ ଚେଷ୍ଟା କରୁଛନ୍ତି। ସେ ତାଙ୍କ ଆଙ୍ଗୁଠିକୁ ଇଙ୍ଗିତ କରି ସେମାନଙ୍କୁ ନିବୃତ୍ତ ରହିବାକୁ ଇଙ୍ଗିତ ମଧ୍ୟ କରୁଛନ୍ତି। ପରବର୍ତ୍ତୀ ସମୟରେ, ସେ ଇଙ୍ଗିତ ମାଧ୍ୟମରେ କିଛି ବାର୍ତ୍ତାଳାପ କରୁଥିବା ଦେଖାଯାଉଛି – ହୁଏତ ଏହା ସୂଚାଇ ଦେଉଛି ଯେ ପ୍ରଶଂସକମାନେ ତାଙ୍କୁ ଚାହିଁ ରହୁଥିଲେ ଏବଂ ଅସମ୍ମାନଜନକ ବ୍ୟବହାର କରୁଥିଲେ। ଏହି ସମସ୍ତ ଚିୟରଲିଡର ବିଦେଶୀ ନାଗରିକ। ଏକାନା ଷ୍ଟାଡିୟମରେ ନିୟୋଜିତ ପୋଲିସ ଏବଂ ସୁରକ୍ଷା କର୍ମୀଙ୍କ ନିକଟରେ ତାଙ୍କର ଅଭିଯୋଗ ଦାଖଲ କରିବା ସମୟରେ, ସମ୍ପୃକ୍ତ ଚିୟରଲିଡର ସ୍ପଷ୍ଟ ଭାବରେ ବିରକ୍ତ ଦେଖାଯାଉଥିଲେ। ତାଙ୍କ ମୁହଁରେ ଅସହାୟତାର ଏକ ଭାବନା ସ୍ପଷ୍ଟ ଭାବରେ ଦେଖାଯାଉଥିଲା। କୌଣସି ମହିଳା ଅସମ୍ମାନଜନକ ଆଚରଣର ଶିକାର ହେବାକୁ ସହ୍ୟ କରିପାରିବେ ନାହିଁ, ସେ ଭାରତୀୟ ହୁଅନ୍ତୁ କିମ୍ବା ବିଦେଶୀ। ତଥାପି ତାଙ୍କ ଅଭିଯୋଗ ପରେ, ଘଟଣାସ୍ଥଳରେ ଉପସ୍ଥିତ ପୋଲିସ ଏବଂ ସୁରକ୍ଷା କର୍ମୀମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ଏବଂ ସମ୍ପୃକ୍ତ ପ୍ରଶଂସକଙ୍କ ସହିତ ଯୁକ୍ତି କରି ପରିସ୍ଥିତିକୁ ଶାନ୍ତ କରିଥିଲେ। ଏହି ଭିଡିଓ ପ୍ରକାଶ ପାଇବା ପରେ, ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ୟୁଜରମାନେ ବିଭିନ୍ନ ପ୍ରକାରର କମେଣ୍ଟ ପୋଷ୍ଟ କରୁଛନ୍ତି। କିଛି ୟୁଜର ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରୁଥିବା ବେଳେ, ଅନ୍ୟମାନେ ପ୍ରଶ୍ନ କରୁଛନ୍ତି ଯେ ଏପରି ଘଟଣାଗୁଡ଼ିକ କେବଳ ୟୁପି (ଉତ୍ତର ପ୍ରଦେଶ)ରେ କାହିଁକି ଘଟୁଛି।

ଏହା ଲକ୍ଷ୍ୟ କରିବା ଉଚିତ ଯେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସମୟରେ ମହିଳା ଖେଳାଳି, ଚିୟରଲିଡର କିମ୍ବା ମ୍ୟାଚ୍ ସମୟରେ କାମ କରୁଥିବା ମହିଳାମାନଙ୍କ ପ୍ରତି ନିର୍ଦ୍ଦେଶିତ ଏପରି ଅସଦାଚରଣ ସମ୍ପର୍କରେ ଅଭିଯୋଗ ବାରମ୍ବାର ରିପୋର୍ଟ କରାଯାଏ। ୨୦୨୬ ଓଡିଆଇ ବିଶ୍ୱକପ୍ ସମୟରେ ମଧ୍ୟ ମହିଳା ଅଷ୍ଟ୍ରେଲୀୟ ଖେଳାଳିମାନଙ୍କ ସହିତ ସମାନ ପ୍ରକାରର ନିର୍ଯାତନା ଘଟଣା ସାମ୍ନାକୁ ଆସିଥିଲା। ପୁଣି ଥରେ, ଏହି ସଦ୍ୟତମ ଘଟଣା ୟୁପି ରାଜ୍ୟ ପାଇଁ ଲଜ୍ଜା ଆଣିଛି।

# ମୁଖ୍ୟମନ୍ତ୍ରୀ ବସ୍ ଧକ୍କାରେ ଚାଲିଗଲା ବାଇକ୍ ଆରୋହୀଙ୍କ ଜୀବନ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ସଲାଗୁଡ଼ା ପଞ୍ଚାୟତ କୁଡକେଲକିଆ ଘାଟି ବୁଲାଣିରେ ରବିବାର ସନ୍ଧ୍ୟାରେ ଏକ ସରକାରୀ ମୁଖ୍ୟମନ୍ତ୍ରୀ ବସ୍ ଏବଂ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକ କୁଡକେଲକିଆ ଗାଁର ବୀରେନ୍ଦ୍ର ମଳିକ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ବୀରେନ୍ଦ୍ର ଗାଁରୁ ବାଇକ୍ ଯୋଗେ ମେଲସିକିଆ ଗାଁକୁ ଯାଉଥିଲେ। ସେତିକିବେଳେ ଡାକା ଅଭିମୁଖେ ଯାଉଥିବା ଏକ ମୁଖ୍ୟମନ୍ତ୍ରୀ ବସ୍ କୁଡକେଲକିଆ ଘାଟି ବୁଲାଣିରେ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ବୀରେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ମୃତକଙ୍କ ପରିବାର ଲୋକଙ୍କୁ ନ୍ୟାୟ ଏବଂ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକ ରାସ୍ତାରେ ମୃତଦେହ ରଖି ଆନ୍ଦୋଳନ କରିଥିଲେ। ଏକରିକି ବସ୍‌କୁ ଅଟକ ରଖିଥିଲେ। ବାଲିଗୁଡା ପୋଲିସ ଏବଂ ତହସିଲଦା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ କ୍ଷତିପୂରଣ ଦେବାନେଇ ପ୍ରତିଶ୍ରୁତି ଦେବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଛାଡିଥିଲେ। ଅନ୍ୟପକ୍ଷେ ବସ୍ ଡ୍ରାଇଭର ଫେରାର ଥିବା ଜଣାପଡିଛି।





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମହିଳା କର୍ମଜୀବୀଙ୍କ...

କର୍ମଚାରୀମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବ। କର୍ମଚାରୀଙ୍କ ରହିବା ନିମନ୍ତେ ଅତ୍ୟାଧୁନିକ ହଷ୍ଟେଲ ନିର୍ମାଣ କରାଯିବା ସହ ସେମାନଙ୍କ ଦୈନନ୍ଦିନ ଯାତାୟାତକୁ ସହଜ, ସୁରକ୍ଷିତ ଓ ପରିବେଶ ଅନୁକୂଳ କରିବା ପାଇଁ ଇଭି ବସ୍ ସେବା ପ୍ରଦାନ କରାଯିବ।

ଆଗାମୀ ଦିନରେ ଏହି ଅଞ୍ଚଳରେ ଏଭଳି ଆହୁରି ଅନେକ ନୂତନ ଶିଳ୍ପ ୟୁନିଟ୍ ପ୍ରତିଷ୍ଠା କରାଯିବ, ଯାହା ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ନୂତନ ନିଯୁକ୍ତିର ଦ୍ୱାର ଉନ୍ମୁକ୍ତ କରିବ ଏବଂ ସ୍ଥାନୀୟ ଅର୍ଥନୀତିକୁ ଅଧିକ କ୍ରିୟାଶୀଳ କରିବ। ଏହି ବୃହତ ଶିଳ୍ପଗୁଡ଼ିକୁ ଆଧାର କରି ଏଠାରେ ଏକାଧିକ ଆନୁଷଙ୍ଗିକ ଶିଳ୍ପ ମଧ ଗଢ଼ିଉଠିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

ଓଡ଼ିଶାର ଶିଳ୍ପ ସମୃଦ୍ଧି ଓ ନିଯୁକ୍ତି ସମ୍ପର୍କରେ ଏକ ଦୃଢ଼ ପ୍ରତିଶ୍ରୁତି ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଆମ ଓଡ଼ିଶାର ପ୍ରତିଭାବାନ ଯୁବକଯୁବତୀମାନଙ୍କୁ ଜୀବିକା ସଂସ୍ଥାନ ପାଇଁ ଆଉ ନିଜ ପରିବାର ଓ ଭିଟାମାଟି ଛାଡ଼ି ବାହାର ରାଜ୍ୟକୁ ସାଧାରଣ ଶ୍ରମିକ ଭାବେ ଯିବାକୁ ପଡ଼ିବ ନାହିଁ। ସେମାନଙ୍କୁ ଓଡ଼ିଶାରେ ହିଁ ସମ୍ମାନଜନକ ଏବଂ ଶ୍ରେଷ୍ଠ ନିଯୁକ୍ତି ସୁଯୋଗ ଯୋଗାଇଦେବା ଆମ ସରକାରଙ୍କ ପ୍ରାଥମିକ ସଂକଳ୍ପ। ରାଜ୍ୟରେ ଶିଳ୍ପାୟନର ଏହି ଅନୁକୂଳ ବାତାବରଣ ସ୍ଥାନୀୟ ଅର୍ଥନୀତିକୁ ଏକ ନୂତନ ଗତି ପ୍ରଦାନ କରିବ। ସରକାର ପ୍ରତିଟି ପ୍ରକଳ୍ପର ଅଗ୍ରଗତିକୁ ଅତି ସତର୍କତା ଓ ସୂକ୍ଷ୍ମତାର ସହ ଅନୁଧ୍ୟାନ କରୁଛନ୍ତି।

ସୂଚନା ଯୋଗ୍ୟ ଯେ ଟ୍ରାଇମେଟ୍ରୋ ଗାର୍ମେଣ୍ଟସ୍ ହେଉଛି ବିଶ୍ୱ ସ୍ତରୀୟ ବସ୍ତ୍ର ଉତ୍ପାଦନ ସଂସ୍ଥା ଏପିକ୍ ଗ୍ରୁପ୍ ର ଏକ କମ୍ପାନୀ । ଟ୍ରାଇମେଟ୍ରୋ ପ୍ରଥମ ଥର ପାଇଁ ଭାରତରେ ତା'ର ଉତ୍ପାଦନ ଆରମ୍ଭ କରିଛି।

ଏହି କମ୍ପାନୀ ପାଇଁ ୨୦୨୫ ଏପ୍ରିଲ୍ ୩ ତାରିଖରେ ଶିଳାନ୍ୟାସ କରାଯାଇଥିଲା। ମାତ୍ର ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଏହାର ଉଦ୍‌ଘାଟନ କରାଯାଇ ଉତ୍ପାଦନ ଆରମ୍ଭ ହୋଇଛି।ଶିଳ୍ପାୟନ ପ୍ରକ୍ରିୟାକୁ ରାଜ୍ୟ ସରକାର କେତେ କ୍ଷିପ୍ର ଗତିରେ କାର୍ଯ୍ୟକାରୀ କରୁଛନ୍ତି, ଏହି ଶିଳ୍ପ ତା'ର ପ୍ରମାଣ।

ଖୋର୍ଦ୍ଧାରେ ଏହି ପ୍ଲାଣ୍ଟ ୩୭୬ କୋଟି ଟଙ୍କାରେ ସ୍ଥାପିତ ହୋଇଛି। ଏହାଦ୍ୱାରା ପ୍ରାୟ ୭୦୦୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏଥିରୁ ଅଧିକାଂଶ ହେଉଛନ୍ତି ମହିଳା। ଏହି କମ୍ପାନୀ ବିଶ୍ୱ ସ୍ତରୀୟ ଫେସନ ବ୍ରାଣ୍ଡ ୟୁନିକଲୋ ପାଇଁ ଉତ୍ପାଦନ କରୁଛି। ଏହାଦ୍ୱାରା ବିଶ୍ୱ ଫେସନ ମ୍ୟାପରେ ଓଡ଼ିଶା ସ୍ଥାନ ପାଇ ପାରିଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆନାଡ୍ରୋନ ସିଷ୍ଟମସ୍ ପ୍ରାଇଭେଟ୍ ଲିମିଟେଡ୍‌ର ସିଇଓ ଅନନ୍ତ ଭାଲୋଟିଆଙ୍କ ସହ ଆଲୋଚନା କରି ଅପରେସନ୍ "ସିନ୍ଦୂର"ରେ ଡ୍ରୋନ୍ ଟେକ୍ନୋଲୋଜି ର ସଫଳ ବ୍ୟବହାର ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅଭିଯାନରେ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଥିବା ଡ୍ରୋନ୍ ଟେକ୍ନୋଲୋଜି ୧୦୦ ପ୍ରତିଶତ ସଫଳତା ହାସଲ କରିଥିବାରୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ସେ କମ୍ପାନୀର କର୍ମଚାରୀମାନଙ୍କ ସହ ଆଲୋଚନା କରି କହିଥିଲେ ଯେ, ସେମାନଙ୍କର ଉନ୍ନତ ବୈଷୟିକ ଦକ୍ଷତା ଦେଶର ସୁରକ୍ଷାକୁ ଆହୁରି ସୁଦୃଢ଼ କରୁଛି ଏବଂ ସେମାନେ ଦେଶକୁ ସୁରକ୍ଷିତ ରଖିବାରେ ବିଶେଷ ଭୂମିକା ରଖୁଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ସଫଳତା ଓଡ଼ିଶା ପାଇଁ ମଧ ଗୌରବାନ୍ୱିତ ।

ମୁଖ୍ୟମନ୍ତ୍ରୀ ଏହି କମ୍ପାନୀ ପକ୍ଷରୁ ନିର୍ମାଣ କରାଯାଉଥିବା ବିଭିନ୍ନ ଅତ୍ୟାଧୁନିକ ପ୍ରତିରକ୍ଷା ସାମଗ୍ରୀ ଦେଖିଥିଲେ। ଏଥିରେ ରହିଛି ଏରିଏଲ ଟାର୍ଗେଟସ୍ , ଟାର୍ଗେଟ୍ ଲଞ୍ଚରସ୍ ଆଣ୍ଡ ଟ୍ରେଲରସ୍, ଗ୍ରାଉଣ୍ଡ ସପୋର୍ଟ ଇକ୍ୟୁପମେଣ୍ଟସ୍ ଏବଂ ଗ୍ରାଉଣ୍ଡ ଷ୍ଟେସନସ୍ ।

ଭବିଷ୍ୟତରେ ଏହି ସବୁ ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ସମସ୍ତ ପ୍ରକାରର ସହଯୋଗ ପ୍ରଦାନ କରାଯିବ ବୋଲି ସେ କହିଥିଲେ।

ଏହି ପରିଦର୍ଶନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ମହାନଦୀ ମାନସମନ୍ଥନ...

ପୂର୍ବ ସରକାର ସମୟରେ ଯେଉଁ ଆଇନଗତ ତ୍ରୁଟି ରହିଯାଇଥିଲା, ବର୍ତ୍ତମାନ ସରକାର ସେଥିରେ ସଂଶୋଧନ ଆଣି ଟ୍ରିବ୍ୟୁନାଲ ସମ୍ମୁଖରେ ଓଡ଼ିଶାର ହକ ଓ ଅଧିକାର ପାଇଁ ଦୃଢ଼ ଭାବେ ପକ୍ଷ ଉପସ୍ଥାପନ କରୁଛନ୍ତି।

ମହାନଦୀକୁ ଓଡ଼ିଶାର ଜୀବନରେଖା ବୋଲି କୁହାଯାଏ। ଏପରି ସମୟରେ ଓଡ଼ିଶା ସରକାର, କେନ୍ଦ୍ର ସରକାର ଏବଂ ଛତିଶଗଡ଼ ସରକାରଙ୍କ ମଧ୍ୟରେ ସମନ୍ୱୟ ରଖି ଆପୋଷ ସମାଧାନ ପାଇଁ ହେଉଥିବା ପଦକ୍ଷେପ ରାଜ୍ୟବାସୀଙ୍କ ମନରେ ନୂତନ ଆଶା ସଞ୍ଚାର କରିଛି।

## ୩୧ରେ ବିଏଡ...

'ଆନ୍ସର କି' ପ୍ରକାଶ ପାଇବ। ପ୍ରୋଭିଜିନାଲ 'ଆନ୍ସର କି'କୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ କୌଣସି ଆଶଙ୍କା ଥିଲେ ପରୀକ୍ଷାର୍ଥୀ ଜୁନ୍ ୫ରୁ ୭ ମଧ୍ୟରେ ଆବେଦନ କରିପାରିବେ। ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ ହିଁ ମେଧା ତାଲିକା ପ୍ରକାଶ ପାଇବ।

## ତେଲ ସଞ୍ଚୟ...

ପରିବହନ ମନ୍ତ୍ରୀ ନିତୀନ ଗଡ଼କରୀ କହିଥିଲେ ଯେ ମାରୁତି ସୁଜୁକି ଏକ ୧୦୦ ପ୍ରତିଶତ ଇଥାନଲରେ ଚାଲୁଥିବା ଗାଡ଼ିକୁ ଆସନ୍ତା ଜୁନ୍ ୫ରେ ବିଶ୍ୱ ପରିବେଶ ଦିବସ ଅବସରରେ ଉନ୍ମୋଚନ କରିବ। ଭାରତରେ ଟୟୋଟା, ଟାଟା ମୋଟର୍ସ, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ଓ ସୁଜୁକି ଭଳି ୧୨ଟି କମ୍ପାନି ଫ୍ଲେକ୍ସ ଫୁଏଲ୍ ଗାଡ଼ି ଉନ୍ମୋଚନ କରିଥିବା ସେ ସୂଚନା ଦେଇଥିଲେ।

## ହର୍ମୁଜ ଦେଇ ...

ଜାହାଜ ଚଳାଚଳ ତଥ୍ୟ ରଖୁଥିବା କମ୍ପାନି କେପ୍ଲରର ତଥ୍ୟ ଅନୁଯାୟୀ, ଆବୁଧାବି ନ୍ୟାସନାଲ୍ ଅଏଲ୍ କମ୍ପାନି (ଆଡନକ୍)ର ଅଲ୍ ହମରା ଜାହାଜଟି ଦାସ୍ ଦ୍ୱୀପର ରପ୍ତାନି ପ୍ଲାଣ୍ଟରେ ଗ୍ୟାସ ବୋଝେଇ କରିଥିଲା। ସେହି ସମୟରେ ତାହା ସିଗନାଲ୍ ଦେଉ ନଥିଲା। କିନ୍ତୁ ଉପଗ୍ରହ ଚିତ୍ରରୁ ଜଣାଯାଇଛି ଯେ ଏଲ୍ଏନ୍‌ଜି ଜାହାଜ ଦାସ୍ ଦ୍ୱୀପରେ ରହିଥିଲା। ଏହା ପୂର୍ବରୁ ଆଡନକ୍ ଆଉ ଦୁଇଟି ଜାହାଜରେ ଏଲ୍ଏନ୍‌ଜି ଭର୍ତ୍ତି କରି ଗୋପନରେ ବାହାରକୁ ପଠାଇଛି। ସେଥିରୁ ଗୋଟିଏ ଜାପାନକୁ ଓ ଅନ୍ୟଟି ଚୀନକୁ ଯାଇଛି।

ଇରାନ ଓ ଆମେରିକା ଯୁଦ୍ଧ ପାଇଁ ହର୍ମୁଜ ପ୍ରଣାଳୀ ପ୍ରାୟତଃ ବନ୍ଦ ରହିଛି। ଏହି ମାର୍ଗ ଦେଇ ଅନ୍ତର୍ଜାତୀୟ ବଜାରର ମୋଟ ଚାହିଦାର ୨୦ ପ୍ରତିଶତ ଏଲ୍ଏନ୍‌ଜି ଯୋଗାଣ ହୋଇଥାଏ। ସୁରକ୍ଷାଜନିତ ବିପଦ କାରଣରୁ ହର୍ମୁଜ ପାର ହେବା ସମୟରେ ଅଧିକାଂଶ ଜାହାଜ ସେମାନଙ୍କ ସିଗନାଲ ବା ଟ୍ରାନ୍ସପୋଣ୍ଡରକୁ ବନ୍ଦ କରି ଦେଉଛନ୍ତି। ତଥ୍ୟ ଅନୁଯାୟୀ, ଗତବର୍ଷ ଭାରତ କତର ଓ ସଂଯୁକ୍ତ ଆରବ ଏମିରେଟ୍ସରୁ ଏହାର ଆବଶ୍ୟକତାର ଅଧାରୁ ଅଧିକ ଏଲ୍ଏନ୍‌ଜି ସଂଗ୍ରହ କରିଥିଲା। କିନ୍ତୁ ଯୁଦ୍ଧ ପରେ ଏହାର ଯୋଗାଣ ବନ୍ଦ ହୋଇଯାଇଛି।

## ପ୍ରବଳ ଖରାରେ...

(ଆଶୁ ଚିକିତ୍ସା) ଉପଲବ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହ କ୍ଷେତ୍ର କର୍ମଚାରୀମାନେ ଏଥି ପ୍ରତି ସଜାଗ ରହିବା ସହ କୌଣସି ଅପ୍ରୀତିକାର ପରିସ୍ଥିତି ଉପୁଜିବା ପୂର୍ବରୁ ସଚେତନତା ସୃଷ୍ଟି କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ପୋଖରୀରେ ...

ବିଭାଗକୁ ଖବର ଦେଇଥିଲେ । ବ୍ରହ୍ମପୁର ଅଗ୍ନିଶମ କେନ୍ଦ୍ର ଆଗ୍ନିକମାନେ ପହଞ୍ଚି ଅଣ୍ଡର ୱାଟର ବିଏ ସେଟ୍ ଦ୍ୱାରା ଉଭୟଙ୍କୁ ପାଣି ଭିତରୁ ଖୋଜି ବାହାର କରିଥିଲେ । ଉଭୟଙ୍କୁ ତୁରନ୍ତ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ବିଶ୍ୱଜିତ୍ ଓ ଅଭିଜିତଙ୍କୁ ମୃତ ଘୋଷଣା କରିଥିଲେ।

## ଇବୋଲାକୁ ଅନ୍ତର୍ଜାତୀୟ ...

ଭାଇରସ୍ ଚିହ୍ନଟ ହୋଇଥିବା ଅଞ୍ଚଳରୁ ଆସୁଥିବା ଅସ୍ପଷ୍ଟ ଜ୍ୱର ରୋଗ ସହିତ ଯାତ୍ରୀମାନଙ୍କୁ ଚିହ୍ନଟ, ମୂଲ୍ୟାଙ୍କନ, ରିପୋର୍ଟ ଏବଂ ପରିଚାଳନା' କରାଯାଇପାରିବ ଏବଂ 'ବୁଣ୍ଡିବୁଗିଓ ଭାଇରସ୍ ଚିହ୍ନଟ ହୋଇଥିବା ଅଞ୍ଚଳଗୁଡ଼ିକୁ ଯାତ୍ରା କରିବାକୁ ନିରୁତ୍ସାହିତ କରାଯିବ'।

ଦକ୍ଷିଣ ସୁଦାନ ସମେତ କଙ୍ଗୋ ଏବଂ ଉଗାଣ୍ଡା ଦେଶଗୁଡ଼ିକୁ ରୋଗ ସଂକ୍ରମଣର ଉଚ୍ଚ ବିପଦରେ ରହିଥିବା ଆକଳନ କରାଯାଇଛି। ଇବୋଲା ରୋଗ ହେଉଛି ଇବୋଲା ଭାଇରସ୍‌ର ବୁଣ୍ଡିବୁଗିଓ ଭାଇରସ୍ ଷ୍ଟ୍ରେନ ସହିତ ସଂକ୍ରମଣ ଯୋଗୁଁ ହେଉଥିବା ଏକ ଭାଇରାଲ୍ ହେମୋରେଜିକ୍ ଜ୍ୱର। ଏହା ଏକ ଗମ୍ଭୀର ରୋଗ ଯାହାର ମୃତ୍ୟୁ ହାର ଅଧିକ। ବର୍ତ୍ତମାନ, ବୁଣ୍ଡିବୁଗିଓ ଭାଇରସ୍ ଷ୍ଟ୍ରେନ ଦ୍ୱାରା ହେଉଥିବା ଇବୋଲା ରୋଗକୁ ରୋକିବା କିମ୍ବା ଚିକିତ୍ସା କରିବା ପାଇଁ କୌଣସି ଟିକା କିମ୍ବା ନିର୍ଦ୍ଦିଷ୍ଟ ଚିକିତ୍ସା ଅନୁମୋଦିତ ହୋଇନାହିଁ।

ଭାରତରେ ବୁଣ୍ଡିବୁଗିଓ ଭାଇରସ୍ ଷ୍ଟ୍ରେନ ଦ୍ୱାରା ହେଉଥିବା ଇବୋଲା ରୋଗର କୌଣସି ମାମଲା ରିପୋର୍ଟ କରିନାହିଁ।

କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ ଏବଂ ଅନ୍ୟାନ୍ୟ ପ୍ରଭାବିତ ଦେଶଗୁଡ଼ିକରେ ବଢୁଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୁପାରିଶ ଅନୁଯାୟୀ, ଭାରତ ସରକାର ସମସ୍ତ ଭାରତୀୟ ନାଗରିକଙ୍କୁ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ, ଉଗାଣ୍ଡା ଏବଂ ଦକ୍ଷିଣ ସୁଦାନକୁ ଅଣ-ଅତ୍ୟାବଶ୍ୟକୀୟ ଯାତ୍ରା ଏଡାଇବାକୁ ପରାମର୍ଶ ଦେଉଛନ୍ତି। ବର୍ତ୍ତମାନ ଏହି ଦେଶଗୁଡ଼ିକରେ ରହୁଥିବା କିମ୍ବା ଯାତ୍ରା କରୁଥିବା ଭାରତୀୟ ନାଗରିକମାନଙ୍କୁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ଜନସ୍ୱାସ୍ଥ୍ୟ ମାର୍ଗଦର୍ଶିକାକୁ କଡ଼ାକଡ଼ି ପାଳନ କରିବାକୁ ଏବଂ ଉଚ୍ଚ ସତର୍କତା ବଜାୟ ରଖିବାକୁ ପରାମର୍ଶ ଦିଆଯାଉଛି।

# ସରକାରୀ ଯୋଜନାର ତଦାରଖ ପାଇଁ ପଦକ୍ଷେପ

## ମେ' ରୁ ଜୁଲାଇ ଯାଏଁ ଜିଲ୍ଲା ଗସ୍ତ କରିବେ ସଚିବ ଓ ବରିଷ୍ଠ ଅଧିକାରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଚାଲିଥିବା ବିଭିନ୍ନ କଲ୍ୟାଣମୂଳକ ଓ ଲୋକାଭିମୁଖୀ ଯୋଜନାର ସଫଳ କାର୍ଯ୍ୟକାରିତା ଏବଂ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା ପାଇଁ ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ମେ' ମାସଠାରୁ ଜୁଲାଇ ପର୍ଯ୍ୟନ୍ତ ସରକାରଙ୍କ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ବିଭିନ୍ନ ଜିଲ୍ଲା ଗସ୍ତ କରିବେ। ଏ ନେଇ ଯୋଜନା ଓ ସଂଯୋଜନ ବିଭାଗର ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ସମସ୍ତ ବିଭାଗକୁ ଚିଠି ଲେଖି ସୂଚନା ଦେଇଛନ୍ତି । ଅଧିକାରୀମାନେ ୨ରୁ ୩ ଦିନିଆ ଜିଲ୍ ଗସ୍ତ କରିବେ। ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରି ସରକାରୀ ଯୋଜନାର କାର୍ଯ୍ୟକାରୀତାକୁ ପରଖିବେ। ଦିଆଯାଇଥିବା ସଚିବଙ୍କୁ ଜିଲ୍ଲା ଦାୟିତ୍ୱ ଗୁଡିକ : ସଂଜୀବ କୁମାର ମିଶ୍ର – କଟକ, ସଞ୍ଜୟ କୁମାର ସିଂ –ଖୋର୍ଦ୍ଧା, ସୁରେଶ କୁମାର ବଶିଷ୍ଠ – କେନ୍ଦୁଝର, ଶୁଭା ଶର୍ମା – ସମ୍ବଲପୁର, ଏନ.ବି.ଏସ ରାଜପୁତ – ଅନୁଗୁଳ, ଭାସ୍କର ଜ୍ୟୋତି ଶର୍ମା –ଯାଜପୁର, ତେମଜେନତ୍ୱାପଙ୍ଗ ଆଓ – ନୟାଗଡ, ଆର.ଏସ.ଗୋପାଳନ-କୋରାପୁଟ, ଗିରୀଶ ଏସ.ଏନ. – ଜଗତସିଂହପୁର, ଡଃ ମୃଣାଳିନୀ ଦର୍ସ୍ୱାଲ-ରାୟଗଡା, ଅଶ୍ୱତୀ ଏସ୍. – ଢେଙ୍କାନାଳ, ରାଜେଶ ପ୍ରଭାକର ପାଟିଲ –କେନ୍ଦ୍ରାପଡା, ଅରବିନ୍ଦ ଅଗ୍ରୱାଲ-ବାଲେଶ୍ୱର, ବଲବନ୍ତ ସିଂହ – ପୁରୀ, ସଚିନ ରାମଚନ୍ଦ୍ର ଜାଧବ – କଳାହାଣ୍ଡି, ଭୂପେନ୍ଦ୍ର ସିଂ ପୁନିଆ – ଦେବଗଡ, ଯାମିନି ଷଡଙ୍ଗୀ-ଭଦ୍ରକ, ବି.ପରମେଶ୍ୱରନ –ବୌଦ୍ଧ, ଗୁହା ପୁନମ ତାପସ କୁମାର-ସୋନପୁର, ଡ. ବିଜୟ କେତନ ଉପାଧ୍ୟାୟ-ବରଗଡ, ଡି. ପ୍ରଶାନ୍ତ କୁମାର ରେଡ୍ଡୀ –ଗଜପତି, ଡା. ଏନ୍. ତିରୁମାଲା ନାଏକ – ମାଲକାନଗିରି, ରଶ୍ମିତା ପଣ୍ଡା – କନ୍ଧମାଳ, ଡଃ ବୃନ୍ଦା ଡି-ଝାରସୁଗୁଡା, ମହମ୍ମଦ ସାଦିକ ଆଲମ୍ –ବଲାଙ୍ଗୀର, ମାନସୀ ନିମ୍ଭାଲ – ମୟୂରଭଞ୍ଜ, ପ୍ରେମ ଚନ୍ଦ୍ର ଚୌଧୁରୀ-ନୂଆପଡା, ଅରିନ୍ଦମ ଡାକୁଆ – ଗଞ୍ଜାମ, କେ.ସୁଦର୍ଶନ ଚକ୍ରବର୍ତ୍ତି –ନବରଙ୍ଗପୁର, ଭିନୀଥ୍ ଭରଦ୍ୱାଜ –ସୁନ୍ଦରଗଡ ଜିଲ୍ଲା ଦାୟିତ୍ୱ ଦିଆଯାଇଥିବା ସୂଚନା ମିଳିଛି।




## ହାତୀ ବିପତ୍ତି; ଦୁଇ ଦନ୍ତା ହାତୀର ଗଳିତ ମୃତ ଦେହ ଉଦ୍ଧାର

**ଭବାନୀପାଟଣା/ଢେଙ୍କାନାଳ, ନ୍ୟୁଜ ବ୍ୟୁରୋ**



ରାଜ୍ୟରେ ପଡିଛି ହାତୀ ବିପତ୍ତି । ଗୋଟିଏ ଦିନରେ ଦୁଇ ଦୁଇଟି ହାତୀର ମୃତ ଶରୀର ଠାବ ହୋଇଛି। ଗୋଟିଏ ହାତୀର ମୃତ ଦେହ କଳାହାଣ୍ଡି ଜିଲ୍ଲାରୁ ମିଳିଥିବାବେଳେ ଅନ୍ୟଟି ଢେଙ୍କାନାଳ ଜିଲ୍ଲାରୁ ଉଦ୍ଧାର କରାଯାଇଛି । ଦୁଇ ହାତୀଙ୍କର ମୃତ୍ୟୁ ୩/୪ ଦିନ ତଳୁ ଘଟିଥିବା ଅନୁମାନ କରାଯାଉଛି । ତେବେ କେଉଁ ପରିସ୍ଥିତିରେ ହାତୀଙ୍କର ମୃତ୍ୟୁ ଘଟିଲା ତାହା ଜଣାପଡି ନାହିଁ । ମୃତ ଶରୀରର ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ବନ ବିଭାଗ କର୍ମଚାରୀ କହିଛନ୍ତି । କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅନ୍ତର୍ଗତ ନର୍ଲା ରେଞ୍ଜ କମର୍ଦ୍ଧା ଜଙ୍ଗଲରେ ଏକ ପୋଖରୀ ନିକଟରେ ଦନ୍ତା ହାତୀର ମୃତ ଦେହ ପଡିଥିବା ଦେଖିବାକୁ ମିଳିଥିଲା । ଏହି ରାସ୍ତା ଦେଇ ସ୍ଥାନୀୟ ଲୋକେ ଯିବା ଆସିବା କରିବାବେଳେ ଦୁର୍ଗନ୍ଧ ହେବାରୁ ଘଟଣା ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିଥିଲେ। ପରେ ଏକ ପୋଖରୀ ନିକଟରେ ଦନ୍ତା ହାତୀର ମୃତ ଦେହ ଦେଖିବାକୁ ପାଇଥିଲେ। ସେମାନେ ବନ ବିଭାଗକୁ ଖବର ଦେବା ପରେ ଘାଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ କରୁଛନ୍ତି । ଦନ୍ତା ହାତୀଟିର ଶରୀର ସମ୍ପୂର୍ଣ୍ଣ ପଚି ଯାଇଥିବାରୁ ପାଖାପାଖି ୩ରୁ ୪ଦିନ ତଳୁ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି । ହେଲେ ବନ ବିଭାଗ ପାଖରେ କେମିତି ଖବର ନଥିଲା ସେ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ବନ ବିଭାଗ କର୍ମଚାରୀମାନେ ଠିକ ଭାବେ ପାଟ୍ରୋଲିଂ କରୁନାହାନ୍ତି କିମ୍ବା ହାତୀର ସୁରକ୍ଷା, ହାତୀ ଘଉଡ଼େଇବା ପାଇଁ ଆସୁଥିବା ସରକାରୀ ଅନୁଦାନକୁ ଠିକ ଭାବରେ ବ୍ୟବହାର କରୁନାହାନ୍ତି ବୋଲି ଅଭିଯୋଗ ହୋଇଛି । ଖବର ପାଇ ସ୍ଥାନୀୟ ବନ ବିଭାଗ ଅଧିକାରୀଙ୍କ ସମେତ ଏସିଏଫ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛନ୍ତି। ମୃତ ଦନ୍ତାର ଶବ ବ୍ୟବଚ୍ଛେଦ କରାଯିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ଏନେଇ ଆରସିସିଏଫ୍ ସନ୍ତୋଷ ଯୋଶୀ କହିଛନ୍ତି ଯେ, ' ନର୍ଲାରେ ରବିବାର ସକାଳୁ ହାତୀ ମୃତ୍ୟୁ ନେଇ ଏକ ଖବର ମିଳିଥିଲା । ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ । ଶରୀରର ବିଭିନ୍ନ ଅଙ୍ଗ ନମୂନା ନିଆଯିବ। ଆମେ ଗାଁମାନଙ୍କୁ ନେଇ ଏକ ତାଲିକା ପ୍ରସ୍ତୁତ କରିଛୁ ଓ ସେହି ଗାଁମାନଙ୍କର ପାଟ୍ରୋଲିଂ କରାଯାଉଛି। ଏହାସହ ବନ ବିଭାଗ ଓ ବିଦ୍ୟୁତ୍ ବିଭାଗ ପକ୍ଷରୁ ମିଳିତ ପାଟ୍ରୋଲି ମଧ ହେଉଛି। ' । ସେହିପରି ଢେଙ୍କାନାଳ ବନ ଖଣ୍ଡର ହିନ୍ଦୋଳ ବନାଞ୍ଚଳରୁ ଏକ ଦନ୍ତା ହାତୀର ଗଳିତ ମୃତଦେହ ଠାବ ହୋଇଛି । ବମ୍ପା ସେକ୍ସନର ଜାମୁଚକଡ଼ା ଗ୍ରାମ ନିକଟସ୍ଥ ବେଗାନାଳ ନିକଟରେ ହାତୀର ମୃତ୍ୟୁ ଘଟିଛି । ଖବର ପାଇ ହିନ୍ଦୋଳ ବନାଞ୍ଚଳ କର୍ମଚାରୀମାନେ ପହଂଚି ହାତୀର ମୃତଦେହକୁ ଗଳିତ ଅବସ୍ଥାରେ ଉଦ୍ଧାର କରିଛନ୍ତି। ମୃତ ହାତୀ ଏକ ଦନ୍ତା ହାତୀ ଓ ତାର ବୟସ ୧୫ବର୍ଷ ହେବ ବୋଲି ଅନୁମାନ କରାଯାଇଛି। ହାତୀର ମୃତ୍ୟୁର ସଠିକ କାରଣ କଣ ଜଣାପଡିନାହିଁ। ତେବେ ହାତୀଟି ଗତ ତିନି ଚାରିଦିନ ହେଲା ମରି ପଡିଥିବା ଅନୁମାନ କରାଯାଇଛି। ବନ ବିଭାଗ ମୃତ ହାତୀର ଶବ ବ୍ୟବଚ୍ଛେଦ କରି ତଦନ୍ତ ଜାରି ରଖିଛି।

## ଡିଏଫ୍‌ଓ ଅଧିକାରୀଙ୍କ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଓଡ଼ିଶା ବନ ସେବା(ଓଏଫ୍‌ଏସ୍) ଅଧିକାରୀଙ୍କ ସ୍ତରରେ ଅଦଳବଦଳ ହୋଇଛି। ରବିବାର ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ଭୁବନେଶ୍ୱର ସିଟି ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) ବିଶ୍ୱରାଜ ପଣ୍ଡାଙ୍କୁ ସୁବର୍ଣ୍ଣପୁର ବନଖଣ୍ଡର ଡିଏଫ୍‌ଓ ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ବ୍ରହ୍ମପୁର ସର୍କଲର ଆରସିସିଏଫ୍ କାର୍ଯ୍ୟାଳୟର ଆଦିତ୍ୟ ନାରାୟଣ ସେଠୀଙ୍କୁ ଭୁବନେଶ୍ୱର ସିଟି ବନଖଣ୍ଡର ଡିଏଫ୍‌ଓ ଭାବେ ଦାୟିତ୍ୱ ଦିଆଯାଇଛି। ରାଉରକେଲାର ପୂର୍ବତନ ଡିଏଫ୍‌ଓ ଯଶବନ୍ତ ସେଠୀଙ୍କୁ ବଣାଇ ବନଖଣ୍ଡର ଡିଏଫ୍‌ଓ ଓ ପ୍ରଭାକର ସେନାପତିଙ୍କୁ ଫୁଲବାଣୀ(କେନ୍ଦୁପତ୍ର) ବନଖଣ୍ଡର ଡିଏଫ୍‌ଓ ଭାବେ ଅବସ୍ଥାପିତ କରାଯାଇଛି। ଅଜୟ କୁମାର ସାହୁଙ୍କୁ କରଞ୍ଜିଆ ବନଖଣ୍ଡର ଡିଏଫ୍‌ଓ ଓ ଶୁଭେନ୍ଦୁ କୁମାର ବେହେରାଙ୍କୁ ବଲାଙ୍ଗୀର(କେନ୍ଦୁପତ୍ର) ବନଖଣ୍ଡର ଡିଏଫ୍‌ଓ ଭାବେ ନିଯୁକ୍ତି ମିଳିଛି। ରାୟଗଡ଼ାର ସିଲଭିକଲଚରିଷ୍ଟ ଅରୁଣ କୁମାର ବିଶ୍ୱାଳଙ୍କୁ ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡର ଡିଏଫ୍‌ଓ ଏବଂ ତାଙ୍କ ସ୍ଥାନରେ କୋରାପୁଟ ବନଖଣ୍ଡର ପୂର୍ବତନ ଡିଏଫ୍‌ଓ କେ ଭି ଭାସ୍କର ରାଓ ରାୟଗଡ଼ାର ନୂଆ ସିଲଭିକଲଚରିଷ୍ଟ ଭାବେ ବଦଳି କରାଯାଇଛି। ସେହିପରି ପ୍ରତାପ ବେହେରାଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଡେପୁଟି ସିଏଫ୍, ସସ୍ମିତା ଲେଙ୍କାଙ୍କୁ ଓଏଫ୍‌ଡିସିର ଡିଏମ୍, ଜିତେନ୍ଦ୍ର ବେହେରାଙ୍କୁ ପିସିସିଏଫ୍ ଅଫିସ୍‌ର ଡେପୁଟି ସିଏଫ୍, ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ପିସିସିଏଫ୍ କାର୍ଯ୍ୟାଳୟର ଡେପୁଟି ସିଏଫ୍ ଭାବେ ବଦଳି ହୋଇଛନ୍ତି।

## ଦଶାହ ଭୋଜି ଖାଇ ୪ ମୃତ୍ୟୁ, ୨୮ ଅସୁସ୍ଥ
## ଦୁଃଖ ପ୍ରକାଶ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ରାଉରକେଲା, ନ୍ୟୁଜ ବ୍ୟୁରୋ**

ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ବ୍ଲକ୍ ଅନ୍ତର୍ଗତ ନୂଆଡିହି ଗାଁରେ ଦଶାହ ଭୋଜି ଖାଇବା ପରେ ସମ୍ଭାବ୍ୟ ଖାଦ୍ୟ ବିଷକ୍ରିୟା ଯୋଗୁଁ ୪ ଜଣଙ୍କ ମୃତ୍ୟୁ ଘଟିଛି । ଏଥିସହିତ ଗାଁର ୨୮ ଜଣ ଅସୁସ୍ଥ ହୋଇ ପଡ଼ିଛନ୍ତି। ମୃତକଙ୍କ ମଧ୍ୟରୁ ୨ ଜଣ ସୁନ୍ଦରଗଡ଼ ଜିଲ୍ଲାର ଏବଂ ଅନ୍ୟ ୨ ଜଣ ଝାରସୁଗୁଡ଼ା ଜିଲ୍ଲାର ବୋଲି ଜଣାପଡ଼ିଛି। ଘଟଣା ପରେ ସୁନ୍ଦରଗଡ଼ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ରବିବାର ଗାଁରେ ପହଞ୍ଚି ତଦନ୍ତ କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଛି । ଏହି ଖବର ପାଇବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଦୁଃଖ ପ୍ରକାଶ କରିବା ସହ ଚିକିତ୍ସାଧୀନ ଲୋକଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ନୂଆଡିହି ଗାଁର ଦିଲୀପ ନାୟକ ତାଙ୍କ ପିତାଙ୍କ ଦଶାହ ଭୋଜି ଗୁରୁବାର ଆୟୋଜିତ କରିଥିଲେ। ଏହି ଭୋଜିରେ ସୁନ୍ଦରଗଡ଼ ଓ ପଡ଼ୋଶୀ ଝାରସୁଗୁଡ଼ା ଜିଲ୍ଲାର ଅନେକ ଲୋକ ଯୋଗ ଦେଇଥିଲେ। ଭୋଜି ଖାଇବା ପରେ ଶୁକ୍ରବାରଠାରୁ ଅନେକ ଲୋକଙ୍କର ବାନ୍ତି, ପେଟ ଯନ୍ତ୍ରଣା ଓ ଝାଡ଼ା ଲକ୍ଷଣ ଦେଖା ଦେଇଥିଲା। ଖବର ପାଇ ଶନିବାର ହେମଗିରି କମ୍ୟୁନିଟି ହେଲଥ ସେଣ୍ଟର (ସିଏଚସି)ର ସ୍ୱାସ୍ଥ୍ୟକର୍ମୀମାନେ ଗାଁରେ ପହଞ୍ଚି ଅସୁସ୍ଥ ୨୮ ଜଣଙ୍କୁ ଚିକିତ୍ସା ପାଇଁ ହେମଗିରି ସିଏଚସିରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପରେ ସେଠାରୁ ଜଣେ ଗୁରୁତର ରୋଗୀଙ୍କୁ ବୁର୍ଲା ଭିମସାରକୁ ପଠାଯାଇଛି। ରବିବାର ସୁଦ୍ଧା ୯ ଜଣଙ୍କୁ ହେମଗିରି ସିଏଚସିରୁ ଡିସଚାର୍ଜ କରାଯାଇଛି। ଚିକିତ୍ସାଧୀନ ଥିବାବେଳେ ନୂଆଡିହି ଗାଁର ୫୦ ବର୍ଷୀୟା ରାଇବାରୀ ପ୍ରଧାନଙ୍କ ଶନିବାର ରାତିରେ ହେମଗିରି ସିଏଚସିରେ ମୃତ୍ୟୁ ଘଟିଥିଲା। ସେହିପରି ଭିମସାରରେ ଚିକିତ୍ସାଧୀନ ନୂଆଡିହି ଗାଁର ମଙ୍ଗଳ ସାଇ ନାୟକଙ୍କ ରବିବାର ସକାଳେ ମୃତ୍ୟୁ ହୋଇଥିଲା। ଏହାଛଡ଼ା ଝାରସୁଗୁଡ଼ା ଜିଲ୍ଲାରୁ ଭୋଜିରେ ଯୋଗ ଦେଇଥିବା ସୁନାଖାଇଁ ଗାଁର ଉଲ୍ଲାସ ଖଡ଼ିଆ (୪୦) ଏବଂ ଲଖନପୁର ଗାଁର ସୁକାନ୍ତି ଖଡ଼ିଆ (୬୦)ଙ୍କ ମଧ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ରବିବାର ସ୍ୱାସ୍ଥ୍ୟ ବିଭାଗର ଏକ ବିଶେଷ ଟିମ୍ ନୂଆଡିହି ଗାଁକୁ ପହଞ୍ଚି ଘରେ ଘରେ ସର୍ଭେ କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ, ଏପିଡେମିଓଲଜିଷ୍ଟ, ମାଇକ୍ରୋବାୟୋଲଜିଷ୍ଟ ଓ ସ୍ୱାସ୍ଥ୍ୟ ସୁପରଭାଇଜରମାନେ ଗାଁରେ ପହଞ୍ଚି ଅନ୍ୟ ଆକ୍ରାନ୍ତମାନଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା କରିଥିଲେ। ରେକ୍ଟାଲ ସ୍ୱାବ, ମଳ ନମୁନା ଓ ଗାଁର କୂଅଁ ଏବଂ ବୋରୱେଲରୁ ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ଏଥିସହିତ କୂଅ ଓ ବୋରୱେଲକୁ ବିଶୋଧନ ମଧ କରାଯାଇଛି।

## ୟୁପି ହାପୁରରେ ଅଦିନିଆ ରଥଯାତ୍ରା ସ୍ଥଗିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ୟୁପି ହାପୁରରେ ହେବାକୁ ଥିବା ଅଦିନିଆ ରଥଯାତ୍ରା ସ୍ଥଗିତ ରହିଛି। ଜୁନ୍ ୧୬ରେ ରଥଯାତ୍ରା କରିବାକୁ ହାପୁର ଜଗନ୍ନାଥ ମନ୍ଦିର ନିଷ୍ପତି ନେଇଥିଲା। ଏହା ଉପରେ ଅସନ୍ତୋଷ ପ୍ରକାଶ କରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ହାପୁର ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ। ଏହାପରେ ହାପୁର ଜଗନ୍ନାଥ ମନ୍ଦିର ରଥଯାତ୍ରାକୁ ସ୍ଥଗିତ ରଖିବା ସହ ପୁରୀ ଶ୍ରୀଜଗନ୍ନାଥ ଧାମ ଦ୍ୱାରା ଧାର୍ଯ୍ୟ ଜୁଲାଇ ୧୬ରେ ରଥଯାତ୍ରା ପାଇଁ ନିଷ୍ପତି ନେଇଛି। ଏସମ୍ପର୍କରେ ହାପୁର ଜିଲ୍ଲାପାଳ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖି ଅବଗତ କରିଛନ୍ତି। ଏହାପରେ ହାପୁର ଜିଲ୍ଲାପାଳଙ୍କୁ ଶ୍ରୀମନ୍ଦିର ପ୍ରଶାସନ କୃତଜ୍ଞତା ଜଣାଇଛି।

## କୁଆଖାଇ ନଦୀତଟରୁ ୩୮ଟି ହାଇୱା ଓ ୧ଟି ଜେସିବି ଜବତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବାଲି ଚୋରା ଚାଲାଣ ରୋକିବା ପାଇଁ ନନ୍ଦନକାନନ ପୋଲିସ ପକ୍ଷରୁ ବିଶେଷ ଅଭିଯାନରେ କୁଆଖାଇ ନଦୀତଟରୁ ୩୮ଟି ହାଇୱା ଓ ୧ଟି ଜେସିବି ଜବତ କରାଯାଇଛି। ସୂଚନା ଅନୁଯାୟୀ ଗତକାଲି ରାତିରେ କଲ୍ୟାଣପୁର ବାଲିଘାଟରୁ ଅବୈଧ ଭାବେ, ବିନା ସଠିକ କାଗଜପତ୍ର ରେ ବାଲିର ଚୋରା ଚାଲାଣ କରୁଥିବା ୩୮ଗୋଟି ହାଇୱା , ଗୋଟିଏ ଜେସିବି ଓ ୨ ଟି ପ୍ରୋକଲିନ୍ କୁ ଜବତ କରି ତାଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।


ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
****
ଅଧିସୂଚନା

24001/177/2627

No. RDM-LAB-GM-0046-2025- 49181 / R&DM, Dated 30.12.2025

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାରେ ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- ବଡାଗଡ, ଥାନା- ପାଟପୁର, ତହସିଲ- ସାନଖେମୁଣ୍ଡି, ଜିଲ୍ଲା- ଗଞ୍ଜାମ ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୦.୧୮୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧିକ୍ଷଣ ଯନ୍ତ୍ରୀ, ଛେଳିଗଡ଼ କେନାଲ ବିଭାଜନ ,ଦିଗପହଣ୍ଡି ଗଞ୍ଜାମ ।
୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା। (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) ।
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା ୨୦୯୬୫ dated ୧୧.୦୬.୨୦୨୫ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରା ରେ ଅନୁମୋଦନ ହୋଇଅଛି।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ ।

୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ବଡାଗଡ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧.୨୪୦ | ଏ ୦.୧୮୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ବଡାଗଡ଼ ଗ୍ରାମର ଜମିର ବିବରଣୀ
ତହସିଲ: ସାନଖେମୁଣ୍ଡି ଜିଲ୍ଲା: ଗଞ୍ଜାମ

| ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ରକବା | କିସମ | ରୟତ ଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୭୦ | ୫୭୦ | ୦.୯୧୫ | ୦.୧୪୫ | ବିଲ ଅଣଜଳସେଚିତ ଏକ | ଦଣ୍ଡପାଣି ପାଣିଗ୍ରାହି ପି:କୃଷ୍ଣ ପାଣିଗ୍ରାହି ଜା: ବ୍ରାହ୍ମଣ ବା: ପୋଡ଼ାମାରି | |
| ୧୧୧ | ୫୬୬ | ୦.୨୧୫ | ୦.୦୨୫ | ବିଲ ଅଣଜଳସେଚିତ ଏକ | ବୃନ୍ଦାବନ ଗଉଡ଼, ନାଥ ଗଉଡ଼, ଚନ୍ଦ୍ରମା ଗଉଡ଼, ଶାରି ଗଉଡ଼ ପି: ଡବଟିଆ ଗଉଡ଼, ପାଟ ଗଉଡ଼ ସ୍ୱା: ଡବଟିଆ ଗଉଡ଼, ଖୁଦୁ ଗଉଡ଼ ପି: କଡାରୁ ଗଉଡ଼ ଜା: ଗଉଡ଼ ବା: ନିଜଗାଁ | |
| ୧୩୭ | ୫୬୭ | ୦.୧୧୦ | ୦.୦୧୦ | ବିଲ ଅଣଜଳସେଚିତ ଏକ | ରାହାସ ନାଇକ ପି:ଭିକା ନାଇକ ଜା: ଶୁଦ୍ର ଶବର ବା: ନିଜଗାଁ | |
| | ମୋଟ | | ୦.୧୮୦ | ଏକର | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ମଧୁସ୍ମିତା ସାହୁ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0047



पावरग्रिड POWERGRID

1. ସିଇଆରସି (ବ୍ୟବସାୟ ଆଚରଣ) ନିୟମାବଳୀ '୧୯୯୯ ଏବଂ ସିଇଆରସି (ଶୁଳ୍କର ନିୟମାବଳୀ ଏବଂ ସର୍ତ୍ତାବଳୀ) ନିୟମାବଳୀ '୨୦୧୯ର ନିୟମାବଳୀ-୮୬ ଅନୁଯାୟୀ ପ୍ରଥମ ଅନୁମୋଦନ) ୨୦୧୯-୨୪ ଟାରିଫ୍ ବ୍ଲକ ପାଇଁ ଟ୍ରାନ୍ସମିସନ୍ ଟାରିଫ୍‌ର ସତ୍ୟତା ଏବଂ ଦ୍ୱିତୀୟ) ପୂର୍ବ କ୍ଷେତ୍ରରେ 'ଇଆର୍ ଗ୍ରୀଡ୍ ଏବଂ ଅନ୍ୟାନ୍ୟ ଅଞ୍ଚଳ ସହିତ ସଂଯୋଗୀକରଣ ମଧ୍ୟରେ ଓପିଜିଡବ୍ଲୁ ନେଟୱାର୍କକୁ ସୁଦୃଢ଼ କରିବା' ଅଧୀନରେ ସମ୍ପତ୍ତି ପାଇଁ ୨୦୨୪-୨୯ ଟାରିଫ୍ ବ୍ଲକ ପାଇଁ ଟ୍ରାନ୍ସମିସନ୍ ଟାରିଫ୍‌ର ନିର୍ଦ୍ଧାରଣ।
2. ଉପରୋକ୍ତ ପରିବହନ ବ୍ୟବସ୍ଥାର ଲାଭାର୍ଥୀମାନେ ହେଉଛନ୍ତି: (୧) ବିହାର ଷ୍ଟେଟ୍ ପାୱାର (ହୋଲ୍ଡିଂ) କମ୍ପାନୀ ଲିମିଟେଡ୍, (୨) ପଶ୍ଚିମବଙ୍ଗ ରାଜ୍ୟ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଲିମିଟେଡ୍, (୩) ଗ୍ରୀଡ୍ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍, (୪) ଦାମୋଦର ଭ୍ୟାଲି କର୍ପୋରେସନ୍, (୫) ଶକ୍ତିବିଭାଗ ସିକିମ୍ ସରକାର, ଗ୍ୟାଙ୍ଗଟକ୍, (୬) ଝାଡ଼ଖଣ୍ଡ ବିଜଳି ବଣ୍ଟନ ନିଗମ ଲିମିଟେଡ୍, (୭) ଝାଡ଼ଖଣ୍ଡ ଉର୍ଜା ସଞ୍ଚରଣ ନିଗମ ଲିମିଟେଡ୍।
3. ଶୁଳ୍କ ବିବରଣୀ:
ଏ) ୨୦୧୯-୨୪ ବ୍ଲକ୍ (₹ ଲକ୍ଷରେ)

| ସମ୍ପତ୍ତି ବିବରଣୀ | ସିଓଡି | ସମାପ୍ତି ମୂଲ୍ୟ ୩୧.୦୩.୨୦୨୪ ଅନୁଯାୟୀ | ଶୁଳ୍କ | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|---|---|---|
| ସମ୍ପତ୍ତି-୧ | 23.03.2023 | 173.57 | ଟ୍ରୁଇଂ ଅପ୍ ଉପରେ ଆଧାରିତ ସଂଶୋଧିତ ଏଏଫ୍‌ସି | - | - | - | 0.53 | 25.63 |
| ସମ୍ପତ୍ତି-୨ | 24.03.2023 | 184.85 | | - | - | - | 0.50 | 27.31 |
| ସମ୍ପତ୍ତି-୩ | 13.04.2023 | 209.20 | | - | - | - | - | 31.09 |
| ସମ୍ପତ୍ତି-୪ | 06.06.2023 | 131.93 | | - | - | - | - | 16.31 |
| ସମ୍ପତ୍ତି-୫ | 14.10.2023 | 975.33 | | - | - | - | - | 77.11 |
| ସମ୍ପତ୍ତି-୬ | 18.11.2023 | 424.71 | | - | - | - | - | 31.60 |
| ସମ୍ପତ୍ତି-୭ | 13.01.2024 | 305.23 | | - | - | - | - | 10.31 |
| ସମ୍ପତ୍ତି-୮ | 23.01.2024 | 731.54 | | - | - | - | - | 27.81 |
| ସମ୍ପତ୍ତି-୯ | 25.01.2024 | 152.24 | | - | - | - | - | 7.13 |

ବି) ୨୦୨୪-୨୯ ବ୍ଲକ୍ (₹ ଲକ୍ଷରେ)

| ସମ୍ପତ୍ତି ବିବରଣୀ | ସମାପ୍ତି ମୂଲ୍ୟ ୩୧.୦୩.୨୦୨୯ ଅନୁଯାୟୀ | ଶୁଳ୍କ | 2024-25 | 2025-26 | 2026-27 | 2027-28 | 2028-29 |
|---|---|---|---|---|---|---|---|
| ମିଳିତ ସମ୍ପତ୍ତି-୧ | 17779.31 | ଏଏଫ୍‌ସି | 177.89 | 189.32 | 192.63 | 186.82 | 181.03 |
| ମିଳିତ ସମ୍ପତ୍ତି-୨ | 17779.31 | ଏଏଫ୍‌ସି | 350.23 | 437.25 | 459.15 | 445.27 | 431.37 |
| ମିଳିତ ସମ୍ପତ୍ତି-୩ | 17779.31 | ଏଏଫ୍‌ସି | 195.04 | 207.23 | 207.10 | 199.74 | 192.39 |

4. ଶୁଳ୍କ ନିର୍ଣ୍ଣୟ ପାଇଁ ପ୍ରସ୍ତୁତ ଆବେଦନର ଏକ ନକଲ ଆବେଦନକାରୀଙ୍କ ୱେବସାଇଟରେ www.powergrid.in ରେ ପୋଷ୍ଟ କରାଯାଇଛି।
5. ଆବେଦନରେ ଥିବା ଶୁଳ୍କ ନିର୍ଣ୍ଣୟ ପାଇଁ ପ୍ରସ୍ତାବ ଉପରେ ଯଦି କୌଣସି ବ୍ୟକ୍ତି ହିତାଧିକାରୀଙ୍କ ସମେତ ଅଭିଯୋଗ ଥାଏ ତେବେ ସଚିବ, କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ, ଷଷ୍ଠ, ସପ୍ତମ ଏବଂ ଅଷ୍ଟମ ମହଲା, ଟାୱାର ବି, ବିଶ୍ୱ ବାଣିଜ୍ୟ କେନ୍ଦ୍ର, ନୌରୋଜୀ ନଗର, ନୂଆଦିଲ୍ଲୀ- ୧୧୦୦୨୯ (କିମ୍ବା ଅନ୍ୟ ଠିକଣା ଯେଉଁଠାରେ ଆୟୋଗର କାର୍ଯ୍ୟାଳୟ ଅବସ୍ଥିତ) ଏହି ବିଜ୍ଞପ୍ତି ପ୍ରକାଶ ହେବାର ୩୦ ଦିନ ମଧ୍ୟରେ ଆବେଦନକାରୀଙ୍କୁ କର୍ପୋରେଟ କାର୍ଯ୍ୟାଳୟର ଠିକଣାରେ ଏକ କପି ସହିତ ପଠାଇବାକୁ ହେବ।

ସ୍ଥାନ-ଗୁରୁଗ୍ରାମ
ତାରିଖ-୨୨.୦୫.୨୦୨୬

ଜେନେରାଲ୍ ମ୍ୟାନେଜର
(ବାଣିଜ୍ୟିକ)

PG/CC/Notice-18/Advt-22/2026-27Adfactors

ପାୱାରଗ୍ରୀଡ୍ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଏଣ୍ଟରପ୍ରାଇଜ୍)
ରେଜିଷ୍ଟ୍ରେଡ୍ ଅଫିସ୍ : ବି-୯, କୁତବ ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, କଟୱାରିଆ ସରାଇ, ନୂଆଦିଲ୍ଲୀ-110016
କର୍ପୋରେଟ୍ ଅଫିସ : ସୌଦାମିନି, ପ୍ଲଟ ନଂ-୨, ସେକ୍ଟର-୨୯, ଗୁରୁଗ୍ରାମ-122001 (ହରିୟାନା)
www.powergrid.in, CIN: L40101DL1989GOI038121
A Maharatna PSU

ଭୁବନେଶ୍ୱର, ୨୫ ମଇ, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ତାତି ଦାଉରୁ ରକ୍ଷା ପାଇଁ ନନ୍ଦନକାନନରେ ବିଶେଷ ବ୍ୟବସ୍ଥା : ଭାଲୁ ପାଇଁ ବରଫ, ସିମ୍ପାଞ୍ଜିଙ୍କୁ ଥଣ୍ଡା ରଖୁଛି ଏୟାର କୁଲର



**ଭୁବନେଶ୍ୱର, ୨୪/୦୫ ନ୍ୟୁଜ ବ୍ୟୁରୋ**

ସାରା ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରଚଣ୍ଡ ତାତିରେ କେବଳ ମଣିଷ ନୁହେଁ, ପଶୁ-ପକ୍ଷୀ ମଧ୍ୟ କଲବଲ ହେଉଛନ୍ତି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ନନ୍ଦନକାନନ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ୪ ହଜାରରୁ ଅଧିକ ପଶୁ-ପକ୍ଷୀଙ୍କୁ ଅଂଶୁଘାତରୁ ରକ୍ଷା କରିବା ପାଇଁ ବ୍ୟାପକ ପ୍ରସ୍ତୁତି କରିଛନ୍ତି। ଏୟାର କୁଲର, ସ୍ପ୍ରିଙ୍କଲର, ପାଣି ସିଞ୍ଚନର ବ୍ୟବସ୍ଥା ହୋଇଛି। ଏଥିସହ କାକୁଡି, ତରଭୁଜ, ସେଓ ପରି ଜଳଯୁକ୍ତ ଫଳମୂଳର ବ୍ୟବସ୍ଥା କରାଯାଉଛି। ଗରମ ଲହରୀ ମଧ୍ୟରେ ନନ୍ଦନକାନନ କର୍ତ୍ତୃପକ୍ଷ ପ୍ରାଣୀମାନଙ୍କର ବିଶେଷ ଯତ୍ନ ନେଉଛନ୍ତି। ଏୟାର କୁଲର, ବରଫ ସ୍ଲାବ୍ ଏବଂ ଖୁଆଡ଼ ଉପରେ ପାଣି ସିଞ୍ଚନ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିଛନ୍ତି । ଚିଡ଼ିଆଖାନାରେ ଥିବା ପ୍ରାଣୀ ଏବଂ ପକ୍ଷୀମାନଙ୍କୁ ତରଭୁଜ, ଆଖୁ ଏବଂ ଗରମ ପ୍ରତିରୋଧୀ ଔଷଧ ଯୋଗାଇ ଦିଆଯାଉଛି । ଘେରା ଗୁଡ଼ିକ ବାଉଁଶ ସେଡ୍ ଦ୍ୱାରା ଆଚ୍ଛାଦିତ ହୋଇଛି । ପ୍ରାଣୀମାନେ ଯେପରି ଆଶ୍ରୟ ନେଇପାରିବେ ଏବଂ ସୂର୍ଯ୍ୟ କିରଣର ସଂସ୍ପର୍ଶରେ ନ ଆସିପାରିବେ ସେଥିପାଇଁ ଅନ୍ୟାନ୍ୟ ଅସ୍ଥାୟୀ ବ୍ୟବସ୍ଥା ମଧ୍ୟ କରାଯାଇଛି। ସମସ୍ତ ଏନକ୍ଲୋଜରରେ ୨୪ ଘଣ୍ଟିଆ ପର୍ଯ୍ୟାପ୍ତ ପାଣି ମହଜୁଦ କରାଯାଉଛି । ମାଙ୍କଡ଼, ସିମ୍ପାଞ୍ଜି, ଗିବନ୍ ଏବଂ ପକ୍ଷୀ ଭଳି ପ୍ରାଣୀ ଯେଉଁମାନେ ଗ୍ରୀଷ୍ମ ପ୍ରବାହର ଶିକାର ହୁଅନ୍ତି ସେମାନଙ୍କ ପ୍ରତି ବିଶେଷ ଯତ୍ନ ନିଆଯାଉଛି। ଭାଲୁମାନଙ୍କ ପାଇଁ ବରଫ ପାଣିରେ ଗାଧୋଇବା ପାଇଁ ବ୍ୟବସ୍ଥା ମଧ୍ୟ କରାଯାଇଛି । ସେହିପରି ପକ୍ଷୀମାନଙ୍କ ପାଇଁ କୃତ୍ରିମ ଝରଣା ସୃଷ୍ଟି କରାଯାଇଛି । ସେମାନଙ୍କ ଉପରେ ନିୟମିତ ପାଣି ଛିଞ୍ଚାଯାଉଛି। ଗ୍ରୀଷ୍ମ ପ୍ରବାହ ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଖାଦ୍ୟ ଅନୁଯାୟୀ, ପଶୁମାନଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି । ପ୍ରତିଦିନ ପଶୁମାନଙ୍କୁ ପ୍ରଚୁର ରସ ଏବଂ ଜଳଯୁକ୍ତ ଫଳ ମଧ୍ୟ ଯୋଗାଇ ଦିଆଯାଉଛି। ସରୀସୃପ ଉଦ୍ୟାନରେ ପର୍ଯ୍ୟାପ୍ତ ପାଣି ଏବଂ ବରଫ ରଖାଯାଇଛି। ଜିରାଫ ଏନକ୍ଲୋଜରରେ ଫଗିଂ ସିଷ୍ଟମ ବ୍ୟବହାର କରାଯାଉଛି। ନନ୍ଦନକାନନର ଉପ ନିର୍ଦ୍ଦେଶକ ପ୍ରଦୀପ ମିରାସେ କହିଛନ୍ତି, 'ଗ୍ରୀଷ୍ମ ତାତିରୁ ଜୀବଜନ୍ତୁଙ୍କ ରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ନଡା, ପାଣି ସିଞ୍ଚନ ସମେତ ଥଣ୍ଡାଯୁକ୍ତ ଖାଦ୍ୟ ପେୟରେ ମଧ୍ୟ ବ୍ୟବସ୍ଥା କରାଯାଇଛି।' ସିମ୍ପାଞ୍ଜି, ମାଙ୍କଡ଼ ଓ ସରୀସୃପଙ୍କ ଖୁଆଡ଼ରେ ଏୟାର କୁଲରର ବ୍ୟବସ୍ଥା କରାଯାଇଛି । ପକ୍ଷୀଙ୍କ ବସା ଉପରେ ଗ୍ରିନ୍ ନେଟ୍ ଓ ଅନ୍ୟ ଜନ୍ତୁଙ୍କ ରହିବା ସ୍ଥାନ ଉପରେ ନଡ଼ା/ବାଉଁଶର ଛପର ମଧ୍ୟ କରାଯାଇଛି। ବାଘ, ସିଂହ ଓ ଭାଲୁଙ୍କ ଖୁଆଡ଼ କୁଣ୍ଡରେ ପର୍ଯ୍ୟାପ୍ତ ପାଣି ସହ ବରଫ ପକାଯାଇଛି । ଯାହାଦ୍ୱାରା ସେମାନେ ଗାଧୋଇ ନିଜକୁ ଥଣ୍ଡା ରଖୁଛନ୍ତି । ଏହା ସହିତ ବରଫ ମଧ୍ୟ ଖାଇବାକୁ ଦିଆଯାଉଛି । ତରଭୁଜ ସାଙ୍ଗକୁ ପାଣି ଜଳଯୁକ୍ତ ଫଳ ଆଦି ମଧ୍ୟ ଦିଆଯାଉଛି । ହାତୀଙ୍କୁ ଦିନକୁ ତିନିଥର ଗାଧୋଇ ଦିଆଯାଉଛି । ସେମାନେ ସଫାରୀ ପୋଖରୀରେ ଜଳକ୍ରୀଡ଼ା କରି ଗରମରୁ ଆରାମ ପାଉଛନ୍ତି ।

# ରଥଖଳାରେ ଚାଲିଛି ଚଉଦନାହାକା କାର୍ଯ୍ୟ : ଦେବୀ ରଥ ଅଖ ବଦଳିଲା

**ପୁରୀ, ୨୪/୦୫ ନ୍ୟୁଜ ବ୍ୟୁରୋ**

ଶ୍ରୀକ୍ଷେତ୍ରରେ ରଥଖଳା ଚଳଚଞ୍ଚଳ। ରଥ ଚାଳିରେ ଚଉଦନାହାକା ହଣା ଜାରି ରହିଛି । ବିଶ୍ୱକର୍ମାମାନେ ଏହି ଚଉଦନାହାକା କାଠକୁ ପ୍ରସ୍ତୁତ କରୁଛନ୍ତି । ଦଣ୍ଡା ଉପରେ ଖଦିଓରା ପଡ଼ିବ । ଚଉଦନାହାକାର ସାଲ ସବୁକୁ ଖଦିଓରାର ବିନ୍ଧରେ ସ୍ଥାପନ କରାଯିବ। ଚାରିନାହାକା ଓ ଛଅ କାଠକୁ ଦୃଷ୍ଟିଦେଇ ରଥରେ ବୁଲିବ ଚଉଦନାହାକା। ଏହାପରେ ପ୍ରଥମ ଭୂଇଁ ଟୁଙ୍ଗୁରା ହେବ ।

ରଥତ୍ରୟର ୪୨ ଚକ ଶେଷ ହୋଇ ସାଇତା ଯାଇଛି । ୨୧ ଅଖ ନିର୍ମାଣ ଶେଷ ହେଉଥିବା ସମୟକୁ ଦେବୀ ରଥର ଏକ ଅଖ ଦୁର୍ବଳ ଥିବା ନଜରକୁ ଆସିଲା । ଏହା ସାନଉଚ୍ଛୁଳା ତଥା ବ୍ରେକ୍ ଅଖ । କାଠ କାଟିବା ସମୟରେ ଉକ୍ତ କାଠ ଅଖ ପାଇଁ ଉପଯୁକ୍ତ ନୁହେଁ ଦର୍ଶାଯିବାରେ ଆଉ ଏକ କାଠ ନିର୍ମାଣକାରୀଙ୍କୁ ଯୋଗାଯାଇ ନୂତନ ଅଖ ନିର୍ମାଣ ଆରମ୍ଭ ହୋଇଛି। ସେହିଭଳି ଚଉଦନାହାକା ହଣା ସମୟରେ ଚାଳିରେ ଗୋଟିଏ କାଠ ଅନୁପଯୁକ୍ତ ଜାଣି ବଦଳା ଯାଇଛି ।



ରଥ ଅମିନଙ୍କ ପରାମର୍ଶ କ୍ରମେ ଦଣ୍ଡା ଖେଳାଇଛନ୍ତି ଭୋଇ ସେବକ। ଦଣ୍ଡା କାଠ ଯଥା ସ୍ଥାନରେ ପଡ଼ିଛି। ତିନି ରଥର ୧୨ଟି କରି ମୋଟ ୩୬ଟି ଚଉତା କାଠ । ଚକ ଓ ଅଖ ସଂଯୁକ୍ତ ହୋଇ ରଥର ମୂଳଦୁଆ ପ୍ରସ୍ତୁତ ହେବ । ଅଖ ଉପରେ ଦଣ୍ଡା ପଡ଼ିବ । ଦଣ୍ଡା ଉପରେ ଗରଗରା ରହିବ । ଗରଗରା ଉପରେ ଚାରି ନାହାକା ଉଠିବ । ପରେ ଚଉଦନାହାକା ବୁଲିବ । କୋଣଗୁଜରେ ଅଳଙ୍କରଣ କାର୍ଯ୍ୟ ଜାରି ରହିଛି । ମୁଖ୍ୟ କରତି ସେବକ ରଣଜିତ ମହାରଣାଙ୍କ ତତ୍ତ୍ୱାବଧାନରେ ଗୟଳ କାମ ଚାଲିଛି।

## ଇବୋଲା ଭାଇରସ୍‌କୁ ନେଇ ସମୀକ୍ଷା

# ଭୟଭୀତ ନହୋଇ ସଚେତନ ରହିବାକୁ ଅନୁରୋଧ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୪/୦୫ ନ୍ୟୁଜ ବ୍ୟୁରୋ**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼.ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଇବୋଲା ଭାଇରସ୍ ସମ୍ଭାବ୍ୟ ସଂକ୍ରମଣ ପ୍ରତିରୋଧ ଓ ପ୍ରସ୍ତୁତି ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟରେ ସତର୍କତାମୂଳକ ପଦକ୍ଷେପ, ଆବଶ୍ୟକ ସ୍ୱାସ୍ଥ୍ୟ ବ୍ୟବସ୍ଥାର ପ୍ରସ୍ତୁତି ଓ ଆବଶ୍ୟକ ଚିକିତ୍ସା ସୁବିଧା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ବିମାନବନ୍ଦରରେ ସ୍କ୍ରିନିଂ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସନ୍ଦିଗ୍ଧ ରୋଗୀଙ୍କ ଚିହ୍ନଟ, ଆଇସୋଲେସନ୍ ୱାର୍ଡର ପ୍ରସ୍ତୁତି, ଔଷଧ ଓ ସୁରକ୍ଷା ସାମଗ୍ରୀର ଉପଲବ୍ଧତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ବୈଠକରେ ଜନସାଧାରଣଙ୍କ ମଧ୍ୟରେ ଇବୋଲା ଭାଇରସ୍ ସମ୍ପର୍କିତ ସଚେତନତା ବୃଦ୍ଧି, ଭୟ ଓ ଗୁଜବକୁ ଦୂର କରିବା ପାଇଁ ସଠିକ୍ ସୂଚନା ପ୍ରଚାର କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି । ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼.ମୁକେଶ ମହାଲିଙ୍ଗ କହିଛନ୍ତି ଯେ, 'ରାଜ୍ୟ ସରକାର ଯେକୌଣସି ସମ୍ଭାବ୍ୟ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତିକୁ ସମ୍ମୁଖୀନ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ।' ସେ ଲୋକମାନଙ୍କୁ ଅଯଥା ଭୟଭୀତ ନ ହୋଇ ସଚେତନ ରହିବାକୁ ଅନୁରୋଧ କରିଛନ୍ତି। ବିମାନବନ୍ଦରରେ ପ୍ରତ୍ୟେକ ଯାତ୍ରୀଙ୍କର ଥର୍ମାଲ ସ୍କ୍ରିନିଂ କରାଯିବା ସହ ସେମାନଙ୍କର ଗତ ୨୧ ଦିନର ଟ୍ରାଭେଲ୍ ହିଷ୍ଟ୍ରି ଯାଞ୍ଚ କରାଯାଉଛି । ବିଶେଷକରି ବିଦେଶରୁ ଫେରୁଥିବା ଯାତ୍ରୀଙ୍କ ଉପରେ ଅଧିକ ସତର୍କତା ଅବଲମ୍ବନ କରାଯାଉଛି। ବ୍ୟାଙ୍କକ୍‌ରୁ ଫେରୁଥିବା ଯାତ୍ରୀମାନଙ୍କୁ ନେଇ ମଧ୍ୟ ସ୍ୱତନ୍ତ୍ର ନଜର ରଖାଯାଇଛି । ଯଦି କୌଣସି ଯାତ୍ରୀଙ୍କ ନିକଟରେ ସନ୍ଦେହଜନକ ଲକ୍ଷଣ ଦେଖାଯାଏ, ତେବେ ତୁରନ୍ତ ନିର୍ଦ୍ଦିଷ୍ଟ ଗାଇଡଲାଇନ୍ ଅନୁସାରେ ପରୀକ୍ଷା ଏବଂ ଚିକିତ୍ସା ବ୍ୟବସ୍ଥା କରାଯିବ । ତେବେ ଇବୋଲାର ପ୍ରାଥମିକ ଲକ୍ଷଣ ମଧ୍ୟରେ ହଠାତ ତୀବ୍ର ଜ୍ୱର, ମୁଣ୍ଡବିନ୍ଧା, ଗଳାବ୍ୟଥା, ମାଂସପେଶୀ ଯନ୍ତ୍ରଣା, ଦୁର୍ବଳତା ଏବଂ ଭୋକ ନ ଲାଗିବା ଆଦି ରହିଛି । ଗୁରୁତର ଅବସ୍ଥାରେ ପେଟବ୍ୟଥା, ବାନ୍ତି, ଝାଡ଼ା, ଶ୍ୱାସକଷ୍ଟ ଏବଂ କିଡ୍‌ନୀ ଓ ଲିଭର ସମସ୍ୟା ମଧ୍ୟ ଦେଖାଦେଇପାରେ । ସେହିପରି ବିଦେଶ ଯାତ୍ରା ପରେ ଏଭଳି ଲକ୍ଷଣ ଦେଖା ଦେଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, ଏନଏଚଏମ ଏମ୍‌ଡି ଡ. ବୃନ୍ଦା ଡି, ସ୍ୱତନ୍ତ୍ର ସଚିବ ଡ. ବିଜୟ ମହାପାତ୍ର, ସ୍ୱତନ୍ତ୍ର ସଚିବ ଡ. ନୀଳକଣ୍ଠ ମିଶ୍ର, ଭୁବନେଶ୍ୱର ଏୟାରପୋର୍ଟର ଡ଼ିଜିଏମ ଅପରେସନ ଉମାକାନ୍ତ ପଟେଲ, ବରିଷ୍ଠ ଅଧିକାରୀ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ରହିଥିଲେ ।



## ଦେଶର ନ୍ୟାୟିକ ବ୍ୟବସ୍ଥାକୁ ନେଇ ଆଶ୍ଚର୍ଯ୍ୟଜନକ ଖୁଲାସା

# ୪୦% ଆଇନଜୀବୀଙ୍କ ପାଖରେ ନକଲି ଡିଗ୍ରୀ

**ନୂଆଦିଲ୍ଲୀ, ୨୪/୦୫**

ଦେଶର ନ୍ୟାୟିକ ବ୍ୟବସ୍ଥା ସମ୍ପର୍କରେ ଏକ ଆଶ୍ଚର୍ଯ୍ୟଜନକ ଖୁଲାସା କରିଛନ୍ତି ବାର୍ କାଉନସିଲ ଅଫ୍ ଇଣ୍ଡିଆର ଅଧକ୍ଷ ମନନ କୁମାର ମିଶ୍ର । ଦେଶରେ ପ୍ରାୟ ୩୫ ରୁ ୪୦ ପ୍ରତିଶତ ଆଇନଜୀବୀ ନକଲି ଡିଗ୍ରୀଧାରୀ । ଜାଲ୍ ପ୍ରମାଣପତ୍ର ଆଧାରରେ କୋର୍ଟରେ କରୁଛନ୍ତି ଅଭ୍ୟାସ । ବିସିଆଇ ଏହି ବିଷୟରେ ଅବଗତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ବାର୍ କାଉନସିଲ ଅଫ୍ ଇଣ୍ଡିଆ ଜାଣନ୍ତି ଯେ କୋର୍ଟ ପରିସରରେ କଳା କୋଟ୍ ପିନ୍ଧି ଦେଖାଯାଉଥିବା ଆଇନଜୀବୀ ନକଲି ଡିଗ୍ରୀ କିଣିଛନ୍ତି । ଯେତେବେଳେ ବିସିଆଇ ଆଇନଜୀବୀମାନଙ୍କ ଡିଗ୍ରୀ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲା, ସେତେବେଳେ ବହୁ ଆଇନଜୀବୀ ଯାଞ୍ଚ ଫର୍ମ ପୂରଣ କରି ନଥିଲେ । ଏହି ସତ୍ୟକୁ ସେ ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଦୃଷ୍ଟିକୁ ଆଣିଛନ୍ତି । ନ୍ୟାୟପାଳିକା ଏବଂ ବାର୍ କାଉନସିଲ ଏହି ସମସ୍ୟାର ସମାଧାନ ପାଇଁ ଏକାଠି କାମ କରୁଛନ୍ତି । ସୋସିଆଲ ମିଡିଆରେ କକ୍ରୋଚ୍ ଜନତା ପାର୍ଟି ଚର୍ଚ୍ଚା ଭିତରେ ଏହି ବିବୃତି ଆଉ ଆଲୋଚନାକୁ ଖୋରାକ ଯୋଗାଉଛି । ଏକ ଶୁଣାଣି ସମୟରେ, ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କିଛି ଆଇନଜୀବୀଙ୍କ ଡିଗ୍ରୀର ସତ୍ୟତା ଉପରେ ପ୍ରଶ୍ନ ଉଠାଇଥିଲେ । ସେ କହିଥିଲେ ଯେ ଅନେକ ବେକାର ଯୁବକ ଏଭଳି ଡିଗ୍ରୀ ହାସଲ କରି ବ୍ୟବସ୍ଥା ଉପରେ ଆକ୍ରମଣ କରୁଛନ୍ତି। ପରେ ସିଜେଆଇ ସ୍ପଷ୍ଟ କରିଥିଲେ ଯେ, ସେ ନକଲି ଡିଗ୍ରୀ ଧରି ଆଇନ ଅଭ୍ୟାସ କରୁଥିବା ଲୋକଙ୍କ କଥା କହୁଥିଲେ। ମନନ କୁମାର ମିଶ୍ର ମଧ୍ୟ କହିଛନ୍ତି ଯେ ପ୍ରଧାନ ବିଚାରପତିଙ୍କ ମନ୍ତବ୍ୟ ସେମାନଙ୍କ ପ୍ରତି ଉଦ୍ଦିଷ୍ଟ ଯେଉଁମାନେ ନକଲି ଡିଗ୍ରୀ ଧରି କୋର୍ଟରେ ହାଜର ହେଉଛନ୍ତି। ସେ କହିଛନ୍ତି ଯେ ମୁଖ୍ୟ ବିଚାରପତି ସେମାନଙ୍କ ପ୍ରତି ଇଙ୍ଗିତ କରୁଛନ୍ତି ଯେଉଁମାନେ ନକଲି ଡିଗ୍ରୀ ହାସଲ କରନ୍ତି, କଳା କୋଟ୍ ଏବଂ ଗାଉନ୍ ପିନ୍ଧି କୋର୍ଟରେ ହାଜର ହେଉଛନ୍ତି । ଗତ ସପ୍ତାହରେ ବରିଷ୍ଠ ଆଇନଜୀବୀ ପଦବୀ ସମ୍ପର୍କରେ ଏକ ଆବେଦନ ଦାଖଲ କରିଥିବା ଜଣେ ଆଇନଜୀବୀଙ୍କୁ ଭର୍ତ୍ସନା କରିବା ସମୟରେ ପ୍ରଧାନ ବିଚାରପତି ଆଇନଜୀବୀଙ୍କ ଆଇନଗତ ଡିଗ୍ରୀର ସତ୍ୟତା ଉପରେ ସନ୍ଦେହ ପ୍ରକାଶ କରିଥିଲେ । ଭାରତୀୟ ବାର୍ ପରିଷଦଠାରୁ କାର୍ଯ୍ୟାନୁଷ୍ଠାନ ଆଶା ନକରି, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଦ୍ୱାରା ଡିଗ୍ରୀ ଯାଞ୍ଚ କରିବା ବିଷୟରେ ବିଚାର କରୁଛନ୍ତି ପ୍ରଧାନ ବିଚାରପତି।



# ଶୀତଳ ଷଷ୍ଠୀ ଯାତ୍ରା ପ୍ରସ୍ତୁତି ଆରମ୍ଭ : ଚଳିତ ଥର ସୁରକ୍ଷା ଦାୟିତ୍ୱରେ ୫୬ ପ୍ଲାଟୁନ ଫୋର୍ସ

**ସମ୍ବଲପୁର, ୨୪/୦୫ ନ୍ୟୁଜ ବ୍ୟୁରୋ**

ଆଗକୁ ଆସୁଛି ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା । ଆସନ୍ତା ଜୁନ୍ ୧୫ ତାରିଖରୁ ଏହା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଏହି ଯାତ୍ରା କିପରି ସୁନ୍ଦର, ଶୃଙ୍ଖଳିତ ଏବଂ ସୁରକ୍ଷିତ ଭାବେ ସମ୍ପନ୍ନ ହେବ ସେନେଇ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଥିବା ସୂଚନା ଦେଇଛନ୍ତି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର । ଏହି ବୈଠକରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଓ ପ୍ରମୁଖ ଯାତ୍ରା କମିଟିର ସଦସ୍ୟମାନେ ସାମିଲ ହୋଇଥିଲେ । ଆସନ୍ତା ଜୁନ୍ ୧୫ ତାରିଖରୁ ଶୀତଳ ଷଷ୍ଠୀ ଯାତ୍ରା ଆରମ୍ଭ ହେବାକୁ ଥିବାବେଳେ ଚଳିତ ବର୍ଷ ମଧ୍ୟ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଉଭୟ ସୁରକ୍ଷା ଓ ଶୃଙ୍ଖଳା ଉପରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି । ମୁଖ୍ୟତଃ ଯାତ୍ରା ପରିଚାଳନା ପାଇଁ ପ୍ରଶାସନ ଶୀତଳଷଷ୍ଠୀ ଯାତ୍ରା କମିଟି ଗୁଡ଼ିକ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିଛନ୍ତି । ସହରର ନନ୍ଦପଡ଼ା, ଝାଡ଼ୁଆପଡ଼ା ଏବଂ ବଡ଼ ସଡ଼କ ଭଳି ଅତ୍ୟଧିକ ଜନଗହଳି ହେଉଥିବା ଅଞ୍ଚଳରେ ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ଏଥର ସ୍ୱତନ୍ତ୍ର ପ୍ରସ୍ଥାନ ରୁଟ୍ ବ୍ୟବସ୍ଥା କରାଯିବ। ଫଳରେ ଜନସାଧାରଣ ସହଜରେ ଯାତ୍ରା ଦେଖି ବାହାରକୁ ଆସିପାରିବେ। ତେବେ ଯାତ୍ରା ପୂର୍ବରୁ ସହରର ରାସ୍ତାଘାଟ ସ୍ୱଚ୍ଛତା, ଡ୍ରେନେଜ୍ ମରାମତି, ଜବର ଦଖଲ ଉଚ୍ଛେଦ, ପ୍ରାକ୍-ପ୍ରସ୍ତୁତି କାର୍ଯ୍ୟ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଏହାସହ ଚଳିତ ଥର ଶୀତଳ ଷଷ୍ଠୀକୁ କେମିତି ଆହୁରି ସୁନ୍ଦର କରାଯିବ, ଭିଡ଼ ପରିଚାଳନା, ଲୋକଙ୍କୁ ଚିକିତ୍ସା ସେବା, ଅଗ୍ନିଶମ ବିଭାଗ କିପରି କାମ କରିବ ସେନେଇ ମଧ୍ୟ ଆଲୋଚନା ହୋଇଛି । ମୁଖ୍ୟତଃ ଯାତ୍ରା କମିଟିମାନଙ୍କ ସହ କିପରି ସମନ୍ୱୟ ରକ୍ଷା କରି ଅନୁଶାସନ ପୂର୍ବକ ଯାତ୍ରା କରାଯିବ, ସେନେଇ ଅଧିକ ଗୁରୁତ୍ୱ ଦିଆଯାଇଛି । ବର୍ତ୍ତମାନ ସହରରେ ସ୍ୱେରେଜ, ଡ୍ରେନ ସଫେଇ ଓ ୱାଟକୋର ଗ୍ୟାସ ପାଇପ୍ ଲାଇନ୍ କାର୍ଯ୍ୟ ଜାରି ରହିଥିବା ବେଳେ ଏହାକୁ ଯାତ୍ରା ପୂର୍ବରୁ ସମାପ୍ତ କରାଯିବ ବୋଲି କହିଛନ୍ତି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର । ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ମହାନଗର ନିଗମ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ମଧ୍ୟ ଖୋଲାଯିବ। ସହରର ବିଭିନ୍ନ ଛକରେ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରତି ପୂଜା କମିଟିକୁ ଓଆରଏସ୍ ପ୍ୟାକେଟ୍ ପ୍ରଦାନ ଏବଂ ଜରୁରୀକାଳୀନ ସେବା ପାଇଁ ମୋବାଇଲ୍ ଆମ୍ବୁଲାନ୍ସ ମୁତୟନ ରହିବ। ଖାଦ୍ୟ ସୁରକ୍ଷା ନେଇ ହୋଟେଲ ଓ ରେଷ୍ଟୁରାଣ୍ଟରେ ଖାଦ୍ୟମାନ ଯାଞ୍ଚ ହେବ। ଯାତ୍ରା ପାଇଁ ସହରରେ ଅନବରତ ପାନୀୟ ଜଳ ଯୋଗାଣ, ୱାଟକୋ ଓ ପିଏଚଡି ବିଭାଗ ବିଭିନ୍ନ ସ୍ଥାନରେ ଟାଙ୍କି ଏବଂ ପ୍ରତ୍ୟେକ ଶୋଭାଯାତ୍ରା ପାଇଁ ଗୋଟିଏ ଟ୍ୟାଙ୍କର ନିୟୋଜିତ କରିବେ। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟ ଜଳ ଯୋଗାଣରେ ସାମିଲ ହେବେ । ସହରରେ ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିଡବ୍ଲୁଓଡିଏଲ୍‌କୁ ନିର୍ଦ୍ଦେଶ ଦେଇଛି ପ୍ରଶାସନ । ରାସ୍ତାକଡ଼ ଏବଂ ରିଙ୍ଗ୍ ରୋଡ୍‌ରେ ଅଧିକ ଆଲୋକର ବ୍ୟବସ୍ଥା ସହ ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକର ମରାମତି କରାଯିବ। ଅନ୍ୟପଟେ ସମ୍ବଲପୁର ଏସ୍‌ପି ମୁକେଶ ଭାମୁ ସୂଚନା ଦେଇଛନ୍ତି, 'ଶୀତଳ ଷଷ୍ଠୀ ଯାତ୍ରା ସମୟରେ ସମ୍ବଲପୁର ସହରରେ ପ୍ରାୟ ୫୬ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯିବ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ନିଶା କାରବାର କରୁଥିବା ଲୋକମାନଙ୍କ ବିରୁଦ୍ଧରେ ବର୍ତ୍ତମାନ ଠାରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇ ସାରିଛି । ଶୋଭାଯାତ୍ରାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବାକୁ ପ୍ରସ୍ତୁତି କରାଯାଇଛି। ପୂର୍ବରୁ ଶୀତଳଷଷ୍ଠୀ ଯାତ୍ରା ପରିଚାଳନାରେ ଅଭିଜ୍ଞତା ଥିବା ଅନ୍ୟ ଜିଲ୍ଲାର ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ମଧ୍ୟ ଯାତ୍ରା ପରିଚାଳନାରେ ସାମିଲ କରାଯିବ ବୋଲି ସୂଚନା ମିଳିଛି।'



# ସ୍ୱାସ୍ଥ୍ୟକର୍ମୀଙ୍କ ହାତରୁ ଖସି ନବଜାତକର ମୃତ୍ୟୁ

**ଝାରସୁଗୁଡ଼ା ୨୪/୦୫ ନ୍ୟୁଜ ବ୍ୟୁରୋ**

ସ୍ୱାସ୍ଥ୍ୟକର୍ମୀଙ୍କ ଚରମ ଅବହେଳା। ଅକାଳରେ ବଳି ପଡ଼ିଲା ନବଜାତଙ୍କ ଜୀବନ। ପ୍ରସବ ପରେ ନବଜାତ ଶିଶୁ କନ୍ୟା ହାତରୁ ଖସି ପଡ଼ି ମୃତ୍ୟୁ ବରଣ କରିଛି। ଏଭଳି ଅଭାବନୀୟ ଘଟଣା ଲଖନପୁର ବ୍ଲକ୍ ପଲସଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଘଟିଛି। ମେଡିକାଲ୍ କର୍ମଚାରୀଙ୍କ ଅବହେଳା ଯୋଗୁଁ ଏଭଳି ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ନବଜାତ ଶିଶୁ କନ୍ୟାର ମୃତ୍ୟୁକୁ ନେଇ ହସ୍ପିଟାଲ୍ ପରିସରରେ ଉତ୍ତେଜନା ପ୍ରକାଶ ପାଇଛି । ଅଭିଯୁକ୍ତ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ କ୍ଷତିପୂରଣ ଦାବି କରିଛନ୍ତି ପରିବାରଲୋକ। ଘଟଣାସ୍ଥଳରେ ରେଙ୍ଗାଲି ପୁଲିସ ପହଞ୍ଚି ପଚରାଉଚରା କରିଥିବା ଜଣାପଡିଛି। ତେବେ ଏଭଳି ଅବହେଳା ପାଇଁ କିଏ ଦାୟୀ ତାକୁ ନେଇ ତଦନ୍ତ ଚାଲିଛି।

# ସେଲ୍‌ଫି ନେବା ହେଲା କାଳ : ଟ୍ରେନ୍ ବଗି ଉପରେ ଜଳିଗଲେ ଯୁବକ

**ଭୁବନେଶ୍ୱର,୨୪/୦୫ ନ୍ୟୁଜ ବ୍ୟୁରୋ**

ସେଲ୍‌ଫି ନେବା ହେଲା କାଳ । ଟ୍ରେନ୍ ବଗି ଉପରେ ଜଳିଗଲେ ଯୁବକ। ଭୁବନେଶ୍ୱରର ମଞ୍ଚେଶ୍ୱର ରେଳ ଷ୍ଟେସନ୍‌ରେ ଅଘଟଣ। ସୂଚନା ମୁତାବକ, ଯୁବକ ଜଣକ ସେଲ୍‌ଫି ନେବା ପାଇଁ ବଗି ଉପରେ ଚଢ଼ିଥିଲେ । ଫଟୋ ଉଠାଉଥିଲା ବେଳେ ଯୁବକ ଜଣକ ଜଳିଯାଇଥିବା ଜଣାପଡିଛି। ଗୁରୁତର ଅବସ୍ଥାରେ ଯୁବକଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଗୁରୁତର ଯୁବକ ଜଣକ ରାଜସ୍ଥାନର ବୋଲି ଜଣାପଡିଛି । ସେ ସିଟିଟିସିରେ ଟ୍ରେନିଂ ପାଇଁ ଭୁବନେଶ୍ୱର ଆସିଥିଲେ।


## ପ୍ରକାଶ ପାଇବାକୁ ଯାଉଛି...

ମାସିକ ଗଳ୍ପ ପତ୍ରିକା
"କଥାକଳିକା" ଜୁନ୍ ୨୦୨୬ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ସ୍ୱାଗତିକା ସେଠୀ
**ସମକାଳର କଥା :** କମଳା ଶତପଥୀ, ମନୋରଞ୍ଜନ ବେହେରା, ସୁକାନ୍ତି ରାଉତ, ସୁନନ୍ଦା ମହାନ୍ତି, କିଶୋର ଚନ୍ଦ୍ର ଦାଶ, ସୁନୀତା କର, ବାସନ୍ତୀ ଦାସ, ବୀରେଶ୍ୱର ମହାନ୍ତି ଓ ପ୍ରକାଶ ମହାପାତ୍ର।
**ଅନ୍ୟ ଭାଷାର କଥା :** ଅଶୋକ କୁମାର ସା
**ଯୁବ ମାନସର କଥା :** ପାରମିତା ସାହୁ, ପ୍ରଭାତୀ ଜେନା, ରୀତାଞ୍ଜଳି ସାହୁ, ରାଜେଶ କୁମାର ମହାରଣା, ପ୍ରତିଭା ପରିଜା ଓ ସରିତା ସିଂହ ମହାନ୍ତି।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


# ଗହୀରମଥାରେ ଅଲିଭ ରିଡ୍‌ଲେଙ୍କ ସାମୂହିକ ଅଣ୍ଡାଦାନ ପ୍ରଭାବିତ

**କେନ୍ଦ୍ରାପଡା, ୨୪/୦୫ ନ୍ୟୁଜ ବ୍ୟୁରୋ**

ଅଲିଭ ରିଡ୍‌ଲେ କଇଁଛଙ୍କ ଏନ୍ତୁଡିଶାଳ କେନ୍ଦ୍ରାପଡା ଜିଲ୍ଲାର ଗହିରମଥା। ଏହି ଜାତୀୟ ଉଦ୍ୟାନରେ ବଉଳା କୁମ୍ଭୀର ସମେତ ଏଠାରେ ଆସି ସାମୁଦ୍ରିକ ପରିବେଶରେ ଅଣ୍ଡା ଦେଇ ବିଶ୍ୱରେ ଏକ ପୂର୍ଣ୍ଣ ଓ ସକାରାତ୍ମକ ଛବି ଦେଇଛନ୍ତି ଅଲିଭ ରିଡ଼୍‌ଲେ କଇଁଛ । ସାରା ବିଶ୍ୱରେ ସାତୋଟି ପ୍ରଜାତି, ଭାରତରେ ଚାରୋଟି ପ୍ରଜାତିର କଇଁଛ ଦେଖା ଯାଉଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ଗହୀରମଥା ସାମୁଦ୍ରିକ ବେଳାଭୂମିରେ ଅଲିଭ ରିଡ୍‌ଲେ କଇଁଛଙ୍କ ମିଳନ ଓ ଅଣ୍ଡାଦାନ ପାଇଁ ଏହା ପ୍ରସିଦ୍ଧି ଲାଭ କରିଛି । ତେବେ ଜଳବାୟୁ ପରିବର୍ତ୍ତନ କାରଣରୁ ଚଳିତ ବର୍ଷ ଗହୀରମଥାରେ ଅଣ୍ଡାଦାନ ବନ୍ଦ ରହିଥିବା କହିଛନ୍ତି ପରିବେଶବିତ୍ । ଏହାକୁ ନେଇ ଚିନ୍ତା ପ୍ରକାଶ ପାଇଛି। ଦେଶ ବିଦେଶରୁ ପର୍ଯ୍ୟଟକମାନେ ବଉଳା କୁମ୍ଭୀର ଓ କଇଁଛମାନଙ୍କ ଜୀବନ ଯାପନ ଶୈଳୀକୁ ଦେଖିବାକୁ ଧାଇଁ ଆସିଥାନ୍ତି । ଏଠାରେ ଆସି ଲକ୍ଷ ଲକ୍ଷ ସଂଖ୍ୟାରେ କଇଁଛ ଫେବ୍ରୁୟାରୀ ପ୍ରଥମ ସପ୍ତାହ ଠାରୁ ଏପ୍ରିଲ ମାସ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଅଣ୍ଡାଦାନ କରିଥାନ୍ତି । ଯେଉଁଥିରୁ ଶାବକ କଇଁଛ ବାହାରିବା ପାଇଁ ଦେଢ଼ରୁ ଦୁଇମାସ ସମୟ ଲାଗିଥାଏ । ଏଠାରେ ସୁଦୂର ଶ୍ରୀଲଙ୍କା ସମେତ ଜାଫନା ଅଞ୍ଚଳରୁ ଅଲିଭ ରିଡ୍‌ଲେ କଇଁଛମାନେ ଆସି ଅଣ୍ଡାଦାନ କରୁଥିବାରୁ ଏହାକୁ ଅଲିଭ ରିଡ୍‌ଲେ କଇଁଛଙ୍କ ଏନ୍ତୁଡିଶାଳ ବୋଲି କୁହାଯାଏ । କେନ୍ଦ୍ରାପଡ଼ା ଜିଲ୍ଲାର ସାମୁଦ୍ରିକ ଅଭୟାରଣ୍ୟ ଗହୀରମଥାକୁ ସୁରକ୍ଷିତ ମନେକରି ବଂଶ ବୃଦ୍ଧି କରିବା ପାଇଁ ପ୍ରଶାନ୍ତ ମହାସାଗରରୁ ହଜାର ହଜାର ନଟିକାଲ ମାଇଲ୍ ସମୁଦ୍ରର ନୀଳ ଜଳରାଶିକୁ ଅତିକ୍ରମ କରି ବିରଳ ଅଲିଭ ରିଡ୍‌ଲେ କଇଁଛମାନେ ଆସିଥାନ୍ତି । ନଭେମ୍ବର ମାସର ଶୀତ ସାଙ୍ଗକୁ ଅଣ୍ଡାରୁ ଶାବକ ବାହାରିବା ପାଇଁ ମାର୍ଚ୍ଚ ମାସରୁ ମେ' ମାସ ପର୍ଯ୍ୟନ୍ତ ଉତ୍ତାପ ପାଇଁ ତତଲା ବାଲି ଓ ସମୁଦ୍ରର ଦକ୍ଷିଣା ପବନ ବଂଶ ବୃଦ୍ଧିରେ ସହାୟକ ହୋଇଥାଏ । ଏହି କଇଁଛମାନଙ୍କର ଆଗମନକୁ ଆଖିଆଗରେ ରଖି ଗହୀରମଥାକୁ ସରକାର ୧୯୯୭ ମସିହାରେ ସାମୁଦ୍ରିକ ଅଭୟାରଣ୍ୟ ଭାବେ ଘୋଷଣା କରିଥିଲେ। ଏମାନଙ୍କ ସୁରକ୍ଷା ପାଇଁ ପ୍ରତିବର୍ଷ ନଭେମ୍ବର ମାସ ୧ ତାରିଖ ଠାରୁ ମେ' ମାସ ୩୧ ତାରିଖ ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲାର ଧାମରା ଠାରୁ ଜଗତସିଂହପୁର ଜିଲ୍ଲାର ଦେବୀ ନଦୀ ମୁହାଣ ପର୍ଯ୍ୟନ୍ତ ସମୁଦ୍ର କୂଳ ଠାରୁ ୨୦ କିଲୋମିଟର ପର୍ଯ୍ୟନ୍ତ ଯନ୍ତ୍ର ଚାଳିତ ଡଙ୍ଗା ଏବଂ ମାଛ ମାରିବା ଉପରେ କଟକଣା କଡାକଡି ଭାବେ ଜାରି କରାଯାଇଥାଏ। ପ୍ରତିବର୍ଷ ଫେବ୍ରୁୟାରୀ ମାସ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହୋଇଥାଏ ବିରଳ ସାମୁଦ୍ରିକ କଇଁଛ ଅଲିଭ ରିଡ୍‌ଲେଙ୍କ ସାମୁହିକ ଅଣ୍ଡାଦାନ ପ୍ରକ୍ରିୟା । ଅଣ୍ଡାଦାନ ପାଇଁ ଋଷିକୂଲ୍ୟା, ଦେବୀ ଓ ଗହୀରମଥାକୁ ନଭେମ୍ବର ମାସରୁ କଇଁଛଙ୍କ ଆଗମନ ହୋଇଥାଏ। କିନ୍ତୁ ଚଳିତ ବର୍ଷ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ଗହୀରମଥାରେ ଅଲିଭ ରିଡ୍‌ଲେ କଇଁଛ ମାନଙ୍କର ସାମୁହିକ ଅଣ୍ଡାଦାନ ପ୍ରକ୍ରିୟା ବନ୍ଦ ରହିଛି । ଓଡ଼ିଶା ଉପକୂଳ ବିଶେଷ କରି କେନ୍ଦ୍ରାପଡା ଗହୀରମଥା ବେଳାଭୂମି ଓ ଗଞ୍ଜାମର ଋଷିକୁଲ୍ୟା ମୁହାଣରେ ଅଲିଭ ରିଡ୍‌ଲେ କଇଁଛଙ୍କ ପାଇଁ ବିଶ୍ୱର ସର୍ବବୃହତ ରୁକେରୀ ରହିଛି । ଯେଉଁଠାରେ ୨୦୨୫ ମସିହାରେ ୬.୮୨ ଲକ୍ଷ କଇଁଛ ଅଣ୍ଡାଦାନ ଦେଇଥିଲେ । ଯଦିଓ ଗହୀରମଥା ବିଶ୍ୱର ସର୍ବବୃହତ ଅଣ୍ଡା ଦେବା ସ୍ଥାନ ଭାବେ ପରିଚିତ ଯେଉଁଠାରେ ସାଧାରଣ ଭାବରେ ନଭେମ୍ବରରୁ ଜାନୁଆରୀ ମାସ ପର୍ଯ୍ୟନ୍ତ ପ୍ରାୟ ତିନି ମାସ ଧରି କଇଁଛଙ୍କ ମିଳନ ପର୍ବ ଜାରି ରହେ । ଏହା ପରେ ପାଖାପାଖି ଏପ୍ରିଲ ମାସ ପର୍ଯ୍ୟନ୍ତ ବେଳାଭୂମିରେ ଆରମ୍ଭ ହୋଇଥାଏ ଗଣ ଅଣ୍ଡାଦାନ ପ୍ରକ୍ରିୟା । ଭିତରକନିକା ଅଭୟାରଣ୍ୟ, ପୁରୀ ଜିଲ୍ଲା ଦେବୀ ନଦୀ ମୁହାଣ, ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ମଧ୍ୟ ପ୍ରତି ବର୍ଷ ଲକ୍ଷାଧିକ ସଂଖ୍ୟାରେ ଅଲିଭ ରିଡ୍‌ଲେ କଇଁଛ ଅଣ୍ଡା ଦେବାକୁ ଆସିଥାନ୍ତି।






## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com